# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଜୁନ୍ ୧୧/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Rayagada, Saturday, June 11/2022 Page 16 ₹ 7.00 ★

୧୨ଶ ଭାଗ ୧୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-







# ଦେଶବ୍ୟାପୀ ବିକ୍ଷୋଭ

## ନୂପୁର, ନବୀନଙ୍କୁ ଜେଲ ପଠାଅ

### ପ୍ରଫେଟ୍ ମହମ୍ମଦ ବିରୋଧୀ ମନ୍ତବ୍ୟ: ଆପତ୍ତି ଉଠାଇଲେ ସଂଖ୍ୟାଲଘୁ

**ନୂଆଦିଲ୍ଲୀ,୧୦।୬**

ଭାଜପା ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କୁ କେବଳ ମୁଖପାତ୍ର ପଦରୁ ହଟାଇ ଦଳରୁ ବାହାର କରିବା ପର୍ଯ୍ୟାପ୍ତ ନୁହେଁ। ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଏହି ଦୁଇଜଣଙ୍କୁ ତୁରନ୍ତ ଗିରଫ କରି ଜେଲ ପଠାଯାଉ। ଦେଶର ବିଭିନ୍ନ ଭାଗରେ ଶୁକ୍ରବାର ସମୂହ ନମାଜ ପାଠ ପରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଭାରତରେ ଇସ୍‌ଲାମୋଫୋବିଆ (ଇସ୍‌ଲାମ ପ୍ରତି ଭୟ), ଘୃଣା ମନ୍ତବ୍ୟ ଓ ସଂଖ୍ୟାଲଘୁଙ୍କ ଉପରେ ବଢୁଥିବା ବର୍ବରତାକୁ ଦେଶବ୍ୟାପୀ ବିରୋଧ କରାଯାଇଛି। ଜାତୀୟ ରାଜଧାନୀ ଦିଲ୍ଲୀ, ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚି ସମେତ ଉତ୍ତର ପ୍ରଦେଶର ଶାହରନପୁର, ମୋରଦାବାଦ ଓ ପ୍ରୟାଗରାଜ, ଫିରୋଜାବାଦ, ଦେଓବନ୍ଦର ମସ୍‌ଜିଦଗୁଡ଼ିକରେ ନମାଜ ପାଠ କରିବାକୁ ଆସିଥିବା ମୁସଲମାନମାନେ ଭାଜପା ବିରୋଧୀ ସ୍ଲୋଗାନ ଦେଇଛନ୍ତି। ଅନେକ ସହରରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିମାଡ଼ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଏଥିସହ ୟୁପିର ଲକ୍ଷ୍ନୌ, କାନପୁର ଓ ଫିରୋଜାବାଦରେ ସୁରକ୍ଷା ବନ୍ଦୋବସ୍ତ କଡ଼ାକଡ଼ି କରି ଫ୍ଲାଗ୍‌ମାର୍ଚ୍ଚ କରିଛି। କେତେକ ସହରରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଟେକାମାଡ଼ କରିବା ☞ପୃଷ୍ଠା-୪



ନୂପୁର ଶର୍ମାଙ୍କ ଗିରଫ ଦାବିରେ ଶୁକ୍ରବାର ବିକ୍ଷୋଭରତ ମୁସଲମାନ ସମ୍ପ୍ରଦାୟର ଲୋକେ ରାଞ୍ଚିରେ ପୋଲିସକୁ ଟେକାମାଡ଼ କରୁଛନ୍ତି।

# ଋଣ ବୋଝ ଅସହ୍ୟ: ଝୁଲିପଡ଼ିଲେ ଦମ୍ପତି

**ଢେଙ୍କାନାଳ ଅଫିସ, ୧୦।୬**



ମୃତ ଦମ୍ପତି

ଅସହ୍ୟ ହେଲା ଲକ୍ଷାଧିକ ଟଙ୍କାର ଋଣ ବୋଝ। ସ୍ୱାମୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ଦୋହଲିଗଲା ମାନସିକସ୍ଥିତି। ଫଳରେ ସାଥିହୋଇ ଜୀବନ ହାରିବାକୁ ନେଲେ ଚରମ ନିଷ୍ପତ୍ତି ଦମ୍ପତି। ପ୍ରଥମେ ବିଷ ପିଇଲେ ଏବଂ ଏହାପରେ ଝୁଲିପଡ଼ିଲେ ରଶିରେ। ଢେଙ୍କାନାଳ ସଦର ଥାନା କାଙ୍କଡ଼ପାଳ ଗ୍ରାମରେ ଶୁକ୍ରବାର ଘଟିଛି ଏଭଳି ଅଭାବନୀୟ ଘଟଣା, ଯାହା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ମୃତକ ହେଲେ ବିଶିକେତନ ସାହୁ (୪୦) ଏବଂ ତାଙ୍କ ସ୍ତ୍ରୀ ମାମା ସାହୁ (୩୨)। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ୧୫ବର୍ଷ ତଳେ ବିଶିକେସନ ଏବଂ ମାମାଙ୍କ ବିବାହ ହୋଇଥିଲା। ସେମାନଙ୍କ ୧୪ବର୍ଷର ଜଣେ ପୁଅ ଦୀପକ ଅଛନ୍ତି। ସେ ଗ୍ରାମ ସ୍କୁଲରେ ୯ମ ଶ୍ରେଣୀରେ ପାଠ ପଢୁଛନ୍ତି। ବିଶିକେସନ ଗ୍ରାମରେ ଦହିବରା ଆଳୁଦମ, ବରା ବ୍ୟବସାୟ କରୁଥିଲେ। ବିଭିନ୍ନ ସମୟରେ ସେ ୮ରୁ ୧୦ ଲକ୍ଷ ଟଙ୍କାର ଗ୍ରୁପ୍‌ଋଣ କରିଥିଲେ। ଋଣ ଭାର ବଢ଼ିବାରେ ଲାଗିଥିବାବେଳେ ଏହାକୁ ଶୁଝିବା ନେଇ ସେ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିଲେ। କିଛିଦିନ ତଳେ ବିଶିକେସନଙ୍କୁ ଜ୍ୱର ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷା କରିବା ପରେ ତାଙ୍କର କିଡ୍‌ନୀ ସମସ୍ୟା ରହିଥିବା ଜଣାପଡ଼ିଥିଲା। ଏହା ଜଣାପଡ଼ିବା ପରେ ସ୍ତ୍ରୀସ୍ୱାମୀ ମ୍ରିୟମାଣ ହୋଇପଡ଼ିଥିଲେ। ଶ୍ୱଶୁର ଘର ଲୋକ ବିଶିକେସନଙ୍କୁ କଟକରେ ଚିକିତ୍ସା କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଏଥିପୂର୍ବରୁ ପୁଅବୋହୂ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ବିଶିକେସନଙ୍କ ବାପା ଧନେଶ୍ୱର ସାହୁ କହିଛନ୍ତି।

ସୂଚନା ପାଇ ସଦର ଥାନା ଅଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି, ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ସଂକ୍ରାନ୍ତରେ ନଂ. ୨୫/୨୨ରେ ଏକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଚାପରେ କେନ୍ଦ୍ର





କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳିବା ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବାପରେ ଟିମ୍ ଇଣ୍ଡିଆ ଅଧିନାୟକ ରିଷଭ ପନ୍ତ ଓ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନଙ୍କୁ ହୋଟେଲ ମେ' ଫେୟାରରେ ସ୍ୱାଗତ କରାଯାଉଛି।

# ୨ରୁ ମୌସୁମୀ ଅଧିବେଶନ

### ଉପସ୍ଥାପିତ ହେବ ପୂର୍ଣ୍ଣାଙ୍ଗ ବଜେଟ

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**

ବିଧାନସଭା ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨ରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ। ଅଧିବେଶନରେ ୨୪ଟି କାର୍ଯ୍ୟ ଦିବସ ରହିଛି। ଜୁଲାଇ ୩୦ରେ ବ୍ୟୟ ମଞ୍ଜୁର ବିଲ୍ ଉପସ୍ଥାପନ ହେବ।

ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଜୁଲାଇ ୨ରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ। ଜୁଲାଇ ୭ରୁ ୧୩ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ☞ପୃଷ୍ଠା-୪

# ରାଜ୍ୟ ସଭା ଗଲେ ସୀତାରାମନ, ସୁର୍ଜେଓ୍ୱାଲା, ଜୟରାମ

### ହାରିଲେ ସୁଭାଷ ଚନ୍ଦ୍ରା

**ନୂଆଦିଲ୍ଲୀ,୧୦।୬**



ନିର୍ମଳା ସୀତାରାମନ



ରଣଦୀପ୍ ସୁର୍ଜେଓ୍ୱାଲା



ଜୟରାମ ରମେଶ

ରାଜସ୍ଥାନରୁ ରାଜ୍ୟ ସଭାର ୪ ଆସନ ପାଇଁ ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କ କ୍ରସ୍ ଭୋଟିଂ ଯୋଗୁ କଂଗ୍ରେସର ସମସ୍ତ ୩ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଥିସହିତ ଭାଜପାର ଜଣେ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସୁଭାଷ ଚନ୍ଦ୍ରା ହାରିଯାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ମୁକୁଲ ଓ୍ୱାସ୍‌ନିକ, ପ୍ରମୋଦ ତିୱାରୀ ଏବଂ ରଣଦୀପ୍ ସୁର୍ଜେଓ୍ୱାଲା ଏବଂ ଭାଜପାର ଘନଶ୍ୟାମ ତିୱାରୀ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। କ୍ରସ୍ ଭୋଟିଂ କରିଥିବା ଭାଜପାର ଢୋଲପୁର ବିଧାୟିକା ଶୋଭାରାଣୀ କୁଶୱାହାଙ୍କୁ ଦଳର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଛି। ସେହିପରି କର୍ନାଟକରେ ଭାଜପାର ୩ ପ୍ରାର୍ଥୀ ଜିତିଥିବାବେଳେ କଂଗ୍ରେସର ଜଣେ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଭାଜପାରୁ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ, ଜଗେଶ ଏବଂ ଲେହାର ସିଂ ସିରୋୟା ଏବଂ କଂଗ୍ରେସରୁ ଜୟରାମ ରମେଶ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ମହାରାଷ୍ଟ୍ରରୁ ୬ ଆସନ ଓ ହରିୟାଣାର ୨ ଆସନ ଲାଗି ମତଦାନ ହୋଇଥିଲେ ହେଁ ରାତି ୧୦ଟା ସୁଦ୍ଧା ଫଳାଫଳ ମିଳିପାରି ନାହିଁ। ☞ପୃଷ୍ଠା-୪

| | |
|---|---|
| ଆନ୍ଧ୍ରପ୍ରଦେଶ (୪) ଓ୍ୱାଇଏସ୍‌ଆର୍‌ସିପି-୪ | ମୋଟ ଆସନ-୫୭ |
| ବିହାର (୫) ଭାଜପା-୨, ଆର୍‌ଜେଡି-୨, ଜେଡିୟୁ-୧ | ନିର୍ଦ୍ୱନ୍ଦ୍ୱ-୪୧ |
| ଛତିଶଗଡ଼ (୨) କଂଗ୍ରେସ-୨ | ପ୍ରତିଦ୍ୱନ୍ଦ୍ୱିତା-୧୬ |
| ହରିୟାଣା (୨) | ଭାଜପା ୧୮ |
| ଝାଡ଼ଖଣ୍ଡ (୨) ଭାଜପା-୧, ଜେଏମ୍‌ଏମ୍-୧ | କଂଗ୍ରେସ ୮ |
| କର୍ନାଟକ (୪) ଭାଜପା-୩, କଂଗ୍ରେସ-୧ | ଓ୍ୱାଇଏସ୍‌ଆର୍‌ସିପି ୪ |
| ମଧ୍ୟପ୍ରଦେଶ (୩) ଭାଜପା-୨, କଂଗ୍ରେସ-୧ | ବିଜେଡି ୩ |
| ମହାରାଷ୍ଟ୍ର (୬) | ଡିଏମ୍‌କେ ୩ |
| ଓଡ଼ିଶା (୩) ବିଜେଡି-୩ | ଏଆଇଏଡିଏମ୍‌କେ ୨ |
| ପଞ୍ଜାବ (୨) ଏଏପି-୨ | ଟିଆର୍‌ଏସ୍ ୨ |
| ରାଜସ୍ଥାନ (୪) କଂଗ୍ରେସ-୩, ଭାଜପା-୧ | ଆର୍‌ଜେଡି ୨ |
| ତେଲଙ୍ଗାନା (୨) ଟିଆର୍‌ଏସ୍-୨ | ଏଏପି ୨ |
| ତାମିଲନାଡୁ (୬) ଡିଏମ୍‌କେ-୩, ଏଆଇଏଡିଏମ୍‌କେ-୨, କଂଗ୍ରେସ-୧ | ଜେଡିୟୁ ୧ |
| | ଜେଏମ୍‌ଏମ୍ ୧ |
| ଉତ୍ତରପ୍ରଦେଶ (୧୧) ଭାଜପା-୮, ଏସ୍‌ପି-୧, ଆର୍‌ଏଲ୍‌ଡି-୧, ସ୍ୱାଧୀନ-୧ | ଏସ୍‌ପି ୧ |
| | ଆର୍‌ଏଲ୍‌ଡି ୧ |
| ଉତ୍ତରାଖଣ୍ଡ (୧) ଭାଜପା-୧ | ସ୍ୱାଧୀନ ୧ |
| | ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ୮ ଆସନ (ମହାରାଷ୍ଟ୍ର-୬ ଓ ହରିୟାଣା-୨) ଫଳ ଘୋଷଣା ହୋଇନାହିଁ। |






ଆଜି ଅବଶିଷ୍ଟ ଭାରତ କଶ୍ମୀର ଭଳି ଦିଶୁଛି। ଆମେ କିନ୍ତୁ କଶ୍ମୀରକୁ ଦେଶର ଅନ୍ୟ ଭାଗଗୁଡ଼ିକ ଭଳି ଦେଖିବାକୁ ଚାହିଁଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ଅମିତ୍ ଶାହାଙ୍କ ପାଖରେ ଏହାର କିଛି ସମାଧାନ ଅଛି କି? ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସ୍ଥିତି ନିୟନ୍ତ୍ରଣକୁ ନ ଆସିଲେ ଶାହା ସ୍ୱରାଷ୍ଟ୍ରମନ୍ତ୍ରୀ ପଦରେ ରହିବା ଉଚିତ କି?

-ସୁବ୍ରମଣ୍ୟମ୍ ସ୍ୱାମୀ, ଭାଜପା ଏମ୍‌ପି

# ନିଆଁ ଲଗାଇଲେ ନୂପୁର



ମୁହଁରେ ହସ, କିନ୍ତୁ ମନରେ ବିଷ। ଏହା ହେଉଛି ପୈଗମ୍ବର ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ ଦେଇ ବିବାଦୀୟ ହୋଇଥିବା ନୂପୁର ଶର୍ମାଙ୍କ ପରିଚୟ, ଯାହାଙ୍କ ଗିରଫଦାରି ଦାବିରେ ଦେଶବ୍ୟାପୀ ମୁଣ୍ଡ ଟେକିଛି ଆନ୍ଦୋଳନ। ବିଦେଶୀ ଚାପରେ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ନୂପୁରଙ୍କ ପ୍ରାଥମିକ ସଦସ୍ୟତା ରଦ୍ଦ କରାଯାଇଛି। ହେଲେ ଏତିକିରେ ସନ୍ତୁଷ୍ଟ ନୁହନ୍ତି ମୁସଲମାନ ସମ୍ପ୍ରଦାୟ। ସେମାନଙ୍କ ଭିତରେ କୁହୁଳୁଥିବା ଧୂଆଁ ହଠାତ୍ ନିଆଁର ରୂପ ନେଇ ଦେଶର ଚାରିଆଡ଼କୁ ବ୍ୟାପିଯାଇଛି। ନୂପୁରଙ୍କୁ ଗିରଫ କରିବା ପାଇଁ ଶୁକ୍ରବାର ନମାଜ ପାଠ ପରେ ଦାବି ଜୋର୍‌ଦାର ହୋଇଥିବାବେଳେ ଅନେକ ସହରରେ ହିଂସାକାଣ୍ଡ ଘଟିଛି। ପ୍ରଶ୍ନ ଉଠିଛି, ଦିଲ୍ଲୀ ପୋଲିସ ନୂପୁରଙ୍କୁ ଗିରଫ ନ କରି ସୁରକ୍ଷା ଦେଉଛି କାହିଁକି?




ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ଗିରଫ ଦାବିରେ ମୁମ୍ବାଇରେ ଅଲ୍ ଇଣ୍ଡିଆ ମୌଲବୀ ମିଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ପ୍ରୟାଗରାଜରେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସର ଲୁହବୁହା ବାଷ୍ପ ପ୍ରୟୋଗ।




ଶ୍ରୀନଗରରେ ମୁସଲମାନ ମହିଳାଙ୍କ ବିକ୍ଷୋଭ।

**ନୂଆଦିଲ୍ଲୀ/ମୁମ୍ବାଇ/ଶ୍ରୀନଗର, ୧୦।୬**

ଭାଜପାର ୨ ନିଲମ୍ବିତ ମୁଖପାତ୍ର ନୂପୁର ଶର୍ମା ଓ ନବୀନ କୁମାର ଜିନ୍ଦଲଙ୍କୁ ଗିରଫ କରିବା ପାଇଁ ସାରା ଦେଶର ମୁସଲମାନମାନେ ଦାବି କରିଆସୁଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଘଣ୍ଟ ଘୋଡ଼ାଇ ନାମକୁ ମାତ୍ର ମାମଲା ରୁଜୁ କରିବା ଧର୍ମକୁ ଆଖିଠାର ସଦୃଶ। କେବଳ ଏତିକି ନୁହେଁ, ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ପୋଲିସ ରାଜନୈତିକ ସନ୍ତୁଳନ ପାଇଁ ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ସମେତ ସଂଖ୍ୟାଲଘୁ ସମ୍ପ୍ରଦାୟର ଅନ୍ୟ କେତେଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏହାର ପ୍ରତିବାଦ ଦେଖିବାକୁ ମିଳିଛି ଭାରତ ଓ ବିଦେଶରେ। ଦିଲ୍ଲୀର ଜାମା ମସ୍‌ଜିଦ୍‌ରେ ମୁସଲମାନମାନେ ନମାଜ ପାଠ ପରେ ପ୍ଲାକାର୍ଡ ଧରି ନୂପୁର ଓ ନବୀନଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ବଳ ପ୍ରୟୋଗ କରିଛି। ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି ଛାତ୍ରୀଛାତ୍ର ଦୁହିଁଙ୍କ ଗିରଫ ଦାବିରେ କ୍ୟାମ୍ପସରେ ଧାରଣା ଦେଇଛନ୍ତି। ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ହନୁମାନ ମନ୍ଦିର ନିକଟରେ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିମାଡ଼ କରି ଟେକାମାଡ଼ର ଶିକାର ହୋଇଛି। କଶ୍ମୀରର କେତେକ ସ୍ଥାନରେ ବନ୍ଦ ପାଳନ କରାଯାଇଛି। ଜମ୍ମୁରେ କର୍ଫ୍ୟୁ ଜାରି କରାଯାଇଛି। ଶ୍ରୀନଗର, ଭଦେରୱାହ ଓ କିଶତୱାରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଥିବାବେଳେ ଉପତ୍ୟକାର ଅନେକ ସ୍ଥାନରେ ମୋବାଇଲ, ଇଣ୍ଟରନେଟ୍ ସେବା ବାତିଲ କରାଯାଇଛି।



ସବୁଠୁ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଛି ଭାଜପା ଶାସିତ ଉତ୍ତର ପ୍ରଦେଶରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ ଆସନ ବାରାଣସୀ ସମେତ ମୋରଦାବାଦ, ଦେଓବନ୍ଦ, ଲକ୍ଷ୍ନୌ, କାନପୁର ଓ ଫିରୋଜାବାଦରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ପ୍ରୟାଗରାଜରେ ବିକ୍ଷୋଭକାରୀମାନେ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଛନ୍ତି। ଶାହରନପୁରରେ ମୁସଲମାନ ସମ୍ପ୍ରଦାୟ ନୂପୁର ଶର୍ମାଙ୍କୁ ଫାଶୀ ଦେବାକୁ ଦାବି କରିଛନ୍ତି। ଏପରି କି ମୋଦି ନିଜ ରାଜ୍ୟ ଗୁଜରାଟ ଗସ୍ତରେ ଥିବାବେଳେ ଅହମଦାବାଦ ଓ ବଡ଼ୋଦରା ସମେତ କେତେକ ସହରରେ ସଂଖ୍ୟାଲଘୁ ସମୁଦାୟ ଦୋକାନ ବଜାର ବନ୍ଦ କରି ନୂପୁରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହୋଇ ଦଙ୍ଗା ସ୍ଥିତି ଲାଗିରହିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନୂଆଦିଲ୍ଲୀରେ ଏକ ପୁସ୍ତକ ଉନ୍ମୋଚନ କରି କହିଛନ୍ତି, ଭାରତର ଅଧିକାଂଶ ଐତିହାସିକ ଇତିହାସକୁ ଲିପିବଦ୍ଧ କରିବାବେଳେ ପାଣ୍ଡ୍ୟ ଓ ଚୋଳ ସାମ୍ରାଜ୍ୟର ଗୌରବମୟ ଶାସନକୁ ଅଣଦେଖା କରି ମୋଗଲମାନଙ୍କୁ ପ୍ରାଧାନ୍ୟ ଦେଇଛନ୍ତି।

## ମୁଶରଫ ଗୁରୁତର

**ଲାହୋର, ୧୦।୬:** ପାକିସ୍ତାନର ପୂର୍ବତନ ସାମରିକ ଶାସକ ଜେନେରାଲ ପରଭେଜ ମୁଶରଫଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେ ୟୁଏଇର ଏକ ହସ୍ପିଟାଲରେ ଭେଣ୍ଟିଲେଟର ସପୋର୍ଟରେ ରହିଥିବା ତାଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ସୂଚନା ମନ୍ତ୍ରୀ ଫୱାଦ ଚୌଧରୀ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଅଙ୍ଗପ୍ରତ୍ୟଙ୍ଗ କାମ କରୁ ନ ଥିବାରୁ ସେ ଭଲ ହେବା ସମ୍ଭାବନା କମ୍ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେ ଭେଣ୍ଟିଲେଟରରେ ରହିବା ଖବରକୁ ପରିବାର ପକ୍ଷରୁ ଖଣ୍ଡନ କରାଯାଇଛି। ୭୮ ବର୍ଷୀୟ ମୁଶରଫଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ୩ ସପ୍ତାହ ହେଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଏକାଧିକ ଅଙ୍ଗ କାମ କରୁ ନ ଥିବାରୁ ସୁସ୍ଥ ହେବା ସମ୍ଭାବନା ନାହିଁ ବୋଲି ପରିବାର ପକ୍ଷରୁ ଟୁଇଟ୍ କରାଯାଇଛି। ମୁଶରଫ୍ ୧୯୯୯ରୁ ୨୦୦୮ ପାକିସ୍ତାନକୁ ଶାସନ କରିଥିଲେ।



## ବିଭ୍ରାନ୍ତିକର ବିଜ୍ଞାପନ ରୋକିବାକୁ କେନ୍ଦ୍ରର ଗାଇଡ୍‌ଲାଇନ

**ନୂଆଦିଲ୍ଲୀ, ୧୦।୬:** ବିଭ୍ରାନ୍ତିକର ବିଜ୍ଞାପନ ରୋକିବା ଲାଗି କେନ୍ଦ୍ର ସରକାର ଶୁକ୍ରବାର ଏକ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏଥିରେ ସରୋଗେଟ୍ ବା ପରୋକ୍ଷ ବିଜ୍ଞାପନକୁ ନିଷେଧ କରାଯାଇଛି। ଗ୍ରାହକଙ୍କୁ ପ୍ରଲୋଭିତ କରୁଥିବା ବ୍ୟବସାୟିକ ବିଜ୍ଞାପନକୁ ନିୟନ୍ତ୍ରଣ କରିବା ଲାଗି କେତେକ ସର୍ତ୍ତ ରଖାଯାଇଛି। ଖାଉଟି ବ୍ୟାପାର ସଚିବ ରୋହିତ କୁମାର ସିଂ ଏବଂ ଅତିରିକ୍ତ ସଚିବ ନିଧବ ଖାରେ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ଗାଇଡ୍‌ଲାଇନ ପ୍ରକାଶ କରିଛନ୍ତି। ବିଜ୍ଞାପନ ଦେଉଥିବା ଉତ୍ପାଦନକାରୀ, ସେବା ପ୍ରଦାନକାରୀ, ବ୍ୟବସାୟୀ ଏବଂ ବିଜ୍ଞାପନ ଏଜେନ୍ସିଗୁଡ଼ିକ ପାଇଁ ଏହି ଗାଇଡ୍‌ଲାଇନ କାର୍ଯ୍ୟକାରୀ ହେବ।

## ଏନ୍‌ଇଇଟି-ପିଜି: ପୁଣି କାଉନସେଲିଂ ଆବେଦନ ଖାରଜ

**ନୂଆଦିଲ୍ଲୀ, ୧୦।୬**

ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡ଼ିଥିବା ୧,୪୫୬ ସିଟ୍ ପୂରଣ ଲାଗି ଏନ୍‌ଇଇଟି-ପିଜି ୨୦୨୧ କାଉନସେଲିଂ ପୁଣି ଥରେ କରିବା ଲାଗି ଦାଏର ଏକାଧିକ ପିଟିଶନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏନ୍‌ଇଇଟି-ପିଜିରେ ସର୍ବଭାରତୀୟ କୋଟା ପୂରଣ ଲାଗି ସ୍ୱତନ୍ତ୍ର ଷ୍ଟ୍ରେ-ରାଉଣ୍ଡ କାଉନସେଲିଂ ନ କରିବା ପାଇଁ କେନ୍ଦ୍ର ସରକାର ଓ ମେଡିକାଲ କାଉନସିଲ୍‌ର ନିଷ୍ପତ୍ତିକୁ ସ୍ୱେଚ୍ଛାଚାରୀ କୁହାଯାଇପାରିବ ନାହିଁ ବୋଲି ଜଷ୍ଟିସ ଏମ୍. ଆର୍. ଶାହା ଏବଂ ଅନିରୁଦ୍ଧ ବୋଷଙ୍କ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ଡାକ୍ତରୀ ଶିକ୍ଷା ମାନରେ କୌଣସି ପ୍ରକାର ସାଲିସ କରାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଡାକ୍ତରୀ ଶିକ୍ଷା ଏବଂ ସର୍ବସାଧାରଣ ସ୍ୱାସ୍ଥ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏବଂ ମେଡିକାଲ କାଉନସେଲିଂ କମିଟି (ଏମ୍‌ସିସି) ସ୍ୱତନ୍ତ୍ର ଷ୍ଟ୍ରେ-ରାଉଣ୍ଡ କାଉନସେଲିଂ ନ କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଏହାକୁ ସ୍ୱେଚ୍ଛାଚାରୀ ନିଷ୍ପତ୍ତି ବୋଲି କୁହାଯାଇପାରିବ ନାହିଁ। ଶିକ୍ଷାବର୍ଷ ଆରମ୍ଭ ହେବାର ପ୍ରାୟ ଗୋଟିଏ ବର୍ଷ ପରେ ଏବଂ ୮ରୁ ୯ ପର୍ଯ୍ୟାୟ କାଉନସେଲିଂ ଶେଷ ହୋଇଥିବାବେଳେ ଖାଲି ଆସନରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ର ଆବେଦନ କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

ଏନ୍‌ଇଇଟି-ପିଜି-୨୦୨୧ର ସର୍ବଭାରତୀୟ କୋଟା ପାଇଁ ଷ୍ଟ୍ରେ-ରାଉଣ୍ଡ କାଉନସେଲିଂର ନିର୍ଦ୍ଦିଷ୍ଟ ସୀମା ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଥିଲେ। ଶିକ୍ଷା ଓ ଜନସ୍ୱାସ୍ଥ୍ୟ ସହ ସାଲିସ କରି ପିଲାଙ୍କୁ ନାମ ଲେଖାଇବାକୁ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଥିଲେ।

## କନ୍‌ଷ୍ଟେବଲଙ୍କ ଗୁଳିରେ ୨ ମୃତ

**କୋଲକାତା, ୧୦।୬**

କୋଲକାତାସ୍ଥିତ ବାଂଲାଦେଶ ଉପଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ନିକଟରେ ଜଣେ ପୋଲିସ କନ୍‌ଷ୍ଟେବଲ ଶୁକ୍ରବାର ନିଜ ସର୍ଭିସ ରାଇଫଲରୁ ଏକାଧିକ ରାଉଣ୍ଡ ଗୁଳି ଚଳାଇବା ପରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ତାଙ୍କ ଗୁଳିରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। କନଷ୍ଟେବଲ ଚୋଡୁପ୍ ଲେପ୍‌ଚା କିଛିଦିନ ଛୁଟିରେ ରହିବା ପରେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଥିଲେ। କୋଲକାତା ସଶସ୍ତ୍ର ପୋଲିସର ୫ ବାଟାଲିୟନରେ କନଷ୍ଟେବଲ ଥିବା ଲେପ୍‌ଚା କିଛିଦିନ ହେଲା ବିଷାଦଗ୍ରସ୍ତ ଥିଲେ ବୋଲି କୁହାଯାଉଛି।

## ଦିନକରେ ୭,୫୮୪ କୋଭିଡ୍ ସଂକ୍ରମିତ

**ନୂଆଦିଲ୍ଲୀ, ୧୦।୬**



କୋଭିଡ୍ ସଂକ୍ରମଣ ପୁଣି ବଢ଼ିବା ସହ ଆଉ ଏକ ଲହର ଆସିବା ଆଶଙ୍କା ସୃଷ୍ଟି ହେଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୭,୫୮୪ ନୂଆ ମାମଲା ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୩୨,୦୫,୧୦୬ରେ ପହଞ୍ଚିଛି। ଦୈନିକ ସଂକ୍ରମଣ ହାର ୨.୨୬ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ସାପ୍ତାହିକ ସଂକ୍ରମଣ ହାର ୧.୫୦ ରହିଥିବା ଶୁକ୍ରବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସକ୍ରିୟ ମାମଲା ସଂଖ୍ୟା ୩୬,୨୬୭କୁ ବୃଦ୍ଧି ପାଇଥିବାବେଳେ ଗତ ୨୪ ଘଣ୍ଟାରେ ୨୪ ଜଣଙ୍କ ମୃତ୍ୟୁକୁ ମିଶାଇ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୨୪,୭୪୭ରେ ପହଞ୍ଚିଛି। ମୁମ୍ବାଇରେ ସର୍ବାଧିକ ୧,୯୫୪ ସଂକ୍ରମିତଙ୍କୁ ମିଶାଇ ମହାରାଷ୍ଟ୍ରରେ ଦୈନିକ ସଂକ୍ରମଣ ସଂଖ୍ୟା ୩,୭୯୧ ହୋଇଛି। ସେହିପରି ଦିଲ୍ଲୀରେ ଗୋଟିଏ ଦିନରେ ୬୫୫ କୋଭିଡ୍‌ରେ ଆକ୍ରାନ୍ତ ହେବା ସହ ୨ ଜଣଙ୍କ ମୃତ୍ୟୁ ଘଟିଛି।

# ରାଷ୍ଟ୍ରପତି ନିର୍ବାଚନ: ପରୀକ୍ଷା ଦେବେ ବିରୋଧୀ

**ନୂଆଦିଲ୍ଲୀ, ୧୦।୬**

ଭାରତର ଷୋଡ଼ଶ ରାଷ୍ଟ୍ରପତି ନିର୍ବାଚନ ପାଇଁ ଗୁରୁବାର ନିର୍ବାଚନ କମିଶନଙ୍କ ତାରିଖ ଘୋଷଣା ସହ ଅବଗଣନା ଆରମ୍ଭ ହୋଇଛି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ଭାବେ ନିଜ ସ୍ଥିତି ବଜାୟ ରଖି ବିପକ୍ଷର ଆଞ୍ଚଳିକ ଦଳଗୁଡ଼ିକୁ ନେଇ ରଣନୀତି ପ୍ରସ୍ତୁତ କରିବା ଲାଗି ଏହାକୁ ଏକମାତ୍ର ସୁଯୋଗ ବୋଲି କୁହାଯାଉଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଇତିମଧ୍ୟରେ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଅନୌପଚାରିକ ଆଲୋଚନା ପରେ ବିରୋଧୀ ଦଳଗୁଡ଼ିକ ସହ ନୂଆଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ମିଳିତ ବୈଠକ ଅନୁଷ୍ଠିତ ହେବ। ସବୁ ବିରୋଧୀ ଦଳ ମଧ୍ୟରେ ସହମତି ଆଣି ଏପରି ଜଣେ ମିଳିତ ପ୍ରାର୍ଥୀଙ୍କୁ ଛିଡ଼ା କରାଇବା ଉପରେ କଂଗ୍ରେସ ଗୁରୁତ୍ୱ ଦେବ, ଯିଏକି ସମଭାବାପନ୍ନ ଦଳଗୁଡ଼ିକର ଧର୍ମନିରପେକ୍ଷ ବିଚାରକୁ ପ୍ରତିନିଧିତ୍ୱ କରିପାରୁଥିବେ। ଭାଜପାର ସାମ୍ପ୍ରଦାୟିକ ତଥା ବିଭାଜନବାଦୀ କାର୍ଯ୍ୟସୂଚୀକୁ ପ୍ରତିହତ କରିବା ସକାଶେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ସମ୍ପୃକ୍ତ ପ୍ରାର୍ଥୀ ଏକ ମଜଭୁତ ବିକଳ୍ପ ଭାବେ ଅବତୀର୍ଣ୍ଣ ହୋଇପାରିବେ।



ଦେଖିବାକୁ ଗଲେ ୨୦୨୨ ରାଷ୍ଟ୍ରପତି ନିର୍ବାଚନ ଅନେକ ଦୃଷ୍ଟିକୋଣରୁ ୨୦୧୭ ତୁଳନାରେ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱତନ୍ତ୍ର। ଜାତୀୟ ରାଜନୀତିରେ ବିଗତ ୫ ବର୍ଷ ମଧ୍ୟରେ ମୁଖ୍ୟତଃ ୩ଟି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ଷମତାସୀନ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବଳ ବୃଦ୍ଧି ଘଟିଛି। ଏଥିସହ ରାଜସ୍ଥାନ ଓ ଛତିଶଗଡ଼ରେ ସୀମିତ ଥିବା କଂଗ୍ରେସ ସହ ଏଏପି ନିଜକୁ ସମକକ୍ଷ କରିପାରିଛି। ଦ୍ୱିତୀୟତଃ ୨୦୧୭ ରାଷ୍ଟ୍ରପତି ନିର୍ବାଚନ ବେଳେ କଂଗ୍ରେସର ସମର୍ଥ ସହଯୋଗୀ ଭୂମିକା ତୁଲାଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ଭୋଟରେ ହ୍ୟାଟ୍ରିକ୍ ବିଜୟ ହାସଲ କରି ନିଜ ସ୍ଥିତିକୁ ଆହୁରି ମଜଭୁତ କରିପାରିଛି। ତୃତୀୟରେ ତେଲଙ୍ଗାନାରେ ଭାଜପା ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଆପ୍ରାଣ ଉଦ୍ୟମ କରୁଥିବାବେଳେ ଶାସକ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) କେନ୍ଦ୍ରୀୟ ରାଜନୀତିରେ ବିରୋଧୀ ମଞ୍ଚ ପାଇଁ ଭୂମି ପ୍ରସ୍ତୁତ କରୁଛି। କିନ୍ତୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ କଂଗ୍ରେସ ନେତୃତ୍ୱର ବୋଲ ମାନି ସର୍ବପୁରାତନ ଦଳର ଛତା ତଳେ ରହିବାକୁ ଅମଙ୍ଗ। ତେଣୁ ଏଏପି, ଟିଏମ୍‌ସି ଏବଂ ଟିଆର୍‌ଏସ୍ ରାଷ୍ଟ୍ରପତି ନିର୍ବାଚନ ବେଳେ କଂଗ୍ରେସକୁ ବିରୋଧୀ ମେଣ୍ଟର ମଙ୍ଗ ଧରାଇବାକୁ ସୁଯୋଗ ଦେବାକୁ ଚାହିଁ ନ ପାରନ୍ତି।

## ପାୱାର, ମମତାଙ୍କୁ ଫୋନ୍ କଲେ ସୋନିଆ

ରାଷ୍ଟ୍ରପତି ନିର୍ବାଚନ ବିଗୁଲ ବାଜିବା ପରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଚ୍ୟାଲେଞ୍ଜ ଦେବା ପାଇଁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସୋନିଆ ଶୁକ୍ରବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଫୋନ୍ କରିଛନ୍ତି। ସୋନିଆ କୋଭିଡ୍ ସଂକ୍ରମିତ ହୋଇଥିବାରୁ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ମୁମ୍ବାଇ ପଠାଇଛନ୍ତି। ଖାର୍ଗେ ପାୱାରଙ୍କୁ ଭେଟି ସମଭାବପନ୍ନ ଦଳଗୁଡ଼ିକ ପକ୍ଷରୁ ମିଳିତ ପ୍ରାର୍ଥୀ ଦେବା ଲାଗି ଆଲୋଚନା କରିଛନ୍ତି। ଏହା ପରେ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଭେଟି ଡିଏମ୍‌କେ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ୍ କରି ଟିଏମ୍‌ସିର ସମର୍ଥନ ଲୋଡ଼ିବେ।



ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି), ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍‌ଏସ୍ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍‌ଆର୍ କଂଗ୍ରେସ ଭଳି ଅଣଭାଜପା ଦଳ କଂଗ୍ରେସର ଖେଳ ବିଗାଡ଼ିବା ଆଶଙ୍କା ଥିବାରୁ ବିରୋଧୀଙ୍କ ପକ୍ଷରୁ ଜଣେ ଅଣକଂଗ୍ରେସ ପ୍ରାର୍ଥୀଙ୍କ ଉପରେ ସହମତି ପ୍ରକାଶ ପାଇପାରେ ବୋଲି କୁହାଯାଉଛି। ସିପିଆଇର ବିନୟ ବିଶ୍ୱମ୍ କହିଛନ୍ତି, ବିଜେଡି, ୱାଇଏସ୍‌ଆର୍‌ସିପି ଏବଂ ଟିଆର୍‌ଏସ୍ ଭାଜପା ବିରୋଧରେ ଯିବାକୁ ଆଗ୍ରହ ପ୍ରକାଶ କଲେ ରାଷ୍ଟ୍ରପତି ନିର୍ବାଚନ ରୋଚକ ହେବ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୯୪,୪୦,୮୭୭ | ୬୩,୨୮,୯୫୯ | ୫୧,୨୧,୩୬,୮୧୧ |
| ଭାରତ | ୪,୩୨,୦୭,୨୬୯ | ୫,୨୪,୭୪୭ | ୪,୨୬,୪୪,୦୯୨ |
| ଓଡ଼ିଶା | ୧୨,୮୮,୫୯୬ | ୯୧୨୬(+୫୩) | ୧୨,୭୯,୨୯୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୬ରୁ ବନ୍ଦ ରହିବ ଶିମିଳିପାଳ ଅଭୟାରଣ୍ୟ

**ବାରିପଦା ଅଫିସ,୧୦।୬:** ବର୍ଷା ଋତୁର ଆଗମନ ଯୋଗୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଚଳିତ ମାସ ୧୬ରୁ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ରହିବ। ବର୍ଷା ଦିନେ ଅଭୟାରଣ୍ୟ ମଧ୍ୟରେ ଥିବା ରାସ୍ତାଘାଟ ଖରାପ ହୋଇଥାଏ। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଅଭୟାରଣ୍ୟକୁ ସାମୟିକ ଭାବେ ବନ୍ଦ ରଖାଯାଇଥାଏ । ଶିମିଳିପାଳକୁ ପ୍ରବେଶ ପଥ ଶାମାଖୁଣ୍ଟା ବ୍ଲକ ପିଠାବଟା ଫାଟକ ସମେତ ଯଶୀପୁର ବ୍ଲକ କାଳିଆଣୀ ଫାଟକ ବନ୍ଦ ରହିବ। ଆସନ୍ତା ନଭେମ୍ବର ୧ତାରିଖଠାରୁ ପୁଣି ପର୍ଯ୍ୟଟକମାନଙ୍କ ପ୍ରବେଶ ଲାଗି ଅନୁମତି ପ୍ରଦାନ କରାଯିବ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ହାତୀ ଆକ୍ରମଣରେ ଫରେଷ୍ଟର ଗୁରୁତର

**ବାଘ ଗଣନା କାର୍ଯ୍ୟରେ ସାମିଲ ଥିଲେ**

**ବାରିପଦା ଅଫିସ,୧୦।୬:** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଅଧୀନ ଚହଲା ରେଞ୍ଜରୁ ବାଘ ଗଣନା ସାରି ଫେରିବା ବାଟରେ ଜଣେ ଫରେଷ୍ଟର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ତରୁଣ କୁମାର ଦାସ। ଗତ ୬ତାରିଖରୁ ଶିମିଳିପାଳ ଅଭୟାରଣ୍ୟରେ ବାଘ ଗଣନା ଆରମ୍ଭ ହୋଇଛି। ଏହା ୧୩ତାରିଖରେ ଶେଷ ହେବ। ଏହି କାର୍ଯ୍ୟରେ ୫ଶହରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ସାମିଲ ହୋଇଛନ୍ତି। ତେବେ ଗୁରୁବାର ଫରେଷ୍ଟର ଦାସ ଚହଲା ରେଞ୍ଜ ଅଞ୍ଚଳରୁ ବାଘ ଗଣନା ସାରି ଫେରିବା ବେଳେ ଏକ ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିଲା । ତାଙ୍କ ଛାତି ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

# 'ସ୍କୁଲ ରୂପାନ୍ତରଣ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି'



ଦ୍ୱିତୀୟ ପର୍ଯ୍ୟାୟର ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ଶେଷ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ସରିଲା ଦ୍ୱିତୀୟ ପର୍ଯ୍ୟାୟ ସ୍କୁଲ ରୂପାନ୍ତରଣ**
- ୫ ଜିଲାର ୪୧୬ ରୂପାନ୍ତରିତ ସ୍କୁଲ ଲୋକାର୍ପିତ
- ଦୁଇଟି ପର୍ଯ୍ୟାୟରେ ୩୯୮୧ ସ୍କୁଲ ରୂପାନ୍ତରିତ

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**

ସ୍କୁଲ ରୂପାନ୍ତରଣ କେବଳ ସ୍କୁଲର କାୟିକ ପରିବର୍ତ୍ତନ ନୁହେଁ, ଏହା ପିଲାଙ୍କ ମାନସିକ ସ୍ତରରେ ବିରାଟ ପରିବର୍ତ୍ତନ ଆଣିପାରିଛି। ଏହାଦ୍ୱାରା ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଭବିଷ୍ୟତରେ ସେମାନେ ସଫଳ ହେବା ସହିତ ଓଡ଼ିଶାର ରୂପାନ୍ତରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟର ଷଷ୍ଠ ତଥା ଶେଷ ଦିବସରେ ୫ ଜିଲାର ୪୧୬ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରି ଏହା କହିଛନ୍ତି। ଏହି ସ୍କୁଲ୍‌ଗୁଡ଼ିକ ମଧ୍ୟରେ କୋରାପୁଟ ଜିଲାର ୯୫ ହାଇସ୍କୁଲ, ଗଜପତିର ୩୧, ସମ୍ବଲପୁରର ୪୦, ବଲାଙ୍ଗୀରର ୧୦୦ ଓ ଯାଜପୁରର ୧୫୦ ହାଇସ୍କୁଲ ରହିଛି। ଏହା ସହିତ ଦ୍ୱିତୀୟ ପର୍ଯ୍ୟାୟ ସ୍କୁଲ ରୂପାନ୍ତର ଶେଷ ହୋଇଛି। ଦୁଇଟି ପର୍ଯ୍ୟାୟରେ ମୋଟ ୩,୯୮୧ ସ୍କୁଲ ରୂପାନ୍ତରିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧,୦୭୫ ସ୍କୁଲ ରୂପାନ୍ତରିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨,୯୦୬ ସ୍କୁଲର ରୂପାନ୍ତରଣ ହୋଇଛି। ସ୍କୁଲ ରୂପାନ୍ତର ବାସ୍ତବରେ ଓଡ଼ିଶାର ଭବିଷ୍ୟତର ରୂପାନ୍ତର ପାଇଁ ମୂଳଦୁଆ ପକାଇଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ପିଲାଙ୍କ ଭିତରେ ମୁଁ ଭବିଷ୍ୟତ ଓଡ଼ିଶାର ଝଲକ ଦେଖିପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପିଲାମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଅତ୍ୟନ୍ତ ଉତ୍ସାହର ସହିତ ନିଜ ଭବିଷ୍ୟତର ସ୍ୱପ୍ନକୁ ଉପସ୍ଥାପନ କରିଥିଲେ। କୋରାପୁଟରୁ ନିବେଦିତା, ଗଜପତିରୁ ରେଶମା, ସମ୍ବଲପୁରରୁ ଆକୃତି, ବଲାଙ୍ଗୀରରୁ ଅଞ୍ଜନେୟ ଏବଂ ଯାଜପୁରରୁ ମନୀଷା ପ୍ରମୁଖ ଛାତ୍ରୀଛାତ୍ର ସେମାନଙ୍କ ବକ୍ତବ୍ୟରେ ସ୍କୁଲ ରୂପାନ୍ତର ବିଷୟରେ ନିଜ ଅନୁଭବ ବର୍ଣ୍ଣନା କରିଥିଲେ।

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମନ୍ତ୍ରୀ ଟୁକୁନି ସାହୁ, ରୋହିତ ପୂଜାରୀ, ବିଧାୟକ ଅମର ପ୍ରସାଦ ଶତପଥୀ, ରଘୁରାମ ପଡଲ ଓ ଜିଲା ପରିଷଦ ସଭାପତି ଜି. ତିରୁପତି ରାଓ ପ୍ରମୁଖ ସ୍କୁଲଗୁଡ଼ିକର ଅନୁକୂଳ ପରିବେଶ ପିଲା ଓ ଅଭିଭାବକଙ୍କ ଭିତରେ ଭରସା ସୃଷ୍ଟି କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରି ମୁଖ୍ୟମନ୍ତ୍ରୀଙ୍କ ୫ଟି ସଚିବ ଭି.କେ. ପାଣ୍ଡିଆନ କହିଲେ, କୋଭିଡ୍ ଓ ପଞ୍ଚାୟତ ନିର୍ବାଚନ ପରି ଆହ୍ୱାନମୂଳକ ସମୟ ସତ୍ତ୍ୱେ ଦୁଇଟି ପର୍ଯ୍ୟାୟରେ ୩,୯୮୧ଟି ହାଇସ୍କୁଲ ରୂପାନ୍ତରଣ ସଫଳତାର ସହ ଶେଷ ହୋଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଉନ୍ନୟନ କମିଶନର ପ୍ରଦୀପ ଜେନା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପ ସାହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିମିଳିପାଳରୁ ୪ ଶିକାରୀ ଗିରଫ



ଗିରଫ ୪ ଶିକାରୀ।

**ବାରିପଦା ଅଫିସ/ଠାକୁରମୁଣ୍ଡା,୧୦।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କେନ୍ଦୁମୁଣ୍ଡି ରେଞ୍ଜ ଅଞ୍ଚଳରୁ ବନକର୍ମଚାରୀମାନେ ୪ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ କରଞ୍ଜିଆ ବ୍ଲକ ବାରୁଡିହୀ, ପାହାଡ଼ପୁର ଓ ରାମଯୋଡ଼ି ଗ୍ରାମର ବାସୁଦେବ ନାୟକ, ଚକ୍ରଧର ଗାଗରାଇ, ସୁଦର୍ଶନ ନାୟକ ଓ କେରସେ ସିଂଖୁଣ୍ଟିଆ। ସେମାନଙ୍କଠାରୁ ୧୨କେଜି ହରିଣ ମାଂସ, ଗୋଟିଏ ବାଇକ୍ ଓ ୩ଟି ଦେଶୀ ବନ୍ଧୁକ ଜବତ ହୋଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।




## 'ଆର୍ଥିକ ଦୁର୍ବଳ ବର୍ଗ ମୁହଁରେ ହସ ଫୁଟାଇଛି ଭାଜପା'

**ଭୁବନେଶ୍ୱର, ୧୦।୬(ବ୍ୟୁରୋ):** ଦେଶ ସ୍ୱାଧୀନତା ହେବାର ୭୦ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରର କୌଣସି ସରକାର ପଛୁଆ ବର୍ଗଙ୍କ ବିକାଶ ପାଇଁ ଚିନ୍ତା କରି ନ ଥିଲେ। ୨୦୧୯ ଜାନୁୟାରୀ ୧୩ରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ଲାଘବ କରିବା ଉଦ୍ଦେଶ୍ୟରେ ମୋଦି ସରକାର ଯୁଗାନ୍ତକାରୀ ନିଷ୍ପତ୍ତି ନେଇଛନ୍ତି। ଏହା ସେମାନଙ୍କ ମୁହଁରେ ହସ ଫୁଟାଇପାରିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭୁବନେଶ୍ୱରରେ ଅନୁଷ୍ଠିତ ଆର୍ଥିକ ଅନଗ୍ରସର ସମାବେଶରେ ଶୁକ୍ରବାର ଯୋଗଦେଇ ସମୀର କହିଛନ୍ତି, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ସମେତ ସମସ୍ତ ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ୧୦୩ତମ ସମ୍ବିଧାନ ସଂଶୋଧନ ବିଧେୟକ ଜରିଆରେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସେମାନଙ୍କ ପାଇଁ ୧୦% ସ୍ଥାନ ସଂରକ୍ଷଣ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ମେଡିକାଲ, ଆଇଆଇଏମ୍, ଆଇଆଇଟି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନରେ ଏହା ଲାଗୁ କରାଯାଇଛି। ୟୁପିଏସ୍‌ସି ସମେତ ସମସ୍ତ କେନ୍ଦ୍ର ସରକାର ଚାକିରିରେ ମଧ୍ୟ ଏହି ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ଓଡ଼ିଶା ସରକାର କେବଳ ମେଡ଼ିକାଲ ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଇ ଅନ୍ୟାନ୍ୟ ପାଠ୍ୟକ୍ରମ ଏବଂ ଚାକିରି କ୍ଷେତ୍ରରେ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମୀର କହିଛନ୍ତି।

## ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି

**ପୁରୀ ଅଫିସ, ୧୦।୬:** ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି ଅନୁଷ୍ଠିତ ହୋଇଛି। ସନ୍ଧ୍ୟାଧୂପ ବଢ଼ିବା ପରେ ଶ୍ରୀମଦନମୋହନ ରତ୍ନସିଂହାସନ ନିକଟକୁ ଓ ପରେ ଖଟଶେଯ ଉପରକୁ ବିଜେ କରିଥିଲେ। ଭିତର ଶୋଧ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ମହାପ୍ରଭୁଙ୍କ ଆଲଟ ଲାଗି ନୀତି ହୋଇଥିଲା। ପରେ ଜଣେ ସେବକ ଡଗର ଭାବେ ଆସି ମଦନମୋହନଙ୍କୁ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଜଣାଇଥିଲେ। ଏହାପରେ ଠାକୁରଙ୍କୁ ଭିତର ବେଢାରେ ଘେରାଏ ପରିକ୍ରମା କରାଇ ପୁନର୍ବାର ବଟବୃକ୍ଷ ମୂଳେ ବିଜେ କରାଯାଇଥିଲା। କୁତ କଉତୁକ ଋଷି ଭାବେ ଜଣେ ସେବକ ଦଣ୍ଡ ପ୍ରଣାମ କରି ମହାପ୍ରଭୁଙ୍କୁ ଦକ୍ଷିଣ ଘରକୁ ନେଇଥିଲେ। ଠାକୁର ଖଟରେ ବିଜେ ହେବା ପରେ ପଞ୍ଚାମୃତ ମହାସ୍ନାନ ସହ ବେଶ କରାଯାଇଥିଲା। ଶୀତଳ ଭୋଗ ମଣୋହି ହୋଇ ଖିରି, ଅମାଲୁ ଭୋଗ କରାଯାଇ ବନ୍ଦାପନା ହୋଇଥିଲା। ଭୋଗ ପରେ ଠାକୁର ଦକ୍ଷିଣଘର ସ୍ୱସ୍ଥାନକୁ ବିଜେ କରିଥିଲେ। ଶ୍ରୀଜଗନ୍ନାଥଙ୍କ ନିକଟରେ ଛଡି ଟେକା ହୋଇ ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା।



ORBIT MOTORS
ROURKELA: 9040404444, 9040404333. SUNDARGARH: 9437049161. DEOGARH: 9437061223.

LEGEND CARS
JEYPORE: 7894442905. RAYAGADA: 9692883042. BHAWANIPATNA: 7894442907.

SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

ODYSSEY MOTORS
SAMBALPUR: 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR: 7381661837.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. Terms and conditions apply. #Gold voucher is applicable on select models/variants only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th June, 2022.

**ଆଜିର ମନ୍ତବ୍ୟ**

ଭାରତର ଅଧିକାଂଶ ଐତିହାସିକ ଇତିହାସକୁ ଲିପିବଦ୍ଧ କରିବାବେଳେ ପାଣ୍ଡ୍ୟ ଓ ଚୋଳ ସାମ୍ରାଜ୍ୟର ଗୌରବମୟ ଶାସନକୁ ଅଣଦେଖା କରି ମୋଗଲମାନଙ୍କୁ ପ୍ରାଧାନ୍ୟ ଦେଇଛନ୍ତି। **-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଚାନ୍ଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଖାରୁ ପତର ଆଁଶୁ**
**ବୁଢ଼ାକୁ ଦେଖିଲେ**
**ଘରେ ନ ପଶୁ**
**ଟୋକାକୁ ଦେଖିଲେ ହସୁ ।**

ଅବୈଧ ସମ୍ପର୍କ ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ୍ ହେବ ନାହିଁ। ବୟସ୍କ ସ୍ୱାମୀକୁ ପଛ କରି ବା ହତାଦର କରି ଯୁବା ବ୍ୟକ୍ତି ପ୍ରତି ଆସକ୍ତ ହୋଇପଡୁଥିବା ବ୍ୟଭିଚାରିଣୀ ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

କୋଳି ପୁଞ୍ଜାକରେ ଘର
ତିନିଶ ଟଙ୍କାରେ ବଳଦ କିଣି
ନାଥେ ହେଲେ ହରବର।

ଚାଷ ପାଇଁ ବଳଦର ଦକ୍ଷତାକୁ ନିରୂପଣ କରି ନ ପାରିଲେ ବଡ଼ ଦଶା ଭୋଗିବାକୁ ପଡେ। ପୁଞ୍ଜିକୁ ଚାହିଁ ବ୍ୟବସ୍ଥା କରିବା ଉତ୍ତମ ପରିଚାଳନାର ଗତିକୁ ବୁଝାଇଥାଏ। ଅଳପ ଟଙ୍କା ଦେଇ ଅକାମିକା ବା ହଡା ବଳଦ କିଣି ହରଡ଼ଘଣାରେ ପଡିଯାଇଥିବା ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ନିଶା ପାଇଁ ବଢୁଛି ପାରିବାରିକ ହିଂସା, ଯାଉଛି ଜୀବନ ।





# classifieds Everyday
0674-2580101, 2549302



**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ସତ୍ୟନଗରରେ 2000 sqft. ଘରବାରି yellowzone plot ବିକ୍ରିହେବ। Contact: 8260064453. D-70279

**Bhubaneswarରେ plot କିଣନ୍ତୁ। ସଙ୍ଗେସଙ୍ଗେ ଘର କରନ୍ତୁ। installment ସୁବିଧା ଅଛି। Contact: 9437250090, 7008265080, 8658227874, 0674-2911635.** D-697

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73915

**ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952.** D-73255

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

**2& 3BHK ready to move flat for sale at Chintamaniswar & near Palm Heights Sum Hospital and a new construction 3BHK flat start at Nandan Vihar Patia, Bhubaneswar. Contact -9861882233, 9437231479.** D-73324

ଜଟଣୀ NH ପାଖରେ 1.5 Acre plot ବିକ୍ରିହେବ। Contact: 8260064453. D-70280

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-525

2BHK flat, renovated recently in prime location on Vivekanand Marg, BBSR. Ph: 8917520527. D-46554

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-524

Residential plot for sale 2.5km from Patia Railway Station sqft.-850/- (ready for construction). 7978729819. D-73258

**LAND FOR SALE- Area: A1.500Dec. BDA YellowZone, Hanspal Bhubaneswar. Contact: 91+7682954721. Brokers Excuse.** D-644

200 ଫୁଟ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୨୫୦/- ଟଙ୍କାରେ ଜାଗାବିକ୍ରି ହେଉଛି। 7609803855. D-73614

**Gated society 30'road, gharabari, Patta immediate construction land (Bank finance available) @11,75,000/- near Sudhananda College, Bhubaneswar-Cuttack. 9437691481.** D-73260

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250



**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73254



**Relax, Refresh your body, Mind at Saikrupa Spa with best therapies. 8984068077.** D-668

Newly open SPA positively health benefit with expert. Contact: 7749976301. D-73819

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73814

Newly open full body massage ladies and gents. 7750077371. D-73911

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73815

Full body massage relax your body mind by best therapist. 9861193818. D-73612

Newly open full body massage ladies and gents. 8327740003, 8093860513. D-73914


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିରୁଦ୍ଦିଷ୍ଟ



ହେମନ୍ତ ହାଜିରା (୩୨), ପି: ପରେଶ ହାଜିରା, ସା: ବାଲିମୁଣ୍ଡା (ଧାମରା), ଥା: ନାଇକାଣିଡିହୀ, ଜି: ଭଦ୍ରକ। ଗତ ଜୁନ୍ ୩ତାରିଖରୁ କଟକ ନଖରାଠାରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ରଙ୍ଗ ଶ୍ୟାମଳ, ଉଚ୍ଚତା: ୫.୮ ଫୁଟ। ସେ ଓଡ଼ିଆ, ବଙ୍ଗଳା ଭାଷା କହିପାରନ୍ତି। ଯେଉଁ ସହୃଦୟ ବ୍ୟକ୍ତି ତାଙ୍କ ସନ୍ଧାନ ପାଇବେ ଫୋନ୍ ନଂ.- ୯୭୭୭୧୩୨୬୬୬, ୯୮୨୭୭୮୧୮୭୯ ରେ ଯୋଗାଯୋଗ କରିବାକୁ ଅନୁରୋଧ । ଧ-୭୧୪

## ପ୍ରଥମ ପୃଷ୍ଠାରୁ...

### ଦେଶବ୍ୟାପୀ ବିକ୍ଷୋଭ...

ସହ ଜଳାପୋଡ଼ା ଓ ଭଙ୍ଗାରୁଜା କରିଛନ୍ତି। ହିଂସା ଭିଆଇବା ଅଭିଯୋଗରେ ଶତାଧିକ ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦଙ୍ଗା ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ରାଜଧାନୀ କୋଲକାତାସ୍ଥିତ ପାର୍କ ସର୍କସ ଏରିଆ, ହାଓଡା, ତେଲଙ୍ଗାନାର ହାଇଦ୍ରାବାଦସ୍ଥିତ ଚାରମିନାର, ପଞ୍ଜାବର ଲୁଧିଆନା, ଗୁଜରାଟର ଅହମ୍ମଦାବାଦ, ରାଜସ୍ଥାନର ଟଙ୍କ ସୱାଇ ମାଧୋପୁର, ମହାରାଷ୍ଟ୍ରର ନଭିମୁମ୍ବାଇ ଏବଂ ଜମ୍ମୁ-କଶ୍ମୀରର ଶ୍ରୀନଗରରେ ମଧ୍ୟ ନମାଜ ପାଠ ବେଳେ ଅନୁରୂପ ସ୍ଥିତି ଉପୁଜିଛି। ଏହି ପ୍ରସଙ୍ଗକୁ ନେଇ ଅନେକ ସ୍ଥାନରେ ଉତ୍ତେଜନା ଲାଗି ରହିଥିବାରୁ କର୍ଫ୍ୟୁ ଜାରି କରାଯାଇଛି। ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ମହମ୍ମଦ ବିରୋଧୀ ମନ୍ତବ୍ୟକୁ ନେଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବ, କାତାର, କୁଏଟ୍, ଓମାନ, ବାହାରିନ, ଇରାକ୍, ଇରାନ, ପାକିସ୍ତାନ, ଆଫଗାନିସ୍ତାନ ଭଳି ମୁସ୍‌ଲିମ ରାଷ୍ଟ୍ରଗୁଡ଼ିକ ଆପତ୍ତି ଉଠାଇ ଭାରତ ସରକାର ଉପରେ ଚାପ ସୃଷ୍ଟି କରିଥିବାବେଳେ ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟକୁ ସ୍ୱର ଶାଣିତ କରିବା ପାଇଁ ବଳ ମିଳିଛି। ମୋଟାମୋଟି ଭାବେ ସାରା ଦେଶରେ ଭାଜପାର ଧ୍ରୁବୀକରଣ ରାଜନୀତି ଶାସକ ଗୈରିକ ଦଳ ପାଇଁ ବୁମେରାଂ ସାଜିଥିବା କୁହାଯାଉଛି। ଏହାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ଭାଜପା ଯୋଗୁ ବିଶ୍ୱରେ ଭାରତର ଛବି କଳଙ୍କିତ ହୋଇଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

### ୨ରୁ ମୌସୁମୀ ...

ଜୁଲାଇ ୧୪ରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶ ଆରମ୍ଭ ହେବ। ଅଗଷ୍ଟ ୨ରୁ ୪ ପ୍ରାଇଭେଟ ମେମ୍ବର୍ସ ବିଲ୍ ଲାଗି ଉଦ୍ଦିଷ୍ଟ ରହିଛି। ସୂଚନାଯୋଗ୍ୟ, ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ୨୦୨୨-୨୩ର ପୂର୍ଣ୍ଣାଙ୍ଗ ବଜେଟ ପରିବର୍ତ୍ତେ ରାଜ୍ୟ ସରକାର ୪ ମାସିଆ କାମଚଳା ବଜେଟ ଆଣିଥିଲେ। ତେଣୁ ଜୁଲାଇ ୩୧ ପୂର୍ବରୁ ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଅନୁମୋଦନ ଲାଭ କରିବା ବାଧ୍ୟତାମୂଳକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବିଦେଶ ଗସ୍ତ ଶେଷକରି ଜୁଲାଇ ୧ରେ ଭୁବନେଶ୍ୱର ଫେରିବେ ବୋଲି ଜଣାପଡ଼ିଛି। ଏହାପରଦିନଠାରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ଚଳିତ ବଜେଟ ଅଧିବେଶନରେ ରାଜ୍ୟରେ ନୂଆ ବାଚସ୍ପତି ହେବାକୁ ଯାଉଥିବା ବିକ୍ରମ କେଶରୀ ଆରୁଖ ଗୃହ ପରିଚାଳନା କରିବେ। ତେବେ ନୂଆ ବାଚସ୍ପତି ଶାସକ ଏବଂ ବିରୋଧୀଙ୍କୁ ନେଇ କିପରି ଶାନ୍ତିଶୃଙ୍ଖଳାରେ ଗୃହ ପରିଚାଳନା କରୁଛନ୍ତି ତାହା ଉପରେ ସଭିଙ୍କ ନଜର ରହିବ।

ଅନ୍ୟପକ୍ଷରେ ନବୀନ ସରକାରଙ୍କ ୫ମ ପାଳିର ଦ୍ୱିତୀୟ ନୂଆ ମନ୍ତ୍ରିମଣ୍ଡଳ କିଛିଦିନ ହେଲା ଗଠନ ହୋଇଛି। ତେଣୁ ଏଥର ନୂଆ ମନ୍ତ୍ରୀମାନେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ କରି ଗୃହକୁ ଯାଇ ନିଜ ପ୍ରଦର୍ଶନ ରଖିବେ। ଅନ୍ୟପଟେ ନୂଆ ମନ୍ତ୍ରିମଣ୍ଡଳକୁ ନେଇ ଆସନ୍ତା ୧୭ରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ମନ୍ତ୍ରୀ ପରିଷଦରେ ବଜେଟ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ମିଳିପାରେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ଜୁଲାଇ ୧ ପର୍ଯ୍ୟନ୍ତ ଅନୁପସ୍ଥିତ ରହିବାକୁ ଥିବାରୁ ଆଗୁଆ ମନ୍ତ୍ରୀ ପରିଷଦ ବୈଠକ କରି ଏଥିରେ ବଜେଟ ସମ୍ପର୍କିତ ପ୍ରସ୍ତାବ ପାରିତ କରିପାରନ୍ତି ବୋଲି କୁହାଯାଉଛି। ସେହିପରି ଏହା ପୂର୍ବରୁ ଆସନ୍ତା ୧୩ରେ କ୍ୟାବିନେଟ୍ ବୈଠକ ବସିବ ବୋଲି ସଂସଦୀୟ ବ୍ୟାପାର ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ଋଣ ବୋଝ ଅସହ୍ୟ...

ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଉଭୟ ପରିବାରକୁ ପଚରାଉଚରା କରାଯାଉଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

#### ପ୍ରଥମେ ଦେଖିଥିଲେ ପୁଅ

ସବୁଦିନ ପରି ବିଶିକେସନ ଏବଂ ମାମା ଗୁରୁବାର ରାତିରେ ଖାଇପିଇ ଉପର ମହଲାକୁ ଶୋଇବାକୁ ଯାଇଥିଲେ। ତେବେ ସକାଳୁ ଘର ଭିତରେ ଦେଖିବାକୁ ମିଳିଥିଲା ଅଭାବନୀୟ ଦୃଶ୍ୟ। କବାଟ ଖୋଲାଥିବାବେଳେ ଉଭୟଙ୍କ ମୃତଦେହ ଘରେ ଝୁଲୁଥିବା ପ୍ରଥମେ ଦେଖିଥିଲେ ପୁଅ ଦୀପକ। ଏ ସମ୍ପର୍କରେ ସେ ଜେଜେବାପା ଧନେଶ୍ୱରଙ୍କୁ ସୂଚନା ଦେଇଥିଲେ।

#### ଆମେ ବିଷ ପିଇଛୁ

ଆତ୍ମହତ୍ୟା କରିବା ପୂର୍ବରୁ ଦୁହେଁ ବିଷ ପାନ କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି। ଘଟଣାସ୍ଥଳରୁ ଏକ ବିଷ ବୋତଲ ଜବତ କରାଯାଇଥିବାବେଳେ ଚଟାଣରେ ଲେଖାଯାଇଛି 'ଆମେ ବିଷ ପିଇଛୁ'। ତେଣୁ ପ୍ରଥମେ ବିଷ ପିଇବା ପରେ ସେମାନେ ରଶିରେ ଝୁଲି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

#### ଦୀପକଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ

ଋଣ ବୋଝ ପାଇଁ ଜୀବନ ହାରିଲେ ମା'ବାପା। ହେଲେ ସେମାନଙ୍କ ଏଭଳି ନିଷ୍ପତ୍ତି ୧୪ବର୍ଷର ପୁଅ ଦୀପକଙ୍କୁ ଏକୁଟିଆ କରିଦେଇଛି। ଦୀପକ ପ୍ରଥମେ ଢେଙ୍କାନାଳ ଭଗବାନପୁର ସରସ୍ୱତୀ ଶିଶୁମନ୍ଦିରରେ ନାମ ଲେଖାଇଥିଲେ। ହେଲେ ପରିବାରର ଆର୍ଥିକ ଅନଟନ ପାଇଁ ଏହା ସମ୍ଭବ ହୋଇ ନ ଥିଲା। ତେଣୁ ସେ ପୁନର୍ବାର ଗାଁ ସ୍କୁଲରେ ନାମ ଲେଖାଇଥିଲେ। ମା'ବାପାଙ୍କୁ ହରାଇ ସେ ଏବେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ତାଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

#### ଏକାଠି ଜଳିଲା ଜୁଇ

ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ଗାଁରେ ପହଞ୍ଚିଥିଲା ମୃତଦେହ। ଏକ ଶୋକାକୁଳ ପରିବେଶରେ ମରଶରୀରକୁ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଏକାଠି ଜଳିଥିଲା ବିଶିକେସନ ଏବଂ ମାମାଙ୍କ ଜୁଇ। ପୁଅ ଦୀପକ ମୁଖାଗ୍ନି ଦେବାବେଳକୁ ଲୁହକୋହରେ ବାଷ୍ପରୁଦ୍ଧ ହୋଇଯାଇଥିଲେ ଦେଖଣାହାରୀ।

### ରାଜ୍ୟ ସଭା ଗଲେ ସୀତାରାମନ, ...

ମହାରାଷ୍ଟ୍ରରେ ଶାସକ ମେଣ୍ଟ ଏମ୍‌ଭିଏର ୩ ବିଧାୟକ ଏବଂ ହରିୟାଣାରେ ବିରୋଧୀ କଂଗ୍ରେସର ୨ ବିଧାୟକ ସେମାନଙ୍କ ବାଲଟ ପେପର ଦେଖାଇ ଭୋଟ ଦେଇ ରାଜ୍ୟ ସଭା ନିର୍ବାଚନ ନିୟମର ଉଲ୍ଲଂଘନ କରିଥିବାରୁ ସେମାନଙ୍କ ଭୋଟ ନାକଚ କରିବାକୁ ଭାଜପା ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛି। ଫଳରେ ଏହି ଦୁଇ ରାଜ୍ୟରେ ଭୋଟଗଣତି ବିଳମ୍ବିତ ହୋଇଛି।

କ୍ରସ୍ ଭୋଟିଂ ଅଭିଯୋଗ ମଧ୍ୟରେ ଶୁକ୍ରବାର ରାଜସ୍ଥାନ, ହରିୟାଣା, କର୍ଣ୍ଣାଟକ ଓ ମହାରାଷ୍ଟ୍ରର ୧୬ ରାଜ୍ୟ ସଭା ଆସନ ଲାଗି ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ନିର୍ବାଚନ କମିଶନ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରିବା ସହ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ଭିଡିଓଗ୍ରାଫି କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସକାଳ ୯ରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା।

ମୋଟ ୫୭ ରାଜ୍ୟ ସଭା ଆସନ ଲାଗି ନିର୍ବାଚନ ଘୋଷଣା ହୋଇଥିବାବେଳେ ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଓଡ଼ିଶା, ଛତିଶଗଡ଼, ପଞ୍ଜାବ, ତେଲଙ୍ଗାନା, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡର ମୋଟ ୪୧ ଆସନରୁ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରାଜସ୍ଥାନ, ହରିୟାଣା, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର ୧୬ ଆସନ ପାଇଁ ଅଧିକ ପ୍ରାର୍ଥୀ ଥିବାରୁ ଶୁକ୍ରବାର ସେଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଘୋଡ଼ାବେପାର ଆଶଙ୍କାରେ ବିଭିନ୍ନ ଦଳ ସେମାନଙ୍କ ବିଧାୟକମାନଙ୍କୁ ହୋଟେଲ ଓ ରିସର୍ଟରେ ଲୁଚାଇ ରଖିଥିଲେ। କର୍ଣ୍ଣାଟକରେ ଜେଡିଏସ୍ ବିଧାୟକ କେ. ଶ୍ରୀନିବାସ ଗୌଡ଼ା କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା କହିଛନ୍ତି। ଏହା ବ୍ୟତୀତ ସେଠାରେ ଅନ୍ୟ ଏକ ଭୋଟକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା।

ମହାରାଷ୍ଟ୍ରର ୬ ଆସନ ପାଇଁ ଜୋର୍‌ଦାର ପ୍ରତିଯୋଗିତା ହୋଇଥିଲା। ସେଠାରେ ଛୋଟ ଦଳ ଓ ସ୍ୱାଧୀନ ବିଧାୟକମାନଙ୍କର ୨୮ ଭୋଟ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କୁହାଯାଉଛି। ତେବେ ଏନ୍‌ସିପିର ଦୁଇ ବିଧାୟକ ନୱାବ ମଲିକ ଏବଂ ଅନୀଲ ଦେଶମୁଖଙ୍କୁ ଜାମିନ ନ ମିଳିବାରୁ ସେମାନେ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ହରିୟାଣାରେ ଦୁଇ ଆସନ ଲାଗି ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ଜଣେ କଂଗ୍ରେସ ବିଧାୟକଙ୍କ ଭୋଟକୁ ଅବୈଧ ଘୋଷଣା କରାଯାଇଛି। ସ୍ୱାଧୀନ ବିଧାୟକମାନେ ଭାଜପାକୁ ଭୋଟ ଦେଇଛନ୍ତି। ଏଠାରେ ଭାଜପା ପୂର୍ବତନ ମନ୍ତ୍ରୀ କ୍ରିଷନଲାଲ୍ ପନୱାର ଏବଂ କଂଗ୍ରେସ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜୟ ମାକେନ୍‌ଙ୍କୁ ପ୍ରାର୍ଥୀ କରିଥିବାବେଳେ କାର୍ତ୍ତିକେୟ ଶର୍ମା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ୨ ବିଧାୟକଙ୍କ ଭୋଟକୁ ଅବୈଧ ଘୋଷଣା କରିବାକୁ ଭାଜପା ଦାବି କରିବା ଫଳରେ ସେଠାରେ ଭୋଟଗଣନା ବିଳମ୍ବିତ ହୋଇଥିଲା। ହରିୟାଣାରେ କଂଗ୍ରେସର ୩୧ ଭୋଟ ଥିବାବେଳେ ଭାଜପାର ୫୭ ଭୋଟ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ନିଜ ନିଜର ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ ଦୂରେଇ ଯାଇପାରନ୍ତି। କର୍ମକ୍ଷେତ୍ରର ସମସ୍ୟା ସମାଧାନ ସହ ଟେନସନ୍ କମିଯିବା ସକାଶେ ଚେଷ୍ଟା କରିବେ।

**ବୃଷ** – ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଯାନ୍ତ୍ରିକ ଜିନିଷ, ଯାନବାହନ, ବସ୍ତ୍ରାଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମୃଗଶିରା ନକ୍ଷତ୍ରର ମନ ଉଦାସ ରହିବ। ସନ୍ତାନଙ୍କ ଅସନ୍ତୋଷଜନକ କାର୍ଯ୍ୟହେତୁକ ଦୁଶ୍ଚିନ୍ତା ଆସିପାରେ।

**ମିଥୁନ** – ଅତୀତ ଘଟଣାରେ କୌଣସି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ହୋଟେଲ, ରେଷ୍ଟୁରାଣ୍ଟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** – ଈର୍ଷାପରାୟଣ ବ୍ୟକ୍ତିମାନେ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ସମସ୍ୟା ବଢ଼ାଇଦେବେ। ନିଜ ଲୋକ କେହି ଜଣେ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ଚାକିରିରେ ପଦୋନ୍ନତି ଘଟିବାର ସମ୍ଭାବନା ରହିଛି। ଜମିଜମା, କଳକାରଖାନା, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରୁ ସୁଫଳ ପାଇବାର ଆଶା କରାଯାଇପାରେ।

**ସିଂହ** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଭିତରେ ରହିବ। ନିଜର ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ଫନ୍ଦିଫିକର କରିପାରନ୍ତି। ଗବେଷଣା, ଅନୁସନ୍ଧାନ, ଅଧ୍ୟୟନ ଓ ଅଧ୍ୟାପନା ଏବଂ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ। ଅଫିସ୍‌ରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** – ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ, ଫଳରେ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। ପାରିବାରିକ ସ୍ତରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଭ୍ରମଣ କିମ୍ବା ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେବାର ଆଶଙ୍କା ରହିଛି। ଆଜି ଈପ୍ସିତ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବାର ସୂଚନା ରହିଛି।

**ତୁଳା** – ଯେ କୌଣସି ପ୍ରତିରୋଧକୁ ଆଡେଇ ଯାଇ କାମ ହାସଲରେ ସମର୍ଥ ହେବେ। ପାରିବାରିକ ସ୍ଥିତି ଭଲ ରହି ନ ପାରେ ଏବଂ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପରିବେଶ ଓ ପରିସ୍ଥିତି ଠିକ୍ ନ ଥିବା କାରଣରୁ ଭୋଗବିଳାସରେ ବାଧାବିଘ୍ନ ଘଟିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ାର ଆଶଙ୍କା ରହିଛି।

**ବିଛା** – ସମ୍ପର୍କହାନି କାରଣରୁ ମାନସିକ ଅସ୍ଥିରତା ହେତୁ କାମଗୁଡ଼ିକ ଅସମ୍ପୂର୍ଣ୍ଣ ରହିଯିବ। କାଳକ୍ଷେପଣ ନୀତିରେ କେତେକ କାମକୁ ଅବହେଳା କରି ସମାଲୋଚିତ ହୋଇପାରନ୍ତି। ପରିଶ୍ରମଜନିତ ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। ବନ୍ଧୁଙ୍କ ନିକଟରୁ କିଛି ଲୋଭନୀୟ ପ୍ରତିଶ୍ରୁତି ପାଇ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** – ପାରିବାରିକ କ୍ଷେତ୍ରରେ ଠିକ୍ ବୁଝାମଣା ହେତୁ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। କେତେକ ଆକସ୍ମିକ ପ୍ରତିବନ୍ଧକ କାରଣରୁ କାମ ହାସଲ କଷ୍ଟକର ହୋଇପାରେ। ଶୁଭ ଖବର ପାଇ ଉଲ୍ଲସିତ ହେବେ ଏବଂ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ସଭାସମିତିରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମକର** – ଆଜିର ପ୍ରତ୍ୟୁଷ ଯାତ୍ରା ଆନନ୍ଦଦାୟକ ରହିବ ଓ ନୂତନ ମିତ୍ରତା ସୃଷ୍ଟି ହେବ। କୌଶଳପୂର୍ଣ୍ଣ କଥା କହି ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ସାଂଗଠନିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ,ପରିବହନ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ।

**କୁମ୍ଭ** – ନିଜର ଦୂରଦୃଷ୍ଟି ଓ କୌଶଳପୂର୍ଣ୍ଣ କାର୍ଯ୍ୟଶୈଳୀ ହେତୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଲୋଚନା ପରିସରରେ ରୁକ୍ଷ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବନ୍ଧୁଙ୍କ ମନରେ ଆଘାତ ଆସିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି।

**ମୀନ** – ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ ତଥାପି କାମ ଅଟକି ରହିବ ନାହିଁ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟିବ। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କାମରେ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

## ବଟି ଆଦାୟ ଅଭିଯୋଗରେ ୩ ଗିରଫ

ପୁରୀ ଅଫିସ, ୧୦।୬:ବଟି ଆଦାୟ ଅଭିଯୋଗରେ ବାସେଳିସାହି ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳିସାହି ଥାନା ଅଧୀନ ଜଗନ୍ନାଥ ବସ୍ତିର ମନୋଜ ପଣ୍ଡା, ମିଶ୍ର ନୋଳିଆ ସାହିର ଦୀପକ ବେହେରା ଏବଂ ଲୋକନାଥ ରୋଡ୍ ମଣି ମହାସୁଆର ବଗିଆ ଅଞ୍ଚଳର ବଳରାମ ମିଶ୍ର। ପୋଲିସ ଏ ନେଇ ଏକ କେସ୍ (ନଂ. ୧୩୬/୨୨) ରୁଜୁ କରିଛି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଖଣ୍ଡା, ଦୁଇଟି ଲାଠି, ଦୁଇଟି ମୋବାଇଲ ଫୋନ୍ ଏବଂ ୫୦୦ ଟଙ୍କା ଜବତ କରାଯାଇଛି।

# କମ୍ପାନୀ ଅଧିକାରୀଙ୍କୁ ଗୋଡ଼ାଇ ପିଟିଲେ



କମ୍ପାନୀ ଅଧିକାରୀଙ୍କୁ ଉତ୍ତ୍ୟକ୍ତ ଲୋକେ ଗୋଡ଼ାଇ ଗୋଡ଼ାଇ ପିଟୁଛନ୍ତି(ବାମ)। ଲୋକେ ଜନଶୁଣାଣିକୁ ବିରୋଧ କରି ପ୍ରଶାସନିକ ଅଧିକାରୀଙ୍କୁ ଘେରାଉ କରିଛନ୍ତି।

## ପ୍ରକଳ୍ପ ନିର୍ମାଣ ପାଇଁ ଜନଶୁଣାଣିକୁ ବିରୋଧ

## ଜନଶୁଣାଣି ବାତିଲ, ପୋଲିସରେ ମାମଲା

ଝାରସୁଗୁଡ଼ା ଅଫିସ,୧୦।୬

ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅଞ୍ଚଳରେ ଶୁକ୍ରବାର ଏକ କମ୍ପାନୀର ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଜନଶୁଣାଣି ଆୟୋଜନ କରାଯାଇଥିଲା। ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ କମ୍ପାନୀ ଅଧିକାରୀଙ୍କୁ ମାଡ଼ ମାରିବାକୁ ପଛାଇ ନ ଥିଲେ।

ହାଇଦ୍ରାବାଦର ରାମ୍‌କୀ ଏନ୍‌ଭିରୋ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ତରଫରୁ ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅନ୍ତର୍ଗତ ଲୁନିୟନ ଅଞ୍ଚଳର ୬୪ ଏକର ଜମିରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଛନ୍ତି। ଏହାସତ୍ତ୍ୱେ କମ୍ପାନୀ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରୟାସ ଜାରି ରଖିଛି। ପରିବେଶ ମଞ୍ଜୁରୀ ପାଇଁ ଶୁକ୍ରବାର ଲଖନପୁର ସମଲେଇ ପଡ଼ିଆରେ ଜିଲା ପ୍ରଶାସନ ତରଫରୁ ଜନଶୁଣାଣିର ଆୟୋଜନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ଜନଶୁଣାଣି ସ୍ଥଳରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସ୍ଥାନୀୟ ଲୋକେ ଏହାକୁ କଡ଼ା ବିରୋଧ କରିଥିଲେ। ସେମାନେ ପୋଷ୍ଟର, ବ୍ୟାନର ଧରି ରାମ୍‌କୀ କମ୍ପାନୀ ଗୋବ୍ୟାକ୍ କହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ପ୍ରଶାସନିକ ଅଧିକାରୀଙ୍କୁ ଘେରାଉ କରି ମଞ୍ଚ ଉପରକୁ ଯିବାକୁ ଦେଇ ନ ଥିଲେ। ଉତ୍ତେଜନା ଦେଖାଦେବାରୁ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ପରେ ଅତିରିକ୍ତ ଜିଲାପାଳ ପ୍ରବୀର ନାୟକ ଜନଶୁଣାଣି ବାତିଲ କରିବାକୁ ବାଧ୍ୟ ହୋଇଥିଲେ। ପରବର୍ତ୍ତୀ ସମୟରେ ଉତ୍ତ୍ୟକ୍ତ ଲୋକେ ସେଠାରେ ଉପସ୍ଥିତ କମ୍ପାନୀ ଅଧିକାରୀ ଓ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଫଳରେ ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପସ୍ଥିତ ପୋଲିସ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତି ଶାନ୍ତ କରିଥିଲା। କମ୍ପାନୀର ଭାଇସ୍ ପ୍ରେସିଡେଣ୍ଟ ସଞ୍ଜୀବ କୁମାର ଏ ନେଇ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି, ଜନଶୁଣାଣି ସ୍ଥାନରେ କେତେକ ଅଜଣା ଲୋକ କମ୍ପାନୀ ଅଧିକାରୀ ଓ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରି ଧମକଚମକ ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଲଖନପୁର ଥାନା କେସ୍ ନଂ.୧୩୦/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ।

ପ୍ରକଳ୍ପକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଚାଷୀନେତା ବିରଞ୍ଚି ସାହୁ, ଗୋପୀନାଥ ମାଝି, ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ପୁଷ୍ପାଞ୍ଜଳି ସେଠ୍, ଲଖନପୁର ସରପଞ୍ଚ ଆରତି ପ୍ରଧାନ, କୁଡାଲୋଇ ସରପଞ୍ଚ ସନାତନ ନାୟକ, ପିପିଲିମାଲ ସରପଞ୍ଚ ଦୀନବନ୍ଧୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ପ୍ରବୀର ନାୟକ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ସଞ୍ଜୀବ ପଟେଲ, ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାୟକ, ସହକାରୀ ବୈଜ୍ଞାନିକ ଅନୁଷା ଏକ୍କା, ଅଶୋକ ଭୋଇ, ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍, ଲଖନପୁର ଆଇଆଇସି ଦୁଃଖିନ୍ଦ୍ର ସାହୁ, ବନହରପାଲି ଆଇଆଇସି ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାୟକ କହନ୍ତି, ସ୍ଥାନୀୟ ଲୋକେ ଜନଶୁଣାଣିକୁ ବିରୋଧ କଲାପରେ ଜିଲାପ୍ରଶାସନ ଏହାକୁ ବାତିଲ କରିଛି। ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦିଲ୍ଲୀ ଓ ଭୁବନେଶ୍ୱରଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ୨୦୨୧ ଅଗଷ୍ଟ ୨୭ରେ କମ୍ପାନୀର ପ୍ରସ୍ତାବିତ ଜନଶୁଣାଣିକୁ ସ୍ଥାନୀୟ ଲୋକେ ବିରୋଧ କଲାପରେ ଜିଲା ପ୍ରଶାସନ ଏହାକୁ ବାତିଲ କରିଥିଲା।

# ଜିଅନ୍ତା ଜଳିଗଲେ ଛାତ୍ରୀ

## ରୋଷେଇ ବେଳେ ଅଘଟଣ

ପରଜଙ୍ଗ/କାମାକ୍ଷାନଗର, ୧୦।୬(ଡି.ଏନ୍.ଏ.)

ରୋଷେଇ କରିବା ବେଳେ ନିଆଁ ଲାଗିଯିବାରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି ଜଣେ ଛାତ୍ରୀ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାମ ଗାଁରେ ଶୁକ୍ରବାର ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତ ଛାତ୍ରୀ ହେଲେ ଜଗବନ୍ଧୁ ମହାନ୍ତଙ୍କ ଝିଅ ଲିପ୍ସିରେଖା (୧୯)। ଶୁକ୍ରବାର ପୂର୍ବାହ୍ନରେ ରୋଷେଇ କରୁଥିବା ବେଳେ କାଠଚୁଲିରୁ ନିଆଁ ଉଡ଼ି ଲିପ୍ସିରେଖାଙ୍କ ଡ୍ରେସ୍‌ରେ ଲାଗିଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ସର୍ବାଙ୍ଗ ଶରୀର ପୋଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମହାବିରୋଡ଼ ଫାଣ୍ଡି ଅଧିକାରୀ ପ୍ରଦୀପ ରଞ୍ଜନ ପାତ୍ର ମୃତଦେହ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଲିପ୍ସିରେଖା ଗଡ଼ପଳାଶୁଣି କଲେଜର ଯୁକ୍ତ୨ ଛାତ୍ରୀ ଥିଲେ। ତାଙ୍କର ଏଭଳି ଅକାଳ ବିୟୋଗ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। କଲେଜର ଅଧାପିକା, ଅଧାପକ, ସହପାଠୀମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ କାମାକ୍ଷାନଗର ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ରେଡ୍‌କ୍ରସ୍ ପାଣ୍ଠିରୁ କିଭଳି ଆର୍ଥିକ ସହାୟତା ମିଳିପାରିବ ସେ ନେଇ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଶପଥ ନେଲେ ହାଇକୋର୍ଟର ୨ ବିଚାରପତି


ଜଷ୍ଟିସ ଶୁଭାଶିଷ ତାଳପତ୍ର ଓ ସଞ୍ଜୟ କୁମାର ମିଶ୍ରଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଶପଥପାଠ କରାଉଛନ୍ତି।

କଟକ ଅଫିସ, ୧୦।୬

ଓଡ଼ିଶା ହାଇକୋର୍ଟର ୨ ଜଣ ନବନିଯୁକ୍ତ ବିଚାରପତି ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ସେମାନେ ହେଲେ ଜଷ୍ଟିସ ଶୁଭାଶିଷ ତାଳପତ୍ର ଓ ସଞ୍ଜୟ କୁମାର ମିଶ୍ର। ଓଡ଼ିଶା ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ଉଭୟ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ଡିଜିପି ସୁନୀଲ ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପି.କେ. ପାରହୀ, ପ୍ରମୁଖ ସଚିବ ପି. କେ. ପାତ୍ର, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶୁଭାଶିଷ ୨୦୧୧ ନଭେମ୍ବର ୧୫ ତାରିଖରେ ଗୁଆହାଟୀ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ଶପଥ ନେଇଥିଲେ। ଏହାପରେ ସେ ତ୍ରିପୁରା ହାଇକୋର୍ଟରେ ସ୍ଥାୟୀ ବିଚାରପତି ଭାବେ ୨୦୧୩ ସେପ୍ଟେମ୍ବର ୧୩ ତାରିଖରେ ଶପଥ ଗ୍ରହଣ କରିଥିଲେ। ୨୦୧୮ ନଭେମ୍ବର ଓ ୨୦୧୯ ନଭେମ୍ବରରେ ସେ କିଛିଦିନ ପାଇଁ ତ୍ରିପୁରା ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ତାଙ୍କୁ ଓଡ଼ିଶା ହାଇକୋର୍ଟକୁ ବିଚାରପତି ଭାବେ ବଦଳି କରାଯାଇଛି। ସେହିପରି ସଞ୍ଜୟ ୧୯୯୦ ମସିହାରେ ଏମ୍.ଏସ୍. ଆଇନ କଲେଜରୁ ଏଲ୍‌ଏଲ୍‌ବି ପାସ୍ କରିବା ପରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଓଡ଼ିଶା ହାଇକୋର୍ଟରେ ବହୁ ମାମଲା ପରିଚାଳନାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ତାଙ୍କୁ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ପଦୋନ୍ନତି ଦେବା ପ୍ରସ୍ତାବକୁ ଗତ ଜାନୁୟାରୀରେ ସୁପ୍ରିମକୋର୍ଟ କଲେଜିୟମ ଗ୍ରହଣ କରିଥିଲେ।

# ବେଶ ଆଗରେ ରହିବେନି ସେବାୟତ

## ଦଇତାପତି ନିଯୋଗ ସହ ପ୍ରଶାସନର ବୈଠକ

- ରଥକୁ ମୋବାଇଲ ମନା
- ଘଣ୍ଟାଏ ଆଗରୁ ନୀତିକାନ୍ତି ସାରିବାକୁ ନିଷ୍ପତ୍ତି
- ରାତି ୯ ପର୍ଯ୍ୟନ୍ତ ଦର୍ଶନ

ପୁରୀ ଅଫିସ,୧୦।୬

ସ୍ନାନଯାତ୍ରାଠାରୁ ସୁନାବେଶ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ ଏବଂ ପରିଚାଳନା କମିଟି ଆଲୋଚନା କରିଛି। ରଥ ଉପରକୁ ମୋବାଇଲ ଫୋନ୍ ନେବା ବାରଣଠାରୁ ଆରମ୍ଭ କରି ହାତୀବେଶ ଓ ସୁନାବେଶ ଭଳି ଦୁର୍ଲ୍ଲଭ ବେଶ ସମୟରେ ମହାପ୍ରଭୁଙ୍କ ସମ୍ମୁଖରେ ସେବାୟତମାନେ ନ ରହିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଦଇତାପତି ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

ଦୀର୍ଘଦିନ ପରେ ଭକ୍ତ ଚର୍ମଚକ୍ଷୁରେ ଦାରୁଦିଅଁଙ୍କ ଦର୍ଶନ କରିବେ। ଏଥିରେ କେହି ବାଧକ ନ ହେବା ନେଇ ସେବାୟତମାନେ ଧ୍ୟାନ ଦେବା ଦରକାର ବୋଲି ବୈଠକରେ ସର୍ବସମ୍ମତ ମତ ପ୍ରକାଶ ପାଇଛି। ଦଇତାପତି ସେବାୟତମାନେ ମହାପ୍ରଭୁଙ୍କ ଦର୍ଶନରେ ବାଧକ ସାଜିବେ ନାହିଁ ବୋଲି ପରିଚାଳନା କମିଟି ଓ ପ୍ରଶାସନକୁ ଆଶ୍ୱସ୍ତ କରିଛନ୍ତି। ସ୍ନାନଯାତ୍ରା ଦିନ ସ୍ନାନବେଦୀ ତଳେ ଦିନତମାମ୍ ଦର୍ଶନ ହେବ। ଧୂପ ସରିଲେ, ଭକ୍ତ ସ୍ନାନବେଦୀ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଚତୁର୍ଦ୍ଧାବିଗ୍ରହଙ୍କୁ କେହି ସ୍ପର୍ଶ କରିବେ ନାହିଁ। ହାତୀବେଶକୁ ସୁରକ୍ଷିତ ରଖାଯିବ ଓ ସଯତ୍ନରେ ଓଲାଗି କରାଯିବ। ସେହିଭଳି ଅନବସର ସମୟରେ ମହାପ୍ରଭୁଙ୍କ ସେବାରେ ଲାଗିବାକୁ ଥିବା ରାଶିତେଲ, ଚନ୍ଦନ ଓ ଝୁଣା ଇତ୍ୟାଦି ପ୍ରସ୍ତୁତ ହୋଇରହିଛି। ଭୋଗ ସାମଗ୍ରୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଅନବସର ପରେ ନବଯୌବନଠାରୁ ଭକ୍ତଙ୍କ ଆଗମନ ବଢ଼ିବ। ଏଭଳି ସ୍ଥଳେ ନୀତିକାନ୍ତି ବିଳମ୍ବ ହେଲେ ରଥଯାତ୍ରା ନୀତିକାନ୍ତି ମଧ୍ୟ ପ୍ରଭାବିତ ହେବ। ଏଣୁ ନବଯୌବନ ଦର୍ଶନଠାରୁ ନୀତିକାନ୍ତିକୁ ସମୟ ଥାଇ ସାରିବା ପାଇଁ କୁହାଯାଇଛି। ରଥଯାତ୍ରା ଦିନ ନିର୍ଦ୍ଧାରିତ ସମୟର ଘଣ୍ଟାଏ ପୂର୍ବରୁ ସବୁ ନୀତିକାନ୍ତି କରାଯିବା ପାଇଁ ଯୋଜନା କରାଯାଇଛି। ଯେଉଁ ସମୟ ଧାର୍ଯ୍ୟ ହୋଇଛି, ତା'ଠାରୁ ସଅଳ କାର୍ଯ୍ୟ ହୋଇପାରିଲେ ଠିକ୍ ସମୟରେ ଗୁଣ୍ଡିଚା ଘରେ ରଥ ପହଞ୍ଚିପାରିବ। ସେହିଭଳି ବାହୁଡ଼ାଯାତ୍ରା ଓ ସୁନାବେଶରେ ମଧ୍ୟ ସଅଳ ନୀତିକାନ୍ତି କରାଯିବା ନେଇ ଆଲୋଚନା ହୋଇଥିବା ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି। ସେହିପରି ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ସ୍ନାନଯାତ୍ରାର କାର୍ଯ୍ୟକ୍ରମ ଅନୁଯାୟୀ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭକ୍ତ ଦର୍ଶନ କରିପାରିବେ। ସ୍ନାନବେଦୀ ଉପରେ ୩ରୁ ୪ ଘଣ୍ଟା ଦର୍ଶନ ହେବ। ଆନନ୍ଦବଜାରରେ ମହାପ୍ରସାଦର ବ୍ୟବସ୍ଥା ହେବ। ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ସେବାୟତମାନେ ହାତୀବେଶରୁ ଫୁଲ ନେଇପାରିବେ ନାହିଁ। ଭକ୍ତଙ୍କ ଦର୍ଶନ ନ ସରିବା ପର୍ଯ୍ୟନ୍ତ ବେଶ ସୁରକ୍ଷିତ ରହିବ। ବେଶକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସୁରକ୍ଷିତ ଭାବେ ରଖାଯିବ। ସ୍ନାନଯାତ୍ରାରେ ୫ରୁ ୭ ଲକ୍ଷ ଭକ୍ତ ପୁରୀ ଆସିବା ସମ୍ଭାବନା ରହିଛି। ତେବେ ଶ୍ରୀମନ୍ଦିର ପ୍ରଶାସନର ବୈଠକ ପରେ ବିଭିନ୍ନ ନିଯୋଗର ମୁଖ୍ୟମାନେ ବୈଠକ କରି ସ୍ନାନଯାତ୍ରା ପରିଚାଳନା ଉପରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# 'ଲୋକ ସମ୍ପର୍କ ବିଭାଗ ସରକାର ଓ ଜନତାଙ୍କ ମଧ୍ୟରେ ସଂଯୋଗର ସେତୁ'


ବୈଠକରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟ ଅଧିକାରୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ସଂଯୋଗ ସେତୁର ଭୂମିକା ନିର୍ବାହ କରିଥାଏ। ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ଓ ସଫଳତାକୁ ଜନସାଧାରଣଙ୍କ ନିକଟରେ ଠିକ୍ ଭାବରେ ଉପସ୍ଥାପନର ଗୁରୁତ୍ୱ ବହନ କରିଥାଏ ବୋଲି ସୂଚନା ଓ ଲୋକସମ୍ପର୍କ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ମନ୍ତ୍ରୀ ଅମାତ ଗୁରୁବାର ଲୋକସମ୍ପର୍କ ଭବନ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ମନ୍ତ୍ରୀଙ୍କୁ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବିଭାଗକୁ ଅଧିକ କ୍ରିୟାଶୀଳ ତଥା ସଫଳ କରି ଗଢ଼ିତୋଳି ଉତ୍କର୍ଷ ପ୍ରତିପାଦନ କରିବାକୁ ଅଧିକାରୀ ଓ କର୍ମଚାରୀମାନେ ସଚେତନତାର ସହ ଉଦ୍ୟମ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ବିଭାଗର ବିଭିନ୍ନ ସମସ୍ୟା ଦୂର ପାଇଁ ଯଥୋଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ, ସରକାରଙ୍କ ଯୋଜନା, କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା, ଜାତୀୟ ଦିବସ ତଥା ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ କରିବା ସହିତ ବିଭିନ୍ନ ପ୍ରକାଶନ ପାଇଁ ବିଭାଗ ପଦକ୍ଷେପ ନେଇଥାଏ। ବର୍ତ୍ତମାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଉପଯୋଗରେ ଇଣ୍ଟରନେଟ୍, ଇ-ମେଲ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ ପରି ସାମାଜିକ ଗଣମାଧ୍ୟମ ସହାୟତାରେ ସୂଚନା ଅଧିକାରୀମାନେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ସବୁସ୍ତରରେ ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ବିଭାଗର କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତି ସଫଳ କାର୍ଯ୍ୟାନ୍ୱୟନରେ ବିଭିନ୍ନ ପ୍ରତିବନ୍ଧକ ଅତିକ୍ରମ କରି ବିଭାଗର ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ବୈଠକରେ ବିଭାଗୀୟ ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

ଗୋପାଳପୁର,୧୦।୬(ଡି.ଏନ.ଏ.)

ଗୋପାଳପୁର ଥାନା ଅନ୍ତର୍ଗତ ବଡଗୁମୁଳା ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ମଳୟ କୁମାର ନାହାକ(୧୭)ଙ୍କ ମୃତ୍ୟୁ ଘଟିଛି। ଘରକୁ ଆସିଥିବା ଷ୍ଟିଲ ପାଇପ ଉପରକୁ ଉଠାଉଥିବା ବେଳେ ଝୁଲି ରହିଥିବା ବିଦ୍ୟୁତ୍ ତାର ଲାଗିଯାଇଥିଲା। ଫଳରେ ମଳୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ୍ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଦାଦା ଚକ୍ରପାଣି ନାହାକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ବିଦ୍ୟୁତ ତାରଟି ଓହଳିଥିବା ନେଇ ଲାଇନମ୍ୟାନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୧୧/୨୨ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି।

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଡିଜିପିଙ୍କ ଗୁରୁତ୍ୱ


ସମୀକ୍ଷା ବୈଠକରେ ଡିଜିପି ସୁନୀଲ ବଂଶଲଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

## ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ନେଇ ସମୀକ୍ଷା ବୈଠକ

- ମୁତୟନ ହେବେ ୫୦ ପ୍ଲାଟୁନ୍ ଫୋର୍ସ
- ଶ୍ରୀମନ୍ଦିର ପରିସର, ବାହାରେ ସିସିଟିଭି ବ୍ୟବସ୍ଥା

କଟକ ଅଫିସ, ୧୦।୬

ଆସନ୍ତା ୧୪ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଶୃଙ୍ଖଳିତ ଭାବେ ଦେବସ୍ନାନ ପୂର୍ଣ୍ଣିମାକୁ ସମାପ୍ତ କରିବାକୁ ଡିଜିପି ବଂଶଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ପରିସର ଓ ବାହାରେ ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍.କେ. ଶର୍ମା ଯୋଗଦେଇ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସ୍ନାନବେଦୀ ନିକଟକୁ ଭକ୍ତଙ୍କୁ ବାରଣ, ଜନଗହଳି ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧକୁ ଦମନ ଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଯୋଗଦେଇ ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ପରିସର ଓ ବାହାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ୩ କମାଣ୍ଡାଣ୍ଟ, ୭ ଅତିରିକ୍ତ ଏସ୍‌ପି, ୧୪ ଡିଏସ୍‌ପି, ୩୦ ଇନ୍ସପେକ୍ଟର ଏବଂ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏହି ବୈଠକରେ ପୁରୀ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ହତବୁଦ୍ଧି ହୋଇ ଯାଅନା । ଭୁଲିଯିବା ପାଇଁ ଚେଷ୍ଟା କରନା । ଅବଚେତନା ଭିତରକୁ ଖସିପଡନା । କାରଣ, ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ପଡିବ । ... ଗୋଟିଏ ଦିନରେ କେହି ନିଜ ପ୍ରକୃତିକୁ ଜୟ କରିପାରେ ନାହିଁ । ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ଥିଲେ ବିଜୟ ସୁନିଶ୍ଚିତ । –ଶ୍ରୀମା

# ଚାପରେ କେନ୍ଦ୍ର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରତି କେନ୍ଦ୍ର ଅତି ସମ୍ବେଦନଶୀଳ ବୋଲି ବହୁ ସମୟରେ ଦାବି କରେ । ତେବେ ବର୍ତ୍ତମାନ ମିଜୋରାମରେ ଏକ ସମସ୍ୟାରେ ତା' ଦାବିର ପରୀକ୍ଷା ହୋଇଯିବ । କିଛି ଦିନ ହେଲା ମିଜୋରାମରେ ପ୍ରମୁଖ ସିଭିଲ ସୋସାଇଟି ଗ୍ରୁପ୍‌ଗୁଡ଼ିକ ରାଜ୍ୟର ମୁଖ୍ୟ ଶାସନ ସଚିବ ରେଣୁ ଶର୍ମାଙ୍କୁ ହଟାଇବା ପାଇଁ ଅଭିଯାନ ଚଳାଇ ଆସୁଛନ୍ତି । ମିଜୋ ଓ ସ୍ଥାନୀୟ ଭାଷା କହିପାରୁଥିବା ଜଣେ ଅଧିକାରୀଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରିବାକୁ ସେମାନେ ଚାହୁଁଛନ୍ତି । ପ୍ରତିବାଦକାରୀମାନେ କହନ୍ତି, ମିଜୋ ଭାଷା କହି ଲୋକଙ୍କ ସହ ସମ୍ପର୍କ ରଖିବାରେ ଶର୍ମାଙ୍କ ଅକ୍ଷମତା ହେଉଛି ବାସ୍ତବ ସମସ୍ୟା ଏବଂ ଏହା ପ୍ରଶାସନରେ ବାଧା ସୃଷ୍ଟି କରୁଛି । ମିଜୋ ଲୋକଙ୍କ ଦାବିକୁ କେନ୍ଦ୍ର ବାରମ୍ବାର ଅଣଦେଖା କରିବାରୁ ପ୍ରତିବାଦ ଏବେ ସାଧାରଣ ସ୍ତରରେ ପହଞ୍ଚିଛି । ଏହି ବିବାଦ ନୂଆ ନୁହେଁ । ୧୯୮୮ ବ୍ୟାଚ୍‌ର ଏଜିଏମ୍‌ୟୁଟି କ୍ୟାଡର ଅଧିକାରୀ ଶର୍ମାଙ୍କୁ,ତାଙ୍କ ପୂର୍ବାଧିକାରୀ ଲାଲନୁମାଁୱି ଚୁଆଉଙ୍ଗୋ ଅବସର ପରେ ଗତ ବର୍ଷ ଅକ୍ଟୋବରରେ କେନ୍ଦ୍ର କିଭଳି ଏହି ପଦବୀରେ ନିଯୁକ୍ତି ଦେଇଥିଲା ସେ ସମ୍ପର୍କରେ ଉକ୍ତ ସ୍ତମ୍ଭରେ ପ୍ରକାଶ କରାଯାଇଥିଲା । ବିଚିତ୍ର କଥା ହେଉଛି, ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ସେହି ସମାନ ଦିନ ସମାନ ପଦବୀରେ ନିଯୁକ୍ତି ଲାଗି ଅତିରିକ୍ତ ମୁଖ୍ୟ ସଚିବ ଜେ.ସି.ରାମଥାଙ୍ଗାଙ୍କୁ ନାମାଙ୍କିତ କରିଥିଲେ । କିନ୍ତୁ କେନ୍ଦ୍ରର ପ୍ରାର୍ଥୀ ଶର୍ମା ଦାୟିତ୍ୱ ନେଲା ପରେ ଏହି ଦ୍ୱନ୍ଦ୍ୱ ଶେଷ ହେଲେ ମଧ୍ୟ ସମସ୍ୟା ଶାନ୍ତ ପଡ଼ିନାହିଁ । ଶର୍ମାଙ୍କୁ ବିରୋଧ କରିବା ପଛରେ ରାଜ୍ୟ ସରକାରଙ୍କ ପରୋକ୍ଷ ସମର୍ଥନ ରହିଛି ବୋଲି ପର୍ଯ୍ୟବେକ୍ଷକମାନେ କହନ୍ତି । ସମସ୍ୟାକୁ ନେଇ କେନ୍ଦ୍ର ଚାପରେ ରହିଛି । ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ସତର୍କତାମୂଳକ ପଦକ୍ଷେପ ନେଇ ଶର୍ମାଙ୍କୁ ହଟାଇବା ପାଇଁ ହେଉଥିବା ଦାବିକୁ ସ୍ୱୀକାର କରି ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଶେଷ କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି ।

### ଉଭୟଙ୍କର ଲାଭ

ବିଶେଷସୂତ୍ରରୁ ଜଣାପଡ଼ିଛି ଯେ, ତୈଳ ଏବଂ ପ୍ରାକୃତିକ ବାଷ୍ପ ନିଗମ( ଓଏନ୍‌ଜିସି)ର ଶୀର୍ଷ ପଦ ପାଇଁ ପ୍ରାଇଭେଟ୍ ସେକ୍ଟର ବା ଘରୋଇ କ୍ଷେତ୍ରରୁ ଜଣେ ଏକ୍‌ଜିକ୍ୟୁଟିଭଙ୍କୁ ଆଣିବା ଲାଗି କେନ୍ଦ୍ର ବିଚାର କରୁଥିବା ଜଣାପଡ଼ିଛି । ଶଶୀ ଶଙ୍କର ଅବସର ନେବା ପରେ ଗତ ବର୍ଷ ମାର୍ଚ୍ଚରୁ ଏହି ପଦବୀ ଖାଲିପଡ଼ିଛି । ସରକାରଙ୍କ ରିସର୍ଚ୍ଚ–କମ୍ –ସିଲେକ୍‌ସନ କମିଟି ପ୍ରାଇଭେଟ୍ ସେକ୍ଟରର ଏକ୍‌ଜିକ୍ୟୁଟିଭମାନଙ୍କୁ ଏବଂ ସରକାରରେ ଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଖୋଜିବା ପାଇଁ ଯୋଜନା କରୁଛି । କୁହାଯାଏ, ଆହ୍ୱାନଗୁଡ଼ିକୁ ସାମ୍ନା କରିବାର କ୍ଷମତା ବୃଦ୍ଧି କରି ତଥା ଦକ୍ଷତା ବଢାଇ କମ୍ପାନୀକୁ ସୁଧାରିବାରେ ଜଣେ ପ୍ରାଇଭେଟ ସେକ୍ଟର ଲିଡର୍ କିମ୍ବା ମ୍ୟାନେଜର ସାହାଯ୍ୟ କରିବାର ଅଧିକ ସମ୍ଭାବନା ରହିଛି । ଏଣୁ ଯୋଜନାକୁ ଅଧିକ ଆକର୍ଷକ କରିବା ଲାଗି ସରକାର ସେମାନଙ୍କୁ ଲାଭପ୍ରଦ ସୁବିଧାସୁଯୋଗ ଦେବା ପାଇଁ ବିକଳ୍ପଗୁଡ଼ିକ ଉପରେ ବିଚାର କରୁଛନ୍ତି । ଅନ୍ୟପକ୍ଷରେ ଆଇଏଏସ୍ ଅଧିକାରୀମାନଙ୍କୁ ଆଣିଲେ ଅଧିକ ବ୍ୟବସାୟ ହୁଏ ବୋଲି ତାମିଲନାଡୁରେ ବହୁ କର୍ପୋରେଟ ହାଉସ୍ ବିଶ୍ୱାସ କରନ୍ତି । ନିକଟରେ ଚେନ୍ନାଇର ଦୁଇ ପ୍ରମୁଖ କର୍ପୋରେଟ ଦୁଇ ପୂର୍ବତନ ଆଇଏଏସ୍ ଅଧିକାରୀ ଆର୍. ଗୋପାଳନ ଏବଂ ଏମ୍.ଏଫ୍. ଫାରୁକିଙ୍କୁ ସେମାନଙ୍କ କମ୍ପାନୀରେ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରିବା ଲାଗି କାଗଜପତ୍ର ପ୍ରସ୍ତୁତ କରିଛନ୍ତି । ଅବଶ୍ୟ ଦୁଇ ପୂର୍ବତନ ବାବୁ ଏହି କମ୍ପାନୀଗୁଡ଼ିକର ବୋର୍ଡରେ କିଛି ଦିନ ପାଇଁ କାମ କରିଛନ୍ତି । କିନ୍ତୁ ଶୀର୍ଷ ପଦବୀକୁ ସେମାନଙ୍କ ପଦୋନ୍ନତି ଅନେକ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ସମ୍ଭବତଃ, କେନ୍ଦ୍ର ଓ ରାଜ୍ୟରେ କାର୍ଯ୍ୟ କରିବାର ଲମ୍ବା ଅନୁଭବ ଥିବା ଏହି ବାବୁମାନେ ଏକ ନୂଆ ସମ୍ଭାବନା ଆଣିପାରିବେ । ଏଣୁ ଉଭୟ ପୂର୍ବତନ ବାବୁ ଏବଂ ସେମାନଙ୍କ କର୍ପୋରେଟ ମାଷ୍ଟରମାନଙ୍କ ପାଇଁ ଏହି ବ୍ୟବସ୍ଥା ଭଲ ଓ ଲାଭପ୍ରଦ ହେବ ।

### ଆଇଏଏସ୍ ସଙ୍କଟ

କମ୍ ବା ସମାନ ସଂଖ୍ୟକ ଲୋକଙ୍କୁ ନେଇ ଅଧିକ ଶାସକୀୟ ପରିଣାମ ପାଇବାକୁ କେନ୍ଦ୍ର ସଙ୍କଳ୍ପ ନେଇଥିଲାବେଳେ, ଆଇଏଏସ୍ ଅଧିକାରୀମାନଙ୍କ ସଂଖ୍ୟା କମ୍ କରି ଏହା କରାଯିବ ବୋଲି ଜଣାପଡ଼ି ନ ଥିଲା । ତେବେ ସେହି ସଙ୍କଳ୍ପ ଏବେ କମ୍ କର୍ମଚାରୀରେ ଅଧିକ ସରକାରୀ କାର୍ଯ୍ୟ କରିବାକୁ ଅନୁମତି ଦେଇଛି । ଗୋଟିଏ ବର୍ଷରୁ ଊର୍ଦ୍ଧ୍ୱ ହେଲା ଆଇଏଏସ୍ ଅଭାବର କଠିନ ସ୍ଥିତିକୁ ଭୋଗିବା ସତ୍ତ୍ୱେ ସରକାର ସର୍ଭିସରେ ଅଧିକାରୀମାନଙ୍କ ପ୍ରବେଶରେ ଉନ୍ନତି ଆଣିବା ଲାଗି ସେମିତି କିଛି ବ୍ୟବସ୍ଥା କରିନାହାନ୍ତି । ନିକଟରେ ପ୍ରକାଶିତ ୟୁପିଏସ୍‌ସି ଫଳରୁ ଜଣାପଡ଼ିଛି ଯେ, ସର୍ଭିସରେ ଆଇଏଏସ୍ ଅଧିକାରୀଙ୍କ ପ୍ରବେଶ ସଂଖ୍ୟା ୧୮୦ । ମୋଦି ପ୍ରଥମେ ପ୍ରଧାନମନ୍ତ୍ରୀ ହେବାବେଳେ ୨୦୧୪ରେ ଏହି ସମାନ ସଂଖ୍ୟା ଥିଲା । ୨୦୧୩ରେ ସିଭିଲ୍ ସର୍ଭିସରେ ମୋଟ ଅଧିକାରୀମାନଙ୍କ ପ୍ରବେଶ ସଂଖ୍ୟା ୧,୨୨୮ରୁ କମି ଏବେ ୭୪୯ରେ ପହଞ୍ଚିଛି । ମାର୍ଚ୍ଚ ପ୍ରାରମ୍ଭରେ, ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଅନ୍ ପର୍ସନାଲର ଏକ ରିପୋର୍ଟ ଆଇଏଏସ୍ ଅଧିକାରୀମାନଙ୍କ ପ୍ରବେଶ ସଂଖ୍ୟା ବୃଦ୍ଧି କରିବାକୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)କୁ ସୁପାରିସ କରିଥିଲା । ହେଲେ ସରକାର ଏହି ବିଷୟ ଉପରେ କୌଣସି ପଦକ୍ଷେପ ନେଇ ନାହାନ୍ତି । ସରକାର ଏବେସୁଦ୍ଧା ଏକ ନିର୍ଦ୍ଦିଷ୍ଟ ଫର୍ମୁଲାରେ କାମ କରୁଛନ୍ତି ଓ ଅଧିକାରାମାନଙ୍କ ପ୍ରବେଶ ସଂଖ୍ୟା ହଠାତ୍ ବୃଦ୍ଧି କରିବାକୁ ଚାହୁଁନାହାନ୍ତି । ଏଣୁ ବ୍ୟବସ୍ଥାର ପୁନର୍ଗଠନ ପାଇଁ ସରକାର ଚେଷ୍ଟା କରୁଥିବାରୁ ଏଭଳି କମ୍ ପ୍ରବେଶ କରାଉଛନ୍ତି । ପୁନଶ୍ଚ ଏହି ବ୍ୟବସ୍ଥା କେତେଦିନ ଚାଲିବ ତାହା ବି ଆମେ ଜାଣୁନା ।

Email: dilipcherian@gmail.com

# ଅପରିପକ୍ୱ ନିଷ୍ପତ୍ତିର ପରିଣାମ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଇନ୍ଦିରା ପାର୍କରେ ପ୍ରାତଃଭ୍ରମଣ ସାରି ସିମେଣ୍ଟ ବେଞ୍ଚରେ ବସିଥିଲି । ମୋ ପାଖ ବେଞ୍ଚରେ ଦି' ଜଣ ବୟସ୍କ ବ୍ୟକ୍ତି କଥାବାର୍ତ୍ତା ହେଉଥିଲେ । ସେମାନଙ୍କ କଥାବାର୍ତ୍ତାରୁ ଜାଣିଲି, ଜଣେ ହେଉଛନ୍ତି ନରେଶବାବୁ ଏବଂ ଅନ୍ୟ ଜଣେ ନିତ୍ୟାନନ୍ଦବାବୁ । ଦୁହେଁ ଓଡ଼ିଶା ସରକାରଙ୍କ ଅଧୀନରେ କାମ କରି ଅବସର ନେଇଛନ୍ତି । ସେମାନଙ୍କର କଥାବାର୍ତ୍ତା ଆଡ଼କୁ ମୋର ଧ୍ୟାନ ଆକର୍ଷିତ ହେଲା ।

ନରେଶବାବୁ କହିଲେ, ଜାଣିଛନ୍ତି! ଶ୍ରୀମନ୍ଦିର ପରିକ୍ରମା ନେଇ ଶଙ୍କରାଚାର୍ଯ୍ୟ ସରକାରଙ୍କ ଉପରେ ଖୁବ୍ କ୍ଷୁବ୍ଧ । ତାଙ୍କ କହିବା କଥା ହେଲା, ଶ୍ରୀମନ୍ଦିରର ବିକାଶ ନାମରେ ଚତୁଃପାର୍ଶ୍ୱ ମଠ ମନ୍ଦିର ଇତ୍ୟାଦିକୁ ଯେପରି ମାଟିରେ ମିଶାଇ ଦିଆଗଲା, ସେ ସମ୍ବନ୍ଧରେ ସରକାର ବା ଶ୍ରୀମନ୍ଦିର ପରିଚାଳନା କମିଟି କେହି ତାଙ୍କ ସହିତ ପରାମର୍ଶ କରିନାହାନ୍ତି । ନିତ୍ୟାନନ୍ଦବାବୁ କହିଲେ, ବର୍ତ୍ତମାନ ମାମଲାଟି ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ସେ ବିଷୟରେ ମତବ୍ୟକ୍ତ କରିବା ଠିକ୍ ହେବନାହିଁ ।

ନରେଶବାବୁ କହିଲେ, ଏ ଗୋଟିଏ କଥା ନୁହେଁ, ବହୁ କଥାରେ ସରକାରଙ୍କ ଅପରିପକ୍ୱ ନିଷ୍ପତ୍ତି ଲୋକମାନଙ୍କୁ ଅସୁବିଧାରେ ପକାଇବା ସଙ୍ଗେ ସଙ୍ଗେ ସରକାର ମଧ୍ୟ ନିନ୍ଦିତ ହେଉଛନ୍ତି ଏବଂ ମାଲିମକଦ୍ଦମାରେ ବହୁ ଅର୍ଥ ଶ୍ରାଦ୍ଧ ହେଉଛି । ଏକଥା କହି ସେ କହିଲେ– ଭାଇ ! ଏଠି ତିନିପ୍ରକାର ଅଧ୍ୟାପକ ବେସରକାରୀ କଲେଜରେ କାମ କରନ୍ତି । ସମାନ କାମକୁ ସମାନ ଦରମା ପରିବର୍ତ୍ତେ ଅଧ୍ୟାପକମାନଙ୍କୁ ବର୍ଗୀକରଣ କରାଯାଇ ପ୍ରବରଣମଣ୍ଡଳୀ( ସିଲେକ୍‌ସନ ବୋର୍ଡ) ଦ୍ୱାରା ମନୋନୀତ ହୋଇ ବେସରକାରୀ କଲେଜରେ ଥିବା ଅଧ୍ୟାପକ, ସରକାରୀ କର୍ମଚାରୀଙ୍କ ହାରରେ ଦରମା ପାଉଥିବା ବେଳେ ଆଉ ଦଳେ ଅଧ୍ୟାପକ ଏବଂ ସବାଶେଷରେ ବ୍ଲକ୍‌ଗ୍ରାଣ୍ଟ ପାଉଥିବା ଅଧ୍ୟାପକଗଣ ଅଛନ୍ତି । ଏମାନେ ସମସ୍ତେ ଅନୁଦାନପ୍ରାପ୍ତ ଅଧ୍ୟାପିକା/ଅଧ୍ୟାପକ ହୋଇଥିଲେ ମଧ୍ୟ ପ୍ରବରଣମଣ୍ଡଳୀ ଦ୍ୱାରା ମନୋନୀତ ହୋଇ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଅଧ୍ୟାପିକା/ ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ସୁପାରିସ ଆଧାରରେ ବେତନ ପ୍ରଦାନ କରାଯାଉଛି । ଆଉ ଦଳେ ଅଧ୍ୟାପକ ଯେଉଁମାନେ ପ୍ରବରଣମଣ୍ଡଳୀ ଦ୍ୱାରା ମନୋନୀତ ହୋଇନାହାନ୍ତି, କିନ୍ତୁ ସମ୍ପୃକ୍ତ ମହାବିଦ୍ୟାଳୟର ପରିଚାଳନା କମିଟିର ଅନୁକମ୍ପା ହେତୁ ସେହି ମହାବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି, ସେମାନଙ୍କୁ ଭିନ୍ନ ହାରରେ ଅର୍ଥାତ୍ ରାଜ୍ୟ ସରକାରଙ୍କ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ/ ପ୍ରଥମ ଶ୍ରେଣୀ କର୍ମଚାରୀ ହାରରେ ବେତନ ପ୍ରଦାନ କରାଯାଉଛି । ଆଉ କିଛି ଅଧ୍ୟାପକ ଅଛନ୍ତି, ସେମାନେ ସେହି ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା କୌଣସି ପ୍ରକାରରେ ନିଯୁକ୍ତି ପାଇଥିବାରୁ ସେମାନଙ୍କୁ ସରକାର ସବୁଠାରୁ କମ୍ ହାରରେ, ଅର୍ଥାତ୍ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ/ଅଧ୍ୟାପିକା କୁହାଯାଇ ଭିନ୍ନ ହାରରେ ଦରମା ପ୍ରଦାନ କରୁଛନ୍ତି । ଏଥିପାଇଁ ଅଧ୍ୟାପିକା ଅଧ୍ୟାପକମାନଙ୍କ ଭିତରେ ନାନା ଦ୍ୱନ୍ଦ୍ୱ ଏବଂ ଦରକାର ପଡ଼ିଲେ ବିଧାନସଭା ଘେରାଉ ଇତ୍ୟାଦି କାର୍ଯ୍ୟକ୍ରମ ସମୟକ୍ରମେ ହେଉଅଛି । ଆମ କହିବାର କଥା, ସରକାରଙ୍କର କୌଣସି ସ୍ୱଷ୍ଟ ନିଯୁକ୍ତି ନୀତି ନ ଥିବାରୁ ଏପରି ତାରତମ୍ୟ ହେଉଛି । ଏସବୁ ଘଟଣା ପାଇଁ ଦାୟୀ କିଏ ?



ତା'ପରେ ନିତ୍ୟାନନ୍ଦବାବୁ ନରେଶବାବୁଙ୍କୁ କହିଲେ,ଆମ୍ଭେମାନେ ଏକ ନିର୍ଦ୍ଦିଷ୍ଟ ବୟସରେ ସରକାରୀ ଚାକିରିରୁ ଅବସର ଗ୍ରହଣ କଲା ପରେ ପ୍ରାୟ ବେତନର ଅର୍ଦ୍ଧେକ ପେନ୍‌ସନ୍ ଆକାରରେ ପାଇଥାଉ । ଏଥିରେ ଦୁଃଖ ନାହିଁ । କିନ୍ତୁ ଆମ ରାଜନେତାଙ୍କ କଥା ଟିକେ ଭାବନ୍ତୁ ତ ? ଏମାନେ ପାଞ୍ଚବର୍ଷ ପାଇଁ ବିଧାନସଭା ବା ଲୋକ ସଭାର ସଦସ୍ୟ ଭାବେ ନିର୍ବାଚିତ ହୋଇ ପେନ୍‌ସନ୍ ପାଇଥା'ନ୍ତି । ପୁଣିଥରେ ଏମାନେ ବିଧାନସଭା ସଦସ୍ୟ କିମ୍ବା ସାଂସଦ ଭାବେ ନିର୍ବାଚିତ ହେଲେ, ପାଉଥିବା ପେନ୍‌ସନ୍ ବୃଦ୍ଧି ହୁଏ । ଏପରି ଅସଂଗତି ଆପଣ କେଉଁଠି ଦେଖିଛନ୍ତି ବୋଲି ନିତ୍ୟାନନ୍ଦବାବୁ ପ୍ରଶ୍ନ କଲେ । ନରେଶବାବୁ କହିଲେ, ଆପଣ ଆଉ ଗୋଟିଏ କଥା ଛାଡ଼ିଗଲେ । ବର୍ତ୍ତମାନ ସରକାର କିଛି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚୁକ୍ତିଭିତ୍ତିରେ ନିଯୁକ୍ତି କରୁଛନ୍ତି । ଏଥିରେ ମଧ୍ୟ ତାରତମ୍ୟ ଅଛି । ଧରନ୍ତୁ ଜଣେ ଅତିରିକ୍ତ ଶାସନ ସଚିବ ବା ସ୍ୱତନ୍ତ୍ର ଶାସନ ସଚିବ ଭାବେ ଅବସର ଗ୍ରହଣ କଲେ ଯଦି ସଚିବାଳୟରେ କୌଣସି ଖାଲି ପଦବୀ ଥାଏ, ତେବେ ତାଙ୍କୁ ମାସିକ ୪୨ ହଜାର ଟଙ୍କା ଦରମାରେ ରଖାଯାଉଛି । ଏହା ମଧ୍ୟ ସବୁ କ୍ଷେତ୍ରରେ ସମାନ ନୁହେଁ । କେତେକ କ୍ଷେତ୍ରରେ ଦେଖାଯାଉଛି, ସେହି ପାହ୍ୟାର କର୍ମଚାରୀ ଅବସର ଗ୍ରହଣ କଲାପରେ ତାଙ୍କୁ ସରକାରଙ୍କ ଅଧୀନରେ କାର୍ଯ୍ୟକଲେ ଚାକିରିରେ ଥିଲାବେଳେ ପାଉଥିବା ଦରମା–ପେନ୍‌ସନ ହାରରେ ଦରମା ମିଳୁଛି । ଏହାଦ୍ୱାରା ସେମାନେ ୪୨ ହଜାର ଟଙ୍କା ଦରମାରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କଠାରୁ ଯଥେଷ୍ଟ ଅଧିକ ଦରମା ପାଉଛନ୍ତି । ସରକାରଙ୍କୁ ଯିଏ ଖୋସାମତ କଲା, ସେ ଅବସର ପରେ ସେହି ସମାନ କାମପାଇଁ ଅନ୍ୟ ଅବସରପ୍ରାପ୍ତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କଠାରୁ ଅଧିକ ଦରମା ପାଉଛି । ସେ ପୁଣି କହି ଚାଲିଲେ, ଏକ ନିର୍ଦ୍ଦିଷ୍ଟ ବିଭାଗରେ କୁହାଗଲା ଆମେ ଖର୍ଚ୍ଚଭାର କମେଇବା ପାଇଁ ପେପରଲେସ୍ ଟ୍ରାଞ୍ଜାକ୍‌ସନ୍ କରୁଛୁ । ଏହାଦ୍ୱାରା କାଳି କଲମ ଓ କାଗଜ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥକୁ ରୋକି ପାରିଛୁ ଏବଂ ଏହାଦ୍ୱାରା ସମୟ ମଧ୍ୟ ସଂଚୟ କରିପାରିଛୁ । ମାତ୍ର ଏଇ କେଇଦିନ ତଳେ ଏସବୁ କାମ ପାଇଁ କର୍ମଚାରୀମାନେ ପାଉଥିବା ପାରିତୋଷିକ ବୃଦ୍ଧି ପାଇଛି । ଏହା ଦିନ ଦ୍ୱିପ୍ରହରରେ ଲଣ୍ଠନ ଦେଖାଇବା ବ୍ୟତୀତ ଆଉ କ'ଣ ହୋଇପାରେ ? ପୁଣି ଏକଥା କୁହାଯାଉଛି ଯେ, ଅବସର ପରେ ସରକାରୀ କର୍ମଚାରୀମାନେ ୬୫ ବର୍ଷ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିରେ ରହିପାରିବେ । ଏଥିରେ ମଧ୍ୟ ବ୍ୟତିକ୍ରମ ଦେଖାଯାଉଛି । ୬୫ ବର୍ଷ ପରେ ମଧ୍ୟ କିଛି ବିଭାଗର କର୍ମଚାରୀ ଉପରିସ୍ଥ ହାକିମଙ୍କୁ ଖୋସାମତ କରି ରହୁଥିବାର ଦେଖାଯାଉଛି । ଏହାଦ୍ୱାରା ଅନ୍ୟ କର୍ମଚାରୀଙ୍କ ଅନ୍ତର୍ଦାହ ହେଉନାହିଁ କି ? ସରକାର ଏସବୁ ଦିଗ ପ୍ରତି ଧ୍ୟାନ ଦେବା ଉଚିତ । ସେ ପୁଣି କହିଚାଲିଲେ ଅସଲ କଥା ହେଉଛି, ଓଡ଼ିଶାରେ ପ୍ରତିବାଦର ସ୍ୱର କ୍ଷୀଣ । ଆମେ ଆନ୍ଦୋଳନ କଥା କହୁନାହୁଁ । ଶାସନରେ ଥିବା ଦଳ ଯଦି ଭୁଲ୍ କରେ, ତାକୁ ଚେତାଇ ଦେବା ପ୍ରତ୍ୟେକ ବୁଦ୍ଧିଜୀବୀଙ୍କର କର୍ତ୍ତବ୍ୟ ବୋଲି ଆମେ ମନେକରୁ । ଏପରି କରିବା ଦ୍ୱାରା ସରକାରଙ୍କ ଉଚ୍ଚାରଣ ଏବଂ ଆଚରଣରେ ସ୍ୱଚ୍ଛତା ଆସିବ ଏବଂ ଜନସାଧାରଣ ମଧ୍ୟ ତାଙ୍କର ହକ୍ ବିଷୟରେ ସଚେତନ ହେବେ ।

ନରେଶବାବୁ ଏବଂ ନିତ୍ୟାନନ୍ଦବାବୁ ସରକାରଙ୍କ ବିଧିବ୍ୟବସ୍ଥା ବିଷୟରେ ଆଉ କ'ଣ ଗପି ଚାଲିଥିଲେ । ମୋର ସମୟ ନ ଥିବାରୁ ମୁଁ ଘରମୁହାଁ ହେଲି ।

**ମୋ: ୯୪୩୮୦୭୨୮୫୦**

# ଗର୍ବର ବିଷୟ



ଉପେନ୍ଦ୍ର ବିଶ୍ୱାଳ

କେନିଆର ପୂର୍ବ ପ୍ରଧାନମନ୍ତ୍ରୀ ରାଇଲା ଓଡିଙ୍ଗାଙ୍କ କନ୍ୟା ହେଉଛନ୍ତି ୪୪ ବର୍ଷୀୟା ରୋଜମାରୀ । ମସ୍ତିଷ୍କରେ ଟ୍ୟୁମରଜନିତ ଜଟିଳ ସମସ୍ୟା ଯୋଗୁ ଅସ୍ତ୍ରୋପଚାର କରିବାକୁ ବାଧ ହେଲେ ସେ । ମାତ୍ର ଦୁର୍ଭାଗ୍ୟ ବଶତଃ ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣଭାବେ ହରେଇବସିଲେ ନିଜ ଦୃଷ୍ଟିଶକ୍ତି । ଦକ୍ଷିଣ ଆଫ୍ରିକା, ଚାଇନା, ଇସ୍ରାଏଲ ସମେତ ଅନ୍ୟାନ୍ୟ କେତେକ ରାଷ୍ଟ୍ରରୁ ନିରାଶ ହୋଇ ଶେଷରେ ଆସି ପହଞ୍ଚିଲେ ଭାରତରେ । କେରଳର କୋଚିଠାରେ ମାତ୍ର ତିନିସପ୍ତାହର ପାରମ୍ପରିକ ଚିକିତ୍ସାରେ ଫେରିପାଇଲେ ନିଜର ଦୃଷ୍ଟିଶକ୍ତି । ଭାରତର ଏପ୍ରକାର ପ୍ରାଚୀନ ଚିକିତ୍ସା ପଦ୍ଧତିକୁ ଆଫ୍ରିକା ମହାଦେଶକୁ ନେଇ ସେଠାକାର ଜନସାଧାରଣଙ୍କ ନିକଟରେ ତାହା କେମିତି ସହଜ ଉପଲବ୍ଧ ହେବ ସେଥିପାଇଁ ସେବେଠୁ (୨୦୧୯ ମସିହାରୁ) ଲାଗିପଡିଛନ୍ତି ବାପ–ଝିଅ । ଗତ ଏପ୍ରିଲରେ ଅହମଦାବାଦଠାରେ ଅନୁଷ୍ଠିତ ''ବିଶ୍ୱ ପାରମ୍ପରିକ ଔଷଧ କେନ୍ଦ୍ର''ର ଶିଳାନ୍ୟାସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଡବ୍ଲ୍ୟୁଏଚ୍‌ଓ'ର ମହାନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏକଥା କହୁଥିଲାବେଳେ ତାଳିମାଡ଼ରେ କମ୍ପି ଉଠିଥିଲା ଉତ୍ସବସ୍ଥଳ ଏବଂ ସଭିଙ୍କ ଆଖି ଲାଖିରହିଥିଲା ମଞ୍ଚ ସାମନାରେ ବସିଥିବା ଓ ପରିବାରଙ୍କ ଉପରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଭାରତର ମିଳିତ ସହଯୋଗରେ ନିର୍ମାଣ ହେବାକୁ ଯାଉଥିବା ଏହି 'ଆୟୁର୍ବେଦିକ ଔଷଧ ଗବେଷଣା ଓ ପ୍ରସ୍ତୁତି କେନ୍ଦ୍ର'ଟି ବିଶ୍ୱର ପ୍ରଥମ ଓ ପ୍ରମୁଖ କେନ୍ଦ୍ର ଭାବେ ଗୌରବ ବହନ କରିବା ସହିତ 'ଭାରତୀୟ ପାରମ୍ପରିକ ଔଷଧ ଓ ଚିକିତ୍ସା'ର ପୁନରୁତ୍ଥାନ ଏବଂ ତା'ର ଭବ୍ୟ ଭବିଷ୍ୟତ ସମ୍ବନ୍ଧେ ସୂଚିତ କରାଏ ।

ଏବେ ଆସନ୍ତୁ ଜାଣିବା ଅତ୍ୟାଧୁନିକ ପ୍ଲାଷ୍ଟିକ ସର୍ଜରିର ଜନ୍ମ ଜାତକକୁ । ରାମାୟଣ ଯୁଗରେ ସୂର୍ପଣଖାଙ୍କ ନାକକଟା ପ୍ରସଙ୍ଗପରି ଇତିହାସରେ ମଧ୍ୟ ହାଇଦର ଅଲ୍ଲୀ ଓ ଟିପୁ ସୁଲତାନଙ୍କ ଦ୍ୱାରା ବ୍ରିଟିଶ ସେନାପତି ଏବଂ କେତେଜଣ ଗୁପ୍ତଚରଙ୍କ 'ନାକକଟା' ବୃତ୍ତାନ୍ତ ଖୁବ୍ ରୋଚକ । ଏକଦା ବ୍ରିଟିଶ ସେନା ବିରୋଧରେ ଯୁଦ୍ଧ କରୁଥିବାବେଳେ ବ୍ରିଟିଶ ସେନାପତିଙ୍କ ନାକ କାଟି ଦେଇଥିଲେ ହାଇଦର ଅଲ୍ଲୀ । ପରେ ଅବଶ୍ୟ ଜଣେ ନାପିତ ସମ୍ପ୍ରଦାୟର ବୈଦ୍ୟଙ୍କଠାରୁ ଚିକିତ୍ସିତ ହୋଇ ପୂର୍ବାବସ୍ଥାକୁ ଫେରି ପାଇଥିଲେ ସେ । ୧୭୬୯ରୁ ୧୭୯୯ ମଧ୍ୟରେ ବ୍ରିଟିଶ ସେନା ସହିତ ହାଇଦର ଅଲ୍ଲୀ ଓ ଟିପୁ ସୁଲତାନ ବାପ–ପୁଅଙ୍କର ଅନେକ ଯୁଦ୍ଧ ସଂଘଟିତ ହୋଇଛି । ଉକ୍ତ ସମୟ ମଧ୍ୟରେ ବ୍ରିଟିଶ ସେନାଙ୍କୁ ସହାୟତା କରୁଥିବା ଅଭିଯୋଗରେ ଥରେ ଟିପୁ ସୁଲତାନ ୪ଜଣ ମରାଠୀ ବେପାରୀଙ୍କୁ ଧରିଆଣି ବନ୍ଦୀ କରି ରଖିଥିଲେ ଏବଂ କିଛିଦିନପରେ ସେମାନଙ୍କ ନାକ କାଟି ଛାଡି ଦେଇଥିଲେ । ଉକ୍ତ ଘଟଣାର କିଛିଦିନ ପରେ ଜଣେ ବ୍ରିଟିଶ ଅଧିକାରୀ ତନ୍ମଧ୍ୟରୁ ଜଣଙ୍କୁ ଭେଟିଥିଲେ, ଯାହାଙ୍କର ଥିଲା ଏକ କୃତ୍ରିମ ନାକ । ଯାହାକୁ ସେ କୁମ୍ଭାର ସମ୍ପ୍ରଦାୟର ଜଣେ ମରାଠୀ ବୈଦ୍ୟଙ୍କ ଚିକିତ୍ସା କ୍ରମେ କୃତ୍ରିମ ନାକ ପ୍ରତିରୋପଣ କରାଇଥିଲେ । ଏହି ଘଟଣାର କିଛିଦିନ ପରେ ସେହି ବ୍ରିଟିଶ ଅଧିକାରୀ ଜଣଙ୍କ ଦୁଇଜଣ ବ୍ରିଟିଶ ଡାକ୍ତରଙ୍କୁ ସାଥିରେ ଧରି ପହଞ୍ଚିଲେ ଉକ୍ତ କୁମ୍ଭାରବୈଦ୍ୟ କାବାସ ଜୀଙ୍କ ଘରେ । ଏହି ଚିକିତ୍ସାପଦ୍ଧତି ଶିଖାଇଦେବାକୁ ନିର୍ଦ୍ଦେଶ ଦେଲେ ସେ । ତା'ପରେ ସେହି ଦୁଇ ଡାକ୍ତର ଏପ୍ରକାର ଅଭିନବ ଚିକିତ୍ସା ପଦ୍ଧତି ସମ୍ବନ୍ଧେ ଶିକ୍ଷା ଲାଭକରି ଇଂଲଣ୍ଡରେ ପ୍ରଚାର କରିବାକୁ ଲାଗିଲେ, ଯାହାକି ପ୍ରକାଶିତ ହୋଇଥିଲା "The Gentle-man's Magazine of London" ଅକ୍ଟୋବର ୧୭୯୪ ସଂଖ୍ୟାରେ । କ୍ରମଶଃ ୟୁରୋପରେ ଏହା ଖୁବ୍ ଆଲୋଚିତ ହେବାରୁ ୧୮୧୪ – ୧୮୧୬ ମଧ୍ୟରେ ଇଂଲଣ୍ଡର ଜଣେ ବିଶିଷ୍ଟ ଚିକିତ୍ସକ ଯୋସେଫ କର୍ପୁ (୧୭୬୪–୧୮୪୬) ଭାରତ ଆସି ଭାରତୀୟ ପ୍ରାକୃତିକ ଚିକିତ୍ସା ଓ ଔଷଧ ସମ୍ବନ୍ଧେ ଅଧିକ ଶିକ୍ଷା ଓ ଗବେଷଣା କରିବାକୁ ଲାଗିଲେ । ଭାରତରେ ୨ବର୍ଷର ରହଣି ଭିତରେ ଅନେକ ବିଦ୍ୟା ଆୟତ୍ତ କରିବା ସହିତ ସୁଶ୍ରୁତ ସଂହିତାକୁ ଇଂଲିଶ ଅନୁବାଦ କରି ତାଙ୍କ ଦେଶକୁ ନେଇ ଯାଇଥିଲେ । ଯେଉଁଥିରେ ୧୧୨୦ପ୍ରକାର ବ୍ୟାଧିର ଉପଚାର ପଦ୍ଧତି, ୧୦୦ ପ୍ରକାର ଚିକିତ୍ସା ସରଞ୍ଜାମ, ୭୦୦ପ୍ରଜାତିର ଔଷଧୀୟ ଗୁଳ୍ମ ଏବଂ ୧୨୧ ପ୍ରକାର ଔଷଧ ନିର୍ମାଣର ବିଧି ସନ୍ନିବେଶ ଥିଲା । ତା'ପରେ ଯାଇ ସମଗ୍ର ୟୁରୋପ ଜଗତରେ ସୁଶ୍ରୁତ(ଖ୍ରୀ.ପୂ. ୧୫୦୦)ଙ୍କ 'ନାସା ସନ୍ଧାନ' ପଦ୍ଧତି, Rhinoplasty ନାମରେ ବିଶ୍ୱରେ ପ୍ରସିଦ୍ଧିଲାଭ କଲା । ଏ ସମ୍ବନ୍ଧେ ଲଣ୍ଡନ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ତଥା ବିଶେଷଜ୍ଞ ସାର୍ ଉଇଲିୟମ ହଣ୍ଟର (୧୮୬୧–୧୯୩୭)ଙ୍କ ସ୍ୱୀକାରୋକ୍ତି ବି ପ୍ରଣିଧାନଯୋଗ୍ୟ । ତାଙ୍କ କହିବାନୁଯାୟୀ 'ପ୍ରାଚୀନ ଭାରତର ଶରୀର ବିଜ୍ଞାନୀମାନେ ଚିକିତ୍ସା କ୍ଷେତ୍ରରେ ଅତ୍ୟନ୍ତ ସାହସିକ ଓ କୌଶଳ ପୂର୍ବକ ପଦ୍ଧତି ବ୍ୟବହାର କରୁଥିଲେ । ବିଶେଷକରି ପ୍ଲାଷ୍ଟିକ ସର୍ଜରିରେ ସେମାନେ ଏତେ ପାରଙ୍ଗମ ଥିଲେ ଯେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଯାହାକୁ ଆମେ ୟୁରୋପୀୟମାନେ ତାଙ୍କଠୁ ଧାର ସୂତ୍ରରେ ଆଣି ଚିକିତ୍ସା କ୍ଷେତ୍ରରେ ଉପଯୋଗ କରୁଛୁ ।'



ଏବେ ଆସନ୍ତୁ ଯିବା ଆଧୁନିକ ବିଜ୍ଞାନର ଜନକ କୁହାଯାଇଥିବା ନିଉଟନଙ୍କ ନିକଟକୁ । ଆମକୁ ଶିଖାହେଲା – ନିଉଟନ ହେଉଛନ୍ତି ମାଧ୍ୟାକର୍ଷଣ ଶକ୍ତିର ଉଦ୍ଭାବକ । ମାତ୍ର ବାସ୍ତବରେ ଭାରତୀୟ ଋଷି–ବିଜ୍ଞାନୀମାନେ ହେଉଛନ୍ତି ତାହାର ପ୍ରକୃତ ଜନକ । ନିଉଟନଙ୍କ ୫୫୦ବର୍ଷ ପୂର୍ବରୁ ଭାସ୍କରାଚାର୍ଯ୍ୟ (ଦିତୀୟ) ମାଧ୍ୟାକର୍ଷଣ ଶକ୍ତି ସମ୍ବନ୍ଧେ ନିମ୍ନମତେ ବର୍ଣ୍ଣନା କରିଛନ୍ତି – ''ଆକୃଷ୍ଟ ଶକ୍ତିଶ୍ଚ ମହୀତୟା ଯତ / ଖସ୍ତମ ଗୁରୁ ସାଭିମୁଖମ ସୱଶକ୍ତ୍ୟା / ଆକୃଷୟତେ ତତ୍ ପତତୀବ ଭାତି / ସମେସମନ୍ତାତ କ୍ୱ ପତତ୍ୱୟଂ ଖେ'' । ଅର୍ଥାତ୍ ପୃଥିବୀର ଆକର୍ଷଣ ଶକ୍ତି ଅଛି । ସେଥିରେ ସେ ଭାରି ପଦାର୍ଥକୁ ନିଜ ଆଡ଼କୁ ଆକର୍ଷିତ କରେ । ମାତ୍ର ଆକାଶର ଚାରିଦିଗେ ସମାନ ଆକର୍ଷଣ ଥିଲେ ବସ୍ତୁଟି ଶୂନ୍ୟରେ ସନ୍ତୁଳନ ରକ୍ଷାକରେ । ପୃଥିବୀବାସୀ ଯେବେ ଜାଣିଲେ 'ପୃଥିବୀ' ଗୋଲ ବୋଲି, ତା'ର ବହୁପୂର୍ବରୁ ତାହା ଜଣାଥିଲା ପ୍ରାଚୀନ ଭାରତକୁ । ସେହିଭଳି ଆର୍ଯ୍ୟଭଟ୍ଟ (୧ମ)ଙ୍କ ଗୋଲକାଧ୍ୟାୟ, ଭାସ୍କରାଚାର୍ଯ୍ୟ (୨ୟ)ଙ୍କ ସିଦ୍ଧାନ୍ତ ଶିରୋମଣିରେ ମଧ୍ୟ ଏହା ବର୍ଣ୍ଣିତ ଅଛି – ''କପିତଥ ଫଳବତ ପୃଥ୍ୱୀ, ଦକ୍ଷିଣୋତ୍ତର ୟେହ ସମମ'' । ଅର୍ଥାତ୍ କଇଁଥଫଳ ପରି ପୃଥିବୀ ଗୋଲ । ମାତ୍ର ଉତ୍ତର ଓ ଦକ୍ଷିଣଭାଗକୁ ସାମାନ୍ୟ ଚେପଟା । ଗାଲିଲିଓ ଓ କୋପର୍ନିକସଙ୍କ ଅନେକ ପୂର୍ବରୁ ଆର୍ଯ୍ୟଭଟ୍ଟ, ଗୋଲକାଧ୍ୟାୟରେ ଉଲ୍ଲେଖ କରିଛନ୍ତି – ''ଚଳା ପୃଥ୍ୱୀ ସ୍ଥିରାଭାତି ଭୂଗୋଳ ବ୍ୟୋମନି'' । ଅର୍ଥାତ୍ ପୃଥିବୀ ଗତିଶୀଳ କିନ୍ତୁ ସୂର୍ଯ୍ୟ ସ୍ଥିର । ଏବେ ପୁଣି ଫେରିବା ନିଉଟନଙ୍କ ପାଖକୁ । ପ୍ରାଚୀନ ଭାରତରେ ଗତିର ନିୟମ ସମ୍ବନ୍ଧେ ଋଷି କଣାଦ ଯାହା ବର୍ଣ୍ଣନା କରିଛନ୍ତି ଅବିକଳ ସେହିକଥା ନିଉଟନଙ୍କ ନିୟମ କହୁଛି । ବୈଜ୍ଞାନିକ ଡାଲ୍‌ଟନଙ୍କ ପୂର୍ବରୁ ଦୁନିଆ ଭ୍ରାନ୍ତପୂର୍ବକ କହୁଥିଲା, ଅଣୁ ହେଉଛି ଅବିଭାଜ୍ୟ । ମାତ୍ର ଡାଲ୍‌ଟନଙ୍କ କାହିଁ କେତେହଜାର ବର୍ଷ ପୂର୍ବରୁ କଣାଦ 'ବୈଶେଷିକ ସୂତ୍ରରେ' ଅଣୁ, ପରମାଣୁ ସମ୍ବନ୍ଧେ ଠିକ୍ ସୂଚନା ଦେଇଥିଲେ । ଏହିପରି ଅନେକ କିଛି ରହିଛି, ଯାହା ଆମପାଇଁ ଗର୍ବ ଓ ଗୌରବର ବିଷୟ ନୁହଁକି ? , ଗୋଡିଶୂଳ, ସଜନାଗଡ଼,

**ବାଲେଶ୍ୱର, ମୋ – ୯୪୩୭୪୩୬୦୭୩,**

unbiswal05@gmail.com

## ଏଇ ଭାରତରେ

ସେପ୍ଟିକ ଟାଙ୍କି ସଫା କରିବାର ଆଉ ଟେନ୍‌ସନ ରହିବ ନାହିଁ, କାରଣ ଆଇଆଇଟି ମାଡ୍ରାସର ଗବେଷକମାନେ ଏବେ ବିକାଶ କରିଛନ୍ତି ଏକ ନୂତନ ରୋବୋ ଯାହା କମ୍ ସମୟରେ ସେପ୍ଟିକ ଟାଙ୍କି ସଫା କରିଦେଉଛି । ଏହାକୁ ନିକଟରେ ପରୀକ୍ଷା କରାଯାଇଛି । ତାମିଲନାଡୁ ଓ ମହାରାଷ୍ଟ୍ର ସରକାର ମଧ୍ୟ ଏହାକୁ କାର୍ଯ୍ୟରେ ଲାଗାଇବା ଲାଗି ବିଚାର କରୁଛନ୍ତି । ପ୍ରାଧ୍ୟାପକ ପ୍ରଭୁ ରାଜଗୋପାଳଙ୍କ ନେତୃତ୍ୱରେ ଗବେଷକ ଟିମ ଏହି ରୋବୋ ନିର୍ମାଣ କରିଛନ୍ତି । ଏହାର ନାମ ରଖାଯାଇଛି ହୋମୋସେପ୍ । ଏହା ଟାଙ୍କି ମଧ୍ୟରେ କଠିନ ମଳକୁ ତରଳ ଆକାର କରି ବାହାରକୁ ନେଇଆସୁଛି । ଗବେଷକମାନେ ନିର୍ମାଣ କରିଥିବା ପ୍ରଥମ ଦୁଇଟି ରୋବୋକୁ ସଫେଇ ସମୟରେ ମୃତ୍ୟୁ ଘଟିଥିବା ଦୁଇ ଜଣ କର୍ମଚାରୀଙ୍କ ସ୍ତ୍ରୀକୁ ଦିଆଯାଇଛି । ହୋମୋସେପ ପୂର୍ବରୁ ଗବେଷକମାନେ ସେପୋୟ–ରୋବୋ ନିର୍ମାଣ କରିଥିଲେ । କିନ୍ତୁ ତା'କାର୍ଯ୍ୟରେ ସଫେଇ କର୍ମଚାରୀମାନେ ସନ୍ତୁଷ୍ଟ ନ ହେବାରୁ ଏଭଳି ନୂତନ ରୋବୋ ନିର୍ମାଣ କରାଯାଇଛି ଓ ଏହାଦ୍ୱାରା ପାରମ୍ପରିକ ସଫେଇଜନିତ ମୃତ୍ୟୁ ଆଉ ହେବନି ବୋଲି କହନ୍ତି ପ୍ରଫେସର ରାଜଗୋପାଳ । ସଫେଇ କର୍ମଚାରୀ ଆନ୍ଦୋଳନ(ଏସ୍‌କେଏ)ର ଏକ ଟିମ୍ ଗବେଷକମାନଙ୍କୁ ସହଯୋଗ କରୁଛନ୍ତି । ଦୁଇଟି ରୋବୋ ବଣ୍ଟନ କରିବା ପରେ ଏବେ ଆଉ ୮ଟିର ନିର୍ମାଣ କାର୍ଯ୍ୟ ଜାରି ରହିଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜୁନ୍ ୧୯୯୭

- ଚୀନର ଦକ୍ଷିଣ ପଶ୍ଚିମାଞ୍ଚଳ ସିଚୁଆଁ ପ୍ରଦେଶର ୪ଟି ଗ୍ରାମରେ ମାଟି ଅତଡ଼ା ଧସି ୧୫୦ ମୃତ ।
- କଙ୍ଗୋର ରାଷ୍ଟ୍ରପତି ପାସକାଲ ଲସୋବା ଏବଂ ପୂର୍ବତନ ରାଷ୍ଟ୍ରପତି ଡେନିସ ସାସୋଭଙ୍କ ମଧ୍ୟରେ ଯୁଦ୍ଧବିରତି ରାଜିନାମା ସ୍ୱାକ୍ଷରିତ ।
- ବେଆଇନ ଘୋଷିତ ତ୍ରିପୁରା ଜାତୀୟ ମୁକ୍ତି ସାମ୍ମୁଖ୍ୟ (ଏନ୍‌ଏଲ୍‌ଏଫ୍‌ଟି)ର ସଶସ୍ତ୍ର ଉଗ୍ରବାଦୀଙ୍କ ଆକ୍ରମଣରେ ୯ ଅର୍ଦ୍ଧସାମରିକ ବାହିନୀର ଯବାନଙ୍କ ସମେତ ୧୮ ନିହତ ।
- ପ୍ରଖ୍ୟାତ ଶାସ୍ତ୍ରୀୟ ସଂଗୀତ ଗାୟକ ତଥା ଠୁମ୍ରୀ ଓ ଦାଦ୍ରାର ମାଷ୍ଟର ଓସ୍ତାଦ ଆଫଜଲ ହୁସେନଙ୍କ ୯୦ ବର୍ଷ ବୟସରେ ପରଲୋକ ।

## ସୁଡୋକୁ

su|do|ku Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 5 | | | | | 9 | | 4 | |
| | | 9 | | 6 | 4 | | | 5 |
| | | | 8 | | | 6 | | |
| | 6 | | 7 | | 2 | | | |
| 7 | | | | 8 | | 1 | 3 | 4 |
| | | | | 9 | | | | |
| | | 1 | | | | 2 | 9 | |
| | | | 5 | | | | | 3 |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 8 | 1 | 7 | 4 | 6 | 2 | 3 |
| 3 | 4 | 1 | 6 | 2 | 8 | 5 | 7 | 9 |
| 7 | 2 | 6 | 5 | 9 | 3 | 4 | 8 | 1 |
| 1 | 8 | 2 | 9 | 4 | 5 | 3 | 6 | 7 |
| 6 | 5 | 4 | 7 | 3 | 1 | 2 | 9 | 8 |
| 9 | 7 | 3 | 2 | 8 | 6 | 1 | 5 | 4 |
| 2 | 1 | 9 | 4 | 5 | 7 | 8 | 3 | 6 |
| 4 | 3 | 7 | 8 | 6 | 2 | 9 | 1 | 5 |
| 8 | 6 | 5 | 3 | 1 | 9 | 7 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟିକେଟ ବିକ୍ରିରେ ଅସନ୍ତୋଷ

ମହାଶୟ,

ବାରବାଟୀ ଷ୍ଟାଡିୟମରେ ସାଉଥ ଆଫ୍ରିକା ଓ ଭାରତ ମଧ୍ୟରେ ମ୍ୟାଚ ପାଇଁ ବିକ୍ରି ନିମନ୍ତେ ଉଦ୍ଦିଷ୍ଟ ଟିକେଟ କାଉଣ୍ଟର ପାଖରେ ଅପେକ୍ଷାରତ ମହିଳାମାନଙ୍କୁ କ୍ରିକେଟ ବିଷୟରେ ଜ୍ଞାନ ଅଛି କି ନାହିଁ, କାହା ପାଇଁ ଆସିଛ, କେଉଁମାନେ ତୁମକୁ ପଠାଇଛନ୍ତି, କ୍ରିକେଟ ଖେଳାଳିମାନଙ୍କୁ ଜାଣିଛ କି ନାହିଁ ଇତ୍ୟାଦି ଗଣମାଧ୍ୟମ ପ୍ରତିନିଧିମାନଙ୍କ ଦ୍ୱାରା ପଚରାଯିବା ଜରୁରୀ କି ? କଟକ ବାରବାଟୀ ଷ୍ଟାଡିୟମର ପ୍ରାୟ ୪୪,୦୦୦ ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ଟିକେଟରୁ ମାତ୍ର ୧୨,୫୦୦ ଟିକେଟ ସାଧାରଣରେ ବିକ୍ରି ପାଇଁ ଆସିଥିବା ବେଳେ ବାକି ୨୫,୦୦୦ ଟିକେଟ ବିସିସିଆଇ ପାଇଁ କମ୍ପ୍ଲିମେଣ୍ଟାରୀ ଟିକେଟ, ମନ୍ତ୍ରୀ, ଭି ଭି ଆଇପି, ଖେଳାଳି ଓ ପ୍ରଶାସନ ପାଇଁ ସଂରକ୍ଷିତ ରଖିବା ଅସନ୍ତୋଷ ସୃଷ୍ଟି କରୁଛି । ସେମାନେ ନିଜକୁ ଭି ଭି ଆଇପି ମନେକରି ନିଜର ସୁବିଧା ସୁଯୋଗ ଖୋଜିବା ପରିବର୍ତ୍ତେ, ଜନତାଙ୍କ ସହ ସାମିଲ ହେଲେ ତାଙ୍କ ମହାନତାର ପରିଚୟ ପ୍ରଦାନ କରିବ ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜମିଅଛି ଯେତେ ବ୍ୟର୍ଥ ସାଧନା
ଅଭିଶାପ ସମ ଅସୀମ ଭାବନା
ତୁମରି ପରଶେ ନବ ରୂପ ଧରି
ଜୀଇଁଉଠୁ ତାହା ମରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି ! –(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ମେଡିକାଲରେ ବନ୍ଦ ନୋଟିସ୍, ରୋଗୀ ହନ୍ତସନ୍ତ

**ବଲସକୁମ୍ପା,୧୦।୬**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମେଡିକାଲ ନିର୍ମାଣ କରୁଛନ୍ତି ଏବଂ ଚିକିତ୍ସା କରିବା ନିମନ୍ତେ ମୋଟା ଅଙ୍କର ଦରମା ଦେଇ ଡାକ୍ତରମାନଙ୍କୁ ମେଡିକାଲରେ ନିୟୋଜିତ କରିଛନ୍ତି। କିନ୍ତୁ ଡାକ୍ତରମାନଙ୍କ ଖାମଖିଆଲ ନୀତିକୁ ନେଇ କୌଣସି ତଥ୍ୟ ପଚାରିଲେ ଜାଗ୍ରତ ପ୍ରହରୀ ଚତୁର୍ଥ ସ୍ତମ୍ଭକୁ ନାଲି ଆଖି ଦେଖାଇ କଣ୍ଠରୋଧ କରିବାକୁ ଚେଷ୍ଟା କରାଯାଉଥିବା ବିଷୟ ଏବେ ଆଲୋଚନାର ବିଷୟ ପାଲଟିଛି। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖଜୁରିପଡ଼ା ସଦର ମହକୁମାରେ ଥିବା ମେଡ଼ିକାଲରେ। ଜୁନ ୬ରେ ଖଜୁରିପଡ଼ା ମେଡ଼ିକାଲରେ କର୍ମଚାରି ଘୋର ଅଭାବ ହେତୁ ଡାକ୍ତଖାନା ବନ୍ଦ ରହିବ ବୋଲି ନୋଟିସ ଲାଗିଛି । ଯଦି ଏହିଭଳି ନୋଟିସ ଲାଗି ମେଡିକାଲ ବନ୍ଦ ରହିବ ତେବେ ରୋଗୀମାନେ ଚିକିତ୍ସିତ ହେବା ପାଇଁ କୁଆଡେ ଯିବେ ? କେତେଦିନ ବନ୍ଦ ରହିବ ମେଡିକାଲ ସେ ନେଇ କୌଣସି ନୋଟିସ ଲେଖା ଯାଇନାହିଁ। ଏ ନେଇ ମେଡିକାଲ ଅଧିକାରୀଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବାରୁ ମେଡିକାଲ ଅଧିକାରୀ ନିମାଇଁ ଚରଣ ବିଶି ଛୁଟିରେ ଥିବା ଯୋଗୁ ତାଙ୍କ ଦାୟିତ୍ୱରେ ଆଉ ଜଣେ ଡାକ୍ତର ଅଛନ୍ତି ବୋଲି ଜାଣିଥିଲେ। ଏଥିସହ ଠିକ୍ ତଥ୍ୟ ନ ଦେଇ ଡାକ୍ତର ଖବରଦାତାଙ୍କୁ ନାଲି ଆଖି ଦେଖେଇ ଦୁର୍ବ୍ୟବହାର କରିଛନ୍ତି ବୋଲି ଖବରଦାତା କହିଛନ୍ତି। ତେଣୁ କାହିଁକି ମେଡ଼ିକାଲରେ ଏହିଭଳି ନୋଟିସ ଲାଗିଲା ତାହା ତଦନ୍ତ ସାପେକ୍ଷ୍ୟ। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ବୋଲି ଅଞ୍ଚଳ ବାସି କହିଛନ୍ତି।

# ଶିଶୁ ଶ୍ରମିକ ମୁକ୍ତ ହେବ ରାୟଗଡ଼ା ଜିଲା

**ରାୟଗଡ଼ା ଅଫିସ,୧୦।୬**

ରାୟଗଡ଼ା ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ଏବଂ ସମସ୍ତ ଶିଶୁଙ୍କୁ ସ୍କୁଲ ପଠାଇବା ନିମନ୍ତେ ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମିକ ମୁକ୍ତ କରିବାକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିରେ ସମସ୍ତ ବର୍ଗର ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି।

ଜିଲାର ସମସ୍ତ ଅଧିକାରୀ ଶିଶୁ ଶ୍ରମିକ ସମସ୍ୟାକୁ ପ୍ରଥମିକତା ଦେଇ ଏହାକୁ ଦୂର କରିବାରେ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ମୁଖ୍ୟତଃ ଦାରିଦ୍ର୍ୟତା, ଶିକ୍ଷାର ଅଭାବ ଶିଶୁ ଶ୍ରମିକ ହେବାକୁ ପ୍ରମୁଖ କରଣ। ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶ୍ରମ ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ କଡ଼ାକଡ଼ି ଭାବେ ଯାଞ୍ଚ କରିବାକୁ କୁହାଯାଇଛି। ସେହିପରି ଶ୍ରମ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିବା ନିମନ୍ତେ ଗୁରୁତ୍ୱାରୋପ କରିଛନ୍ତି। ପିଲାଙ୍କୁ ଘର କାମରେ ନ ଲଗାଇ ସ୍କୁଲ ପଠାଇବାକୁ ମା', ବାପାଙ୍କୁ ସଚେତନ କରିବା ଜରୁରୀ। ଏଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀ ପ୍ରୟାସ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ବ୍ଲକକୁ ଏକକ ଭାବେ ନେଇ ଶିଶୁ ଶ୍ରମିକ ମୁକ୍ତ ବ୍ଲକର ମୂଳଦୁଆ ପକାଇବାକୁ ଜିଲାପାଳ ପ୍ରସ୍ତାବ ଦେଇଛନ୍ତି।

ସହରାଞ୍ଚଳରେ ବିଭିନ୍ନ ବାଣିଜ୍ୟ ସଙ୍ଗଠନ ମାନଙ୍କୁ ନେଇ ବୈଠକ କରି ସଚେତନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାରମ୍ଭରେ ଜିଲା ଶ୍ରମ ଅଧିକାରୀ ଯସ୍ମୀନ ଶୁଭଦର୍ଶିନୀ ସାହୁ ଜିଲାରେ ଚାଲୁଥିବା ଶିଶୁ ଶ୍ରମିକ ମୁକ୍ତ ଅଭିଯାନର ଓ ଶିଶୁ ଶ୍ରମିକ

### ଗାଁ ଗାଁ ରେ କରାଯିବ ସଚେତନତା କାର୍ଯ୍ୟକ୍ରମ

ନିରାକରଣ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଶେଷ କରି ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷ ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦ ସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି କହିଛନ୍ତି। ଶିଶୁ ଶ୍ରମିକ ନିୟୋଜନ କଲେ ଆର୍ଥିକ ଦଣ୍ଡ ସହ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଥିବା ସୂଚାଇଥିଲେ। ଆଗାମୀ ଦିନରେ ଜିଲା ଶ୍ରମ ବିଭାଗ, ଶିକ୍ଷା ବିଭାଗ, ସମାଜ କଲ୍ୟାଣ ବିଭାଗ, ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡଲାଇନର ମିଳିତ ସହଯୋଗରେ 'ଶ୍ରମ ନୁହେଁ ଶିକ୍ଷା' ଅଭିଯାନ ଜରିଆରେ ଗ୍ରାମ ସ୍ତରରେ ବ୍ୟାପକ ଭାବରେ ଲୋକଙ୍କୁ ସଚେତନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ବୈଠକ ଶେଷରେ ନିଜ ପରିବାର ତଥା ସମାଜକୁ ଶିଶୁ ଶ୍ରମିକ ମୁକ୍ତ କରିବା ନିମନ୍ତେ ସାମୁହିକ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଭୀମସେନ ଶବର, ଏଡିଏମ୍‌ଓ ଏଲ୍.ଏନ୍ ପୃଷ୍ଟି, ରାୟଗଡ଼ା ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ଡିଇଓ ପୂର୍ଣ୍ଣଚନ୍ଦ୍ର ବାରିହା, ଜିଲା ସମାଜ କଲ୍ୟାଣ ଅଧିକାରୀ ଯାଜ୍ଞସେନି ବେହେରା, ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ରାଜକିଶୋର ସାହୁ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ସହକାରୀ ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଶିଶୁ ସୁରକ୍ଷା ଆଇନ ଅଧିକାରୀ ନିରାକାର ପାଢ଼ୀ, ବାଲ୍ୟ ବିବାହ ନିରାକରଣ ପରାମର୍ଶଦାତା ରତ୍ନେଶ୍ୱର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୯୪୦ କେଜି ଗଞ୍ଜେଇ ଜବତ, ୩ ଗିରଫ



**ମାଲକାନଗିରି,୧୦।୬ (ଡି.ଏନ.ଏ.)–**

ମାଲକାନଗିରି ଆଦର୍ଶଥାନା ପୋଲିସ ଶୁକ୍ରବାର ସିଙ୍ଗରାଜକୁଣ୍ଡା ଛକ ନିକଟରୁ ୯୪୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଏସଆଇ କେ. ସଙ୍ଗନାଙ୍କ ନେତୃତ୍ୱରେ ଶିଖପାଲି ନିକଟସ୍ଥ ସିଙ୍ଗରାଜକୁଣ୍ଡା ଛକ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ଖବର ପାଇଥିଲା। ସିଙ୍ଗରାଜ କୁଣ୍ଡାଠାରେ ପାଟ୍ରୋଲିଂ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଦୁଇଟି ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ସେଥିରୁ ୩୨ଟି ବ୍ୟାଗରେ ଥିବା ଗଞ୍ଜେଇ ଜବତ କରାଯାଇଥିଲା। ଏଥିସହ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ ଏବଂ ୨୫୦୦ ଟଙ୍କା ଜବତ ହୋଇଛି। ଏନେଇ ମାଲକାନଗିରି ଆଦର୍ଶ ଥାନାରେ ୩୨୭/୨୨ରେ ଏକ ମାମଲା ରୁଜୁ ହୋଇ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।


FORM NO.:13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 491/2019

State Bank of India (SARB) Bhadrak ...Applicant
Versus
M/s. Odisee Techno Systems & Others ...Defendant(s)

To,
1) M/s. Odisee Techno Systems, Represented through its Proprietress: Madhusmita Routray, At: 1st Lane, Canal Road, Nalco Nagar, Dist.: Angul - 759145
2) Smt. Madhusmita Routray, W/o: Samendra Rout, At: 1st Lane, Canal Road, Nalco Nagar, Dist.: Angul - 759145

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an O.A. No. 491/ 2019 in the Court of the Debts of Recovery Tribunal, Cuttack for recovery of Rs.25,90,264.63 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on 14th July 2022 at 10.30 a.m. as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 27th day of May 2022.

Sd/- (M. K. Patnaik)
REGISTRAR


# ସାନ, ବଡ଼ ଜଗନ୍ନାଥ ମନ୍ଦିରର ବିକାଶ ନେଇ ଆଲୋଚନା

### ଗୁଣପୁରରେ ଜିଲା ସଂସ୍କୃତି ଅଧିକାରୀ

**ଗୁଣପୁର,୧୦।୬(ଡି.ଏନ୍.ଏ.)**

ରାୟଗଡା ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ଶୁକ୍ରବାର ଗୁଣପୁରର ସାନ ଜଗନ୍ନାଥ ତଥା ବାଲିଜୀ ମନ୍ଦିର ଏବଂ ବଡ଼ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ସାନ ଜଗନ୍ନାଥ ମନ୍ଦିର ଏକ ଐତିହ୍ୟ ସମ୍ପନ୍ନ ମନ୍ଦିର। ଏହାର କିପରି ସୁରକ୍ଷା ଏବଂ ବିକାଶ ହୋଇପାରିବ ସେ ନେଇ ଅନୁଧ୍ୟାନ କରିଥିଲେ। ଏଥିସହ ବଡ଼ ଜଗନ୍ନାଥ ମନ୍ଦିରର ମଧ୍ୟ ବିକାଶ ନେଇ ଆଲୋଚନା କରିଥିଲେ। ଏ ନେଇ ସମସ୍ତ ତଥ୍ୟ ପ୍ରସ୍ତୁତ କରାଯାଇ ଜିଲାପାଳ ଏବଂ ସଂସ୍କୃତି ବିଭାଗକୁ ଅବଗତି କରାଯିବ ବୋଲି ଜିଲା ସଂସ୍କୃତି ଅଧିକାରୀ କହିଛନ୍ତି। ଏହି ସମୟରେ ମନ୍ଦିର କମିଟିର ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସମେତ କୃଷ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଆଲୋଚନା କରିଥିଲେ।



ଜିଲା ସଂସ୍କୃତି ଅଧିକାରୀ ସାନ ମନ୍ଦିର ପରିଦର୍ଶନ କରୁଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Sales/ Accountant Staff (M/F) for Marble & Tile Showroom in Bhubaneswar, Exp./Fresh can apply
WhatsApp- 9040031545

Urgent Required
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8130157637

ଆବଶ୍ୟକ
ଅଫିସ୍ କାମ ପାଇଁ ଅବିବାହିତ ପୁରୁଷ (ବୟସ 18-28) 10th, 12th ପାସ୍, ଯେଉଁମାନେ ରାଞ୍ଚିରେ କାମ କରିପାରିବେ । ବେତନ 10,000/- + କମିଶନ + ବୋନସ, ରହିବା ମାଗଣା । ଶୀଘ୍ର ଯୋଗାଯୋଗ କରନ୍ତୁ ।
7067587047
8962664120

Uber affiliate is hiring 2 field Sales Executive and Driver support representative for Bhubaneswar team. Candidate having 1 - 2 years of experience in FMCG or Sales will be given preference. Anyone willing to join with this global brand can connect over 8114861152 or 0674-3504300. Salary: 12,000 to 25,000 per month.

REQUIRED
MARKETING / SALES EXECUTIVE for Healthcare Industry at Cuttack. (2-Wheeler must). Edu.: Graduate, Exp.: 1 year industry experience preferred (Medical Representatives will be given first preference). Salary: As per industry standards.
Send resume at: hello@paisanhhc.com
Last date to apply: 14th June 2022

See Career Appointment on every Wednesday & Saturday



इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to Visit Website
ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - XI

ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XI) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର/ଅକ୍ଟୋବର ୨୦୨୨ରେ ସଞ୍ଚାଳନ କରାଯିବ । ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୨ରେ ସଂଯୋଜିତ ହେବ ।

ସିଆର୍‌ପି ଆର୍‌ଆର୍‌ବି - XI ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍-ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୭।୦୬।୨୦୨୨ରୁ ୨୭।୦୬।୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ୍ (ପିଇଟି)* ସଞ୍ଚାଳନ | ୧୮।୦୭।୨୦୨୨ରୁ ୨୩।୦୭।୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ସେପ୍ଟେମ୍ବର, ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୨ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୭।୦୬।୨୦୨୨ — ନିର୍ଦ୍ଦେଶକ


## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ମାଲକାନଗିରି,୧୦।୬ (ଡି.ଏନ.ଏ.)**

ମାଲକାନଗିରି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନଗରଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୌର ଉପାଧ୍ୟକ୍ଷା କବିତା ମହନ୍ତଏହାକୁ ଉଦ୍‌ଘାଟନ କରିଥିଲେ। ମାଲକାନଗିରି ପୌର ପରିଷଦରେ ଥିବା ସମସ୍ତ ୧୯ଟଯାକ ୱାର୍ଡର ଭିନ୍ନକ୍ଷମମାନେ ଏଠାରେ ନିଜ ନାମ ପୀଞ୍ଜୀକରଣ କରିବା ସହ ଚିକିତ୍ସିତ ହୋଇଥିଲେ। ଭିନ୍ନକ୍ଷମମାନଙ୍କୁ ଏହି ଅବସରରେ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଯେଉଁମାନଙ୍କର କୃତ୍ରିମ ଅଙ୍ଗ ଆବଶ୍ୟକ ସେମାନଙ୍କୁ ଚିହ୍ନଟ କରାଯାଇଛି। ଶିବିରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତାସ୍ୱାଇଁ, ଅଙ୍ଗନୱାଡ଼ିକର୍ମୀ ରଞ୍ଜିତାମଜୁମଦାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୦୫ ବାତ୍ୟା ଆଶ୍ରୟସ୍ଥଳରେ ହେବ ମକ୍‌ଡ୍ରିଲ

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି

**ଛତ୍ରପୁର,୧୦।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାର ପ୍ରସ୍ତୁତି ନିମନ୍ତେ ମକ୍‌ଡ୍ରିଲ କରାଯିବ । ଏଥିସକାଶେ ଏକ ପ୍ରସ୍ତୁତି ବୈଠକ ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ବୈଠକର ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶ ପ୍ରକାରେ ପ୍ରତିବର୍ଷ ଜୁନ ୧୯ ତାରିଖରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ ଜିଲାର ସମସ୍ତ ୧୫ ଟି ବ୍ଲକର ୧୦୫ ଟି ବାତ୍ୟା ଆଶ୍ରୟସ୍ଥଳରେ ମକ ଡ୍ରିଲ କରାଯାଇ ସ୍ଥାନୀୟ ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ପ୍ରାକୃତିକ ବିପର୍ଯ୍ୟୟ ହେଲେ କ'ଣ କରିବେ ତାହାର ପୂର୍ବ ପ୍ରସ୍ତୁତି ଏବଂ ପରବର୍ତ୍ତି ପ୍ରସ୍ତୁତି ନେଇ ସଜାଗ କରାଯିବ । ଜନଜୀବନକୁ ସୁରକ୍ଷା ଦେବା ନିମନ୍ତେ ମକଡ୍ରିଲରେ ସ୍ଥାନୀୟ ଲୋକଙ୍କ ଅନ୍ତର୍ଭୁକ୍ତ ସହିତ ପ୍ରତିଟି ଆଶ୍ରୟସ୍ଥଳର ସଭାପତି, ସମ୍ପାଦକ ଏବଂ ସଭ୍ୟାସଭ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜିଲାର ପ୍ରତିଟି ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମ ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସେମାନଙ୍କୁ ସଶକ୍ତ କରାଯିବ । ଏହି କାର୍ଯ୍ୟକ୍ରମ କେଉଁ ସବୁ ବିଷୟକୁ ଆଧାର କରି ପ୍ରଶିକ୍ଷଣ ଦିଆଯିବ ସେଥିନେଇ ଜିଲା ଯୋଜନା ଅଧିକାରୀ ଅବନୀକାନ୍ତ ଭୂୟାଁ ବୁଝାଇଥିଲେ । ପ୍ରସ୍ତୁତି ବୈଠକରେ ଓଡ୍ରାଫ ଟିମ୍, ପୋଲିସ ବିଭାଗ, ଅଗ୍ନିଶମ ସେବା ବିଭାଗ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ନିଜ ନିଜ ସ୍ତରରେ କେଉଁଭଳି ପ୍ରସ୍ତୁତ କରିବେ ତାହା ଅବଗତ କରାଇଥିଲେ । ବୈଠକରେ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ, ଅଗ୍ନିଶମ ସେବା ବିଭାଗ, ପୋଲିସ ବିଭାଗ, ଓଡ୍ରାଫ ଟିମର କର୍ମକର୍ତ୍ତା ସମେତ ବାତ୍ୟା ଆଶ୍ରୟ ସ୍ଥଳର ସଭାପତି ଉପସ୍ଥିତ ଥିଲେ। ବୈଠକଟିକୁ ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ ।

## ୫-ଟି ସଚିବଙ୍କୁ ଭେଟିଲେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ

**ରାୟଗଡ଼(ଗଜପତି),୧୦।୬(ଡି.ଏନ୍.ଏ.):** ରାୟଗଡ଼ ବ୍ଲକର ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଓ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି ଶୁକ୍ରବାର ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଭେଟିଛନ୍ତି। ପଞ୍ଚାୟତ ସମିତିର ଦାୟିତ୍ୱ ନେଲା ପରେ ନବୀନ ନିବାସକୁ ଯାଇ ସେଠାରେ ସାକ୍ଷାତ କରି ବ୍ଲକର ଉନ୍ନତୀକରଣ ଦିଗରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ସଚିବ ବ୍ଲକର ଉନ୍ନତି କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ନିର୍ମାଣାଧୀନ ୫-ଟି ସ୍କୁଲ କାର୍ଯ୍ୟକୁ ସହଯୋଗ ଏବଂ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ରାୟଗଡ଼ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁମଧ୍ୟ ୫-ଟିଜରିଆରେ ରୂପାନ୍ତରଣ କରାଯିବ ଏବଂ ଉକ୍ତ କାର୍ଯ୍ୟକୁ ତଦାରଖ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରିବାକୁ କହିଥିଲେ।


ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.
Utkalika ଜୟଦେବ ବାଟିକା, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୯୭୫୩୯୦

ବିଜ୍ଞାପନ

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଦ୍ୱାରା ଏକାମ୍ର ହାଟ, ଭୁବନେଶ୍ୱର ଠାରେ ତା.୨୦.୦୬.୨୦୨୨ ରୁ ତା.୨୯.୦୬.୨୦୨୨ରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ହସ୍ତଶିଳ୍ପ ମେଳା (କ୍ରାଫ୍ଟ ବଜାର)ରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ ତା.୧୬.୦୬.୨୦୨୨ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ ।

ସ୍ୱା/- ପରିଚାଳନା ନିର୍ଦ୍ଦେଶକ



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KENDRAPARA

Notice No. 6899/DPMUKDP Date: 09.06.2022

No. E-211: Sealed proposals are invited from eligible registered NGOs/Firms/Agencies for outsourcing of Bio Medical Waste Management Services at Govt. Health Institution of Kendrapara District. The details of the terms & conditions are available in district website www.kendrapara.nic.in. Interested Firms/NGOs/Agencies are requested to submit their proposal (under two bid system) along with necessary documents (Technical and Financial Bid) separately and the outer envelope must contain the said bid document with a super scribe of "Tender Call Notice" for supply of above services to the O/o. CDM & PHO, Kendrapara, At/P.O./Dist.- Kendrapara on or before Dt.29.06.2022 upto 5 P.M. through Speed Post/Regd. Post/Courier only. The proposals/presentation will be opened at the office chamebr of the undersigned on Dt.30.06.2022 at 11 A.M. The authority reserves the right to reject any or all tender without assigning any reason thereof.

Sd./- CDM & PHO, Kendrapara
OIPR-10018/11/0004/2223



OFFICE OF THE DIRECTOR
TEXT BOOK PRODUCTION & MARKETING, BHUBANESWAR
E-mail: directortbpmodisha@gmail.com, Tel.: 0674-2380871

RE-TENDER CALL NOTICE

No. 3510/TBPM Date: 10.06.2022

No. n-21: Sealed tenders are invited in the prescribed format from the bonafide Contractors/Paper Mills/Industrial units for sale of regular waste paper, rejected formats and bare reel core from the premises of the Text Book Production and Marketing, Bhubaneswar during the Financial Year 2022 - 2023 (i.e. upto 31.03.2023). Tender paper along with detailed terms & conditions can be available on any working day during office hours between 10 A.M. to 5.30 P.M. from 10.06.2022 to 27.06.2022 from the Office of the Director, Text Book Production and Marketing, Bhubaneswar - 751001 on payment of Rs.6000/- + GST @ 18% Rs.1080/- (Rupees Seven thousand eighty) only by hand or Rs.7180/- (Rupees Seven thousand one hundred eighty) only inclusive of GST @ 18% & Postal Charges of Rs.100/- by post in shape of Cash/BD respectively drawn in favour of Director, Text Book Production & Marketing, Bhubaneswar payable at Bhubaneswar. Last date for receipt of tender paper is 27.06.2022 upto 5.30 P.M. and the same will be opened on 28.06.2022 at 11.30 A.M. in Office of the undersigned in the presence of tenderers or their authorized representatives. The upset prices fixed are as follows:

1. Regular Waste Paper - Rs.28.00 Per Kg. + GST Extra
2. Rejected Format - Rs.27.00 Per Kg. + GST Extra
3. Bare Reel Core (84cm) - Rs.29.00 Per Pc. + GST Extra

Sd./- (Sri Bikash Chandra Mohapatra)
Director
Text Book Production & Marketing, Bhubaneswar
OIPR-11017/11/0006/2223



Government of Odisha
No.B-274: "e" procurement Notice
OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
Bid Identification No. - 05 of 2022-2023

| | | | |
|---|---|---|---|
| 1. | Name of the work | : | Electrical works = 3 Nos & Building Work - 2 Nos |
| 2. | Estimate cost | : | Rs. 5,93,665.00 to Rs. 25,88,088.00 |
| 3. | Period of completion | : | 02 (Two) Calendar Months |
| 4. | Date & time of availability of the Bid documents in the portal | : | 10.00 AM of 13.06.2022 to 5.00 PM of 27.06.2022 |
| 5. | Last date / Time of receipt of the bid in Portal. | : | 27.06.2022 upto 5.00PM. |
| 6. | Date of Opening | : | 28.06.2022 at 11.00 AM. |
| 7. | Name and Address of the Office | : | Office of the Superintending Engineer, Dhenkanal (R&B) Division Dhenkanal |

Further details can be seen from the e-procurement Portal "https://tendersorissa.gov.in.

Sd./- Superintending Engineer
Dhenkanal (R&B) Division
OIPR-34016/11/0006/2223



OHPC
ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT - DIST. KORAPUT - 764006, ODISHA
PHONE:- (06854)- 242001 (O), FAX: - (06854)242038
e-mail: sgmel_ukhep@ohpcltd.com, CIN NO:U40101OR1995SGC003963

Tender Call Notice No.11/2022-23 Dated. 09.06.2022

No.CAD-786:1.The C&P Head, Upper Kolab Hydro Electric Project, Bariniput, Dist: Koraput invites percentage rate bids in single cover system for the work as detailed in the table below. The tender documents, Terms & conditions, Eligibility criteria and downloading, please refer our website www.ohpcltd.com.
2.The bidders may submit bid for the work as per the following table:

| Sl. No. | Description of Work | Estimated Cost in (Rs.) | Cost of Tender Paper (Rs.) | EMD (Rs.) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | Repair of approach road in front of Electrical & Civil Section Offices, Bariniput to NH-26, D-(S/S)-1, C-1, Cr-1,Cr-4, D-(D/S)-3/4 Blocks, Erector's Hostel and Administrative Building, UKHEP, Bariniput. | 2,68,802/- | 2360/- (Rs.2000 + 18% GST) | Bid Declaration Form | From 10.00 Hrs. of 20.06.2022 to 13.00 Hrs. of 05.07.2022 | Upto 16.00 Hrs. of 05.07.2022 | At: 16.30 Hours of 05.07.2022 |

Sd./- C & P Head, UKHEP, Bariniput
OIPR-04002/11/0024/2223



NOTICE INVITING BID
Odisha State Medical Corporation Limited (OSMCL)
In front of Ram Mandir, Convent Square,
Unit - III, Bhubaneswar -751001, Tel.: (0674) 2380950,
Website: www.osmcl.nic.in, Email: drugs-osmcl@gov.in
Bid Ref. No.: OSMCL/2022-23/(SUT.-SURG. & OTH)-DHS (Re-Tender)/13 Date: 10/06/2022

No.CAD-787: Online Bids through e-Tender portal (https://tendersodisha.gov.in) are invited from eligible bidders for supply of Surgical, Sutures, Syringes and Other items(Re-Tender) as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1. | Date & time of release of bid | 10.06.2022, 3 PM | |
| 2. | Date & time for submission of queries by E-Mail id - drugs-osmcl@gov.in | 16.06.2022, upto 5.00 P.M. | |
| 3. | Date & time of Online bid submission | Start Date & Time | End Date & Time |
| | | 18.06.2022, 3 PM | 07.07.2022, 6.00 PM |
| 4. | Date & time for submission of Tender Documents, Tender Document Fee of tender document | Start Date & Time | End Date & Time |
| | | 08.07.2022, 10 AM | 15.07.2022, 11.00 AM |
| 5. | Date & time of online Technical bid opening | 15.07.2022, 11.30 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./- Managing Director, OSMC Ltd., Odisha
OIPR-10112/11/0018/2223

## ସଂକ୍ଷେପରେ

### ଜିଆଇଇଟିରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ

ଗୁଣପୁର,୧୦।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ କେମିକାଲ ବିଭାଗର ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାମିଲନାଡୁ ଆନା ବିଶ୍ୱବିଦ୍ୟାଳୟ ଆଇସିପିଟିର ନିର୍ଦ୍ଦେଶକ ନଗେନ୍ଦ୍ର ଗାନ୍ଧୀ, ଭୁବନେଶ୍ୱର ସିଏସ୍‌ଆଇଆର୍‌ର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଆର୍. ଭୀମରାଓ, ଜିଆଇଇଟି ବିଶ୍ୱବିଦ୍ୟାଳୟର କୁଳପତି ଗୌତମ ଘୋଷ, ବିଭାଗୀୟ ମୁଖ୍ୟ ରାଧାକୃଷ୍ଣ ପାଢ଼ୀ ପ୍ରମୁଖ ଯୋଗଦେଇ 'ସବୁଜ ଶକ୍ତିର ଉତ୍ପାଦନ ଓ ପରିବେଶ ସଙ୍କଟରୁ ରକ୍ଷା' ବିଷୟବସ୍ତୁ ନେଇ ଆଲୋଚନା କରିଥିଲେ। ସମ୍ମିଳନିକୁ ଅଧାପିକା ସୁମନ ମିଶ୍ର ପରିଚାଳନା କରିଥିବାବେଳେ ସନ୍ତୋଷ ବିଦ୍ଧାଣି ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଏଥିରେ ଉପସ୍ଥିତ ଥିଲେ।

### ରାୟଗଡ଼ା ଭାଜପା ଉପସଭାପତିଙ୍କ ଇସ୍ତଫା ଗ୍ରହଣ କରିନି ଦଳ

ରାୟଗଡ଼ା ଅଫିସ,୧୦।୬-ରାୟଗଡ଼ା ଜିଲା ଭାଜପା ଉପସଭାପତି ଭେଙ୍କଟ ରାଓ ସେନାପତି ଦଳରୁ ଇସ୍ତଫା ଦେଇଛନ୍ତି। ଜିଲା ସଭାପତି ଶିବ ପଟ୍ଟନାୟକଙ୍କୁ ଶୁକ୍ରବାର ସେ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଜିଲା ସଭାପତିଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଭେଙ୍କଟ ରାଓ ଇସ୍ତଫା ପତ୍ର ଦେଇଥିଲେ ମଧ ଦଳ ଏ ପର୍ଯ୍ୟନ୍ତ ଗ୍ରହଣ କରିନାହିଁ। ଦଳ ନ ଛାଡ଼ିବାକୁ ବୁଝାଶୁଝା କରାଯିବ। ୧୫ ତାରିଖ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଗତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରି ନ ଥିବାରୁ ସେ ଦଳରୁ ଇସ୍ତଫା ଦେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଦଳକୁ ସୁଦୃଢ଼ ପାଇଁ ପ୍ରୟାସ କରାଯାଉଛି ବୋଲି ଜିଲା ସଭାପତି କହିଛନ୍ତି। ଏ ନେଇ ଭେଙ୍କଟ ରାଓ କହିଛନ୍ତି, ଯେତେ ବୁଝାଇଲେବି ଭାଜପାରେ ଆଉ ରହିବେ ନାହିଁ ବୋଲି କହିଛନ୍ତି।

### ଜମି ଠକେଇ ମାମଲାରେ ୨ କୋର୍ଟଚାଲାଣ

ଗୋପାଳପୁର,୧୦।୬(ଡି.ଏନ୍.ଏ.)-ଜଣେ ମହିଳାଙ୍କ ଜମିର ଡକ୍ୟୁମେଣ୍ଟ ନକଲ କରି ବିକ୍ରି କରିବା ଅଭିଯୋଗରେ ଗୋପାଳପୁର ପୋଲିସ ଶୁକ୍ରବାର ଦୁଇଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଚମାଖଣ୍ଡି ଥାନା ଅଧୀନ ଡିଫେନ୍ସ କଲୋନୀର ମନୋଜ କୁମାର ମହାନ୍ତି ଓ ସନ୍ତୋଷ କୁମାର ଦାଶ। ଭୁବନେଶ୍ୱର ଲିଙ୍ଗରାଜ ନଗରର ରୀତାଞ୍ଜଳି ସାମନ୍ତରାୟଙ୍କ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ଆମ୍ବପୁଆ ମୌଜାର ଖାତା ନଂ.୪୪୨/୨୦୭୮ ଜମିକୁ ବିକ୍ରି କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୧୦୭/୨୨ରେ ଠକେଇ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ପୋଲିସ କହିବାନୁସାରେ, ୨୩.୯.୨୦୧୯ରେ ରୀତାଞ୍ଜଳି ସାମନ୍ତରାୟଙ୍କ ନାମରେ ଥିବା ଏକ ପ୍ଲଟ୍‌ର ଡକ୍ୟୁମେଣ୍ଟ ନକଲ କରି ବ୍ରହ୍ମପୁର ସବ୍‌ରେଜିଷ୍ଟ୍ରାର-୨ କାର୍ଯ୍ୟାଳୟରେ ସଦର ଥାନା ଅନ୍ତର୍ଗତ ଅନନ୍ତେଇ ଗ୍ରାମର ଚୁନି ପାତ୍ରଙ୍କୁ ଠିଆ କରାଇ ମନୋଜ ଓ ସନ୍ତୋଷ ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ବିକ୍ରି କରି ଦେଇଥିଲେ। ପୁଣି ଉକ୍ତ ଜମିକୁ ୧୭.୩.୨୦୨୦ରେ ମନୋଜ ଓ ସନ୍ତୋଷ ୭୦ ଲକ୍ଷ ଟଙ୍କାରେ ବୁଗୁଡ଼ା ଅଞ୍ଚଳର ମନୋଜ କୁମାର ସାହୁଙ୍କୁ ବିକ୍ରି କରିଥିଲେ। ପରେ ମନୋଜ ଉକ୍ତ ଜମିରେ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିଥିଲେ। ଜମିର ମୂଳ ମାଲିକ ରୀତାଞ୍ଜଳି ଜମି ବିକ୍ରି ହୋଇଥିବା ସମ୍ପର୍କରେ ଜାଣିବା ପରେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ମନୋଜ ଓ ସନ୍ତୋଷଙ୍କୁ କାବୁ କରିବା ସହ ସେଲଡିଡ୍, ଆଧାର କାର୍ଡ, ଭୋଟର କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରି ଅପରାହ୍ନରେ ଉଭୟଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ତଦନ୍ତରେ ଜାଣିବାକୁ ପାଇଛି ଯେ, ସବ୍‌ରେଜିଷ୍ଟ୍ରାର-୨ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେଜଣ କର୍ମଚାରୀ ସମ୍ପୃକ୍ତି ରହିଥିବା ସନ୍ଦେହ କରୁଛି।

# ଗୁଣପୁର-ଥେରୁବାଲି ରେଳପଥ ପ୍ରକଳ୍ପର ଅଗ୍ରଗତି ହେଉନି

ଗୁଣପୁର,୧୦।୬(ଡି.ଏନ୍.ଏ.)




■ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି

■ ପ୍ରକଳ୍ପ ୨୩୨. ୩୭ କୋଟିରୁ ଆରମ୍ଭ ହୋଇ ୧୩୯୮ କୋଟିରେ ପହଞ୍ଚିଛି

ବହୁ ଦାବୀ ପରେ ୨୦୧୭-୧୮ ସାଧାରଣ ବଜେଟରେ ଗୁଣପୁର-ଥେରୁବାଲି ରେଳପଥ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ପ୍ରକଳ୍ପ ପାର୍ଲାମେଣ୍ଟରେ ଘୋଷଣା ହେବାପରେ ଲୋକଙ୍କ ଦୀର୍ଘ ଦଶନ୍ଧିର ଦାବି ପୂରଣ ହୋଇଥିଲା। ହେଲେ ଘୋଷଣା ହେବାର ୫ ବର୍ଷ ବିତି ଯାଇଥିଲେ ମଧ ଏହି ପ୍ରକଳ୍ପ ଆଗକୁ ବଢ଼ି ପାରୁନାହିଁ। ଫଳରେ ୨୩୨. ୩୭ କୋଟି ଟଙ୍କାରୁ ଆରମ୍ଭ ହୋଇଥିବା ଗୁଣପୁର-ଥେରୁବାଲି ରେଳପଥର ଅଟକଳ ଏବେ ୧୩୯୮ କୋଟିରେ ପହଞ୍ଚିଛି। ଏପରି ସ୍ଥିତିରେ ଶୁକ୍ରବାର ଆନ୍ଧ୍ର ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ସତ୍ୟପ୍ରକାଶ ପଣ୍ଡା ନୂତନ ଭାବେ ଏବଂ ଗୁରୁ ଦାୟିତ୍ୱ ଗ୍ରହଣ କରଥିବା ଅନୁସୁଚିତ ଜାତି, ଜନଜାତି କଲ୍ୟାଣ ଏବଂ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନିକଟକୁ ପତ୍ର ଲେଖି ଏହି ରେଳପଥ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

ଆନ୍ଧ୍ର ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ରେଳପଥ ପାଇଁ ରାଜ୍ୟ ସରକାର ପ୍ରକଳ୍ପର ଅଧା ଖର୍ଚ୍ଚ ଯଥା ୫୦ ପ୍ରତିଶତ ବହନ କରିଛନ୍ତି। ହେଲେ ଗୁଣପୁର-ଥେରୁବାଲି ରେଳପଥ ଏକ ପୁରାତନ ପ୍ରକଳ୍ପ। ୨୦୧୭-୧୮ ବଜେଟରେ ଏହା ମଞ୍ଜୁର ପାଇଥିଲା। ଗୁଣପୁର-ଥେରୁବାଲି ରେଳପଥ ସଂଯୋଗ ଦାବୀ ଦୀର୍ଘ ଦଶନ୍ଧିର। ହେଲେ ରାଜ୍ୟ ସରକାର ଏହି ପ୍ରକଳ୍ପର ଅଧା ଖର୍ଚ୍ଚ ତଥା ୫୦ ପ୍ରତିଶତ ବହନ କରିବ। ଏ ନେଇ କୌଣସି ପଦକ୍ଷେପ ନେଇ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ି ପାରିନାହିଁ। ଏହି ପ୍ରକଳ୍ପ ହେଲେ ଗୁଣପୁର ଅଞ୍ଚଳର ବିକାଶ ହୋଇପାରିବ। ବିଭିନ୍ନ ପ୍ରକାର ଶିଳ୍ପ ହେବା ଦ୍ୱାରା ଲୋକମାନେ ବିଭିନ୍ନ ରାଜ୍ୟକୁ ଯିବେ ନାହିଁ। ବେକାର ସମସ୍ୟା ଦୂର ହେବ ଏବଂ କାମ ଧନ୍ଦା ପାଇବେ। ଯାତାୟାତ ତଥା ବାଣିଜ୍ୟ ଏବଂ ପରିବହନ ଦିଗରେ ଏହି ରେଳପଥ ସହାୟକ ହେବ। ତେଣୁ ଏସବୁକୁ ଦୃଷ୍ଟିରେ ରଖି ମନ୍ତ୍ରୀ ସାରକା ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି। ଏଥିସହ ଏହି ପ୍ରକଳ୍ପ ପାଇଁ ବଜେଟରେ ଅତି କମ୍‌ରେ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କଲେ ପ୍ରକଳ୍ପ ଦିଗରେ ସହାୟକ ହୋଇପାରିବ ବୋଲି ରେଳ ବ୍ୟବହାରିକ ସଂଘର ସଭାପତି ଆଶାବ୍ୟକ୍ତ କରି ପତ୍ରାଳାପ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୭-୧୮ ବଜେଟରେ ୭୯.୧୫ ଦୂରତା ବିଶିଷ୍ଟ ଏହି ରେଳପଥ ପାଇଁ ପାର୍ଲାମେଣ୍ଟରେ ମଞ୍ଜୁର ହୋଇଥିଲା। ବ୍ୟୟ ଅଟକଳ ଯାଇ ୯୩୫.୭୨ କୋଟିରେ ରହିଥିଲା। ଗୋଟିଏ ପରେ ଗୋଟିଏ ବଜେଟ ହୋଇ ୫ ବର୍ଷ ବିତିଯାଇଛି। ସେବେଠାରୁ ଏହି ପ୍ରକଳ୍ପର କୌଣସି ଅଗ୍ରଗତି ଘଟିନାହିଁ ଏହାକୁ ନେଇ ପାର୍ଲାମେଣ୍ଟରେ ବହୁବାର ଦାବି ହେବା ସହ ଲୋକ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗୁଣପୁର-ଥେରୁବାଲି ରେଳପଥ ପାଇଁ ଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଥିଲା। ଶେଷରେ ଏହି ପ୍ରକଳ୍ପ ଲାଭଦାୟକ ନୁହଁ ତେଣୁ ରାଜ୍ୟ ସରକାର ମଗାଣା ଜମି ଏବଂ ପ୍ରକଳ୍ପର ଅଧାଟଙ୍କା ବହନ କଲେ ରେଳପଥ କାର୍ଯ୍ୟ ସମ୍ଭବ ହେବ ବୋଲି କହିଥିଲେ। ରେଲ୍‌ୱେର ଏପରି ପଦକ୍ଷେପ ପରେ ରାଜ୍ୟ ସରକାର ମଗଣା ଜମି ଦେବାକୁ ସମ୍ମତି ଜଣାଇଲେ। ହେଲେ ପ୍ରକଳ୍ପର ଅଧାଟଙ୍କା ବହନ ନେଇ କୌଣସି ଉତ୍ତର ଏ ପର୍ଯ୍ୟନ୍ତ ରଖିନାହିଁ। ଫଳରେ ଏହି ପ୍ରକଳ୍ପର ଭାଗ୍ୟ ଏବେ ଅନିଶ୍ଚିତତା ମଧକୁ ଠେଲି ହୋଇଯାଇଛି। ନୌପଡ଼ା-ଗୁଣପୁର ଶତାୟୁ ତଥା ଐତିହ୍ୟ ଏହି ରେଳପଥ ଥେରୁବାଲି ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଦାବି ହୋଇଥିଲା। ବହୁ ଦାବି ପରେ ୨୦୧୭-୧୮ ବଜେଟରେ ଏହା ମଞ୍ଜୁରି ପାଇଥିଲା। ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ପ୍ରକଳ୍ପ ଏବେ ଅନିଶ୍ଚିତତା ମଧକୁ ଠେଲି ହୋଇଯାଇଥିବା ବୁଦ୍ଧିଜୀବୀଙ୍କ ମଧରେ ମତପ୍ରକାଶ ପାଇଛି।

# ଅବ୍ୟବସ୍ଥାରେ ଟିକିରି ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର

ଟିକିରି,୧୦।୬(ଡି.ଏନ୍.ଏ.)




ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

**ଆୟୁଷ ଡାକ୍ତର ସମେତ ୩ କର୍ମଚାରୀରେ ଚାଲିଛି ସ୍ୱାସ୍ଥ୍ୟସେବା**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ଅବ୍ୟବସ୍ଥା ମଧରେ ରହିଛି। ଏଠାରେ କେହି ସ୍ଥାୟୀ ଡାକ୍ତର ନାହାନ୍ତି। ଆୟୁଷ ଡାକ୍ତର ସମେତ ମାତ୍ର ୩ କର୍ମଚାରୀଙ୍କୁ ନେଇ ଏଠାରେ ସ୍ୱାସ୍ଥ୍ୟସେବା ଚାଲିଛି। ଫଳରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଯେ କୌଣସି ସମୟରେ ରୋଗୀ ଆସିଲେ ସେମାନଙ୍କୁ ଉତ୍ତମ ଚିକିତ୍ସା ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ନିୟମ କରିଛନ୍ତି। ହେଲେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଦିନ ସାଢ଼େ ୧୨ ଟା ପରେ ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ନଜରକୁ ଆସିଛି।

ସୂଚନାଯୋଗ୍ୟ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ସକାଳୁ ଦିନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଖୋଲାଯାଏ। ପୁଣି ଅପରାହ୍ନ ୩ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଖୋଲାଯାଏ। ସନ୍ଧ୍ୟା ପରେ ଏଠାରେ ରୋଗୀଙ୍କୁ ଚିକିତ୍ସା ସୁବିଧା ମିଳୁନି। ସେହିପରି କିଛି ଦିନ ହେଲା ଏହି ଡାକ୍ତରଖାନାରେ କେହି ଏମ୍‌ବିବିଏସ୍ ଡାକ୍ତର ନାହାନ୍ତି। ଜଣେ ଆୟୁଷ ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ଦ୍ୱାରା ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। କେହି ଗୁରୁତର ରୋଗୀ ଏଠାକୁ ଆସିଲେ ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ଏହାଦ୍ୱାରା ଅନେକ ସମୟରେ ରାସ୍ତାରେ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବା ସହ ମୃତ୍ୟୁ ଘଟୁଛି।

ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯେଉଁ ଡାକ୍ତର ଆସନ୍ତି ସେମାନେ ୩ମାସରୁ ଅଧିକ ସମୟ ରହୁନାହାନ୍ତି। ଫଳରେ ଅଧିକାଂଶ ସମୟ ଏଠାରେ ଡାକ୍ତର ପଦବୀ ଖାଲି ପଡ଼ିଥାଏ। ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାୟୀ ଡାକ୍ତର ଯୋଗାଇ ଦେବାକୁ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧରେ ଦାବି ହୋଇଛି।

# ୧୧୦ ହିତାଧିକାରୀଙ୍କୁ ୧୧.୫୦ କୋଟି ଋଣ

ରାୟଗଡ଼ା ଅଫିସ,୧୦।୬




ଜିଲାପାଳଙ୍କ ଠାରୁ ଜଣେ ହିତାଧିକାରୀ ଋଣ ବାବଦ ଚେକ୍ ଗ୍ରହଣ କରୁଛନ୍ତି।

**ଋଣ ସଂଯୋଗୀକରଣ ମେଳା**

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଜୁନ୍ ୬ରୁ ୧୧ ପର୍ଯ୍ୟନ୍ତ ଆଇକନିକ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଗୁରୁବାର ରାୟଗଡ଼ାସ୍ଥିତ କୃଷ୍ଣଚନ୍ଦ୍ର ନଗର ଭବନଠାରେ ଏକ ଋଣ ସଂଯୋଗିକରଣ ମେଳା, ଆର୍ଥିକ ସାକ୍ଷରତା ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ବୀମା, ପେନସନ ବିଷୟକୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏସ୍‌ବିଆଇ ଅଗ୍ରଣୀ ଶାଖା ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଏଲ୍‌ଡିଏମ୍ ଧୀରେନ୍ଦ୍ର ବିହାରୀ ପରିଚାଳନା କରିଥିଲେ। ଏହି ବିତରଣ ମେଳାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ମିଶ୍ର ଯୋଗଦେଇ ହିତାଧିକାରୀ ମାନଙ୍କୁ ମଞ୍ଜୁର ଅର୍ଥର ସଠିକ ଯୋଜନା କରି ତାହାର ବିନିଯୋଗ ଉପରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଡିଆର୍‌ଡିଏ ପିଡି ରବିନାରାୟଣ ତ୍ରିପାଠୀ, ନଗରପାଳ ମହେଶ ପଟ୍ଟନାୟକ, ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଆଇପିଓ ସବ୍ୟସାଚୀ ସାହୁ, ସିଡିଭିଓ ଡମ୍ବରୁଧର ସାମଲ, ଡିଡିଏଚ୍ ପତିତପାବନ ସାମନ୍ତରାୟ, ନାବାର୍ଡ଼ ଡିଡିଏମ ସନ୍ତୋଷ କୁମାର ସାମଲ, ଏସ୍‌ବିଆଇ, ଆର୍‌ଏସ୍‌ଇଟିର ନିର୍ଦ୍ଦେଶକ ସରୋଜ କାନ୍ତ ପୃଷ୍ଟି, ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଯୁକ୍ତ ଅସୀମ ପାତ୍ର, ଏସ୍‌ବିଆଇ ମୁଖ୍ୟ ପ୍ରବନ୍ଧକ ଦେବଦାସ ଲିମା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଏଠାରେ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ୨୦ ବ୍ୟାଙ୍କ ପକ୍ଷରୁ ୧୧୦ ହିତାଧିକାରୀଙ୍କ ନାମରେ ୧୧.୫୦ କୋଟି ଟଙ୍କାର ଋଣ ମଞ୍ଜୁରୀ କରାଯାଇଛି। ଏଲ୍‌ଡିଏମ୍ ବିହାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ୨ ଅଣ ଓଡ଼ିଆଙ୍କୁ ଅପହରଣ, ଡକାୟତି ଘଟଣା

# ଗଞ୍ଜେଇ ଚୋରା ଚାଲାଣରୁ ବନ୍ଧୁତା, ମୁଖ୍ୟ ଅଭିଯୁକ୍ତ ଗଲେ ଜେଲ୍

ଦିଗପହଣ୍ଡି,୧୦।୬(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ଶୁକ୍ରବାର କେ.ନୂଆଗାଁ ଥାନା ଦେଓଖାଳି ଗ୍ରାମର କୁନା ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୯୭/୨୨ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ରବିବାର ଦିଗପହଣ୍ଡି ବ୍ଲକ ଦେଓଖାଳି ଛକ ନିକଟ ଚକିପଡ଼ା ଗ୍ରାମ ନିକଟରୁ ମୁଖ୍ୟ ଅଭିଯୁକ୍ତ କୁନାଙ୍କ ସମେତ ୮ ଯୁବକ କାରରେ ଆସିଥିବା ଝାଡ଼ଖଣ୍ଡର ୨ ଅଣ ଓଡ଼ିଆ ଯୁବକ ନରେଶ ସାହୁ ଓ ତାଙ୍କ ସାଙ୍ଗ କୃଷ୍ଣ କୁମାରଙ୍କୁ ଛୁରୀ ଦେଖାଇ ନିକଟସ୍ଥ ଜଙ୍ଗଲକୁ ମାଡ଼ ମାରିଥିଲେ। ତାଙ୍କ କାର ଓ ପ୍ରାୟ ୩ ଲକ୍ଷ ଟଙ୍କା ଲୁଟ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ କୁନାଙ୍କ ସମେତ ଅନ୍ୟମାନେ ନରେଶ ଏବଂ କୃଷ୍ଣଙ୍କଠାରୁ ଏଟିଏମ୍ କାର୍ଡ ଛଡାଇ ନେଇ ପିନ ନମ୍ବର କହିବାକୁ ବାଧ୍ୟକରି ପ୍ରଥମ ପର୍ଯ୍ୟାୟରେ ୧୭ ହଜାର ଓ ୨ୟ ପର୍ଯ୍ୟାୟରେ ୩୩ ହଜାର ଟଙ୍କା ଏକ ମୋବାଇଲ ନଂକୁ ଟ୍ରାନ୍ସଫର କରିଥିଲେ। ଏଭଳି ଭାବେ ଉଭୟଙ୍କ ପରିବାର ଲୋକ ଏବଂ ସାଙ୍ଗ ସାଥିଙ୍କୁ ଅପହରଣ ସମ୍ପର୍କରେ ସୂଚନା ଦେଇ ଡକାୟତ ଗ୍ୟାଙ୍ଗର ସଦସ୍ୟମାନେ ସେମାନଙ୍କ ନିକଟରୁ ସମୁଦାୟ ୩ ଲକ୍ଷ ୧୫ ହଜାର ଟଙ୍କା ନେଟ୍ ବ୍ୟାଙ୍କିଂ ଏବଂ ଫୋନ ପେ, ଗୁଗଲ ପେ ମାଧମରେ ନେଇଯିବା ପରେ କାରଟିକୁ ମଧ ଛଡାଇ ରଖିଥିଲେ। ୧୦ ଲକ୍ଷ ଟଙ୍କା ଦେଲେ କାରଟିକୁ ଦିଆଯିବ ବୋଲି ସେମାନେ ଉଭୟଙ୍କୁ ଶୁଣାଇଥିଲେ। ଏନେଇ ନରେଶ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ସୂଚନା ପ୍ରକାରେ ଗଞ୍ଜେଇ ଚୋରା ଚାଲାଣକୁ ନେଇ ଅଭିଯୁକ୍ତ ମାନଙ୍କ ସହ ନରେଶ ଏବଂ କୃଷ୍ଣଙ୍କ ପୂର୍ବରୁ ସମ୍ପର୍କ ରହିଥିଲା। ବ୍ୟବସାୟ ଏବଂ ଚୋରା ଚାଲାଣରେ ସହାୟତା ପାଇଁ ସେମାନଙ୍କ ସହ ମୂଲଚାଲ ହୋଇଥିଲା। ନରେଶ ଅଭିଯୁକ୍ତ ମାନଙ୍କୁ ପାରିଶ୍ରମିକ ଦିଆଯିବ କହି ଠକେଇ କରିଥିଲେ। ଫଳରେ ତାଙ୍କୁ ପାନେ ଦେବା ପାଇଁ ଅଭିଯୁକ୍ତ ମାନେ ପୂର୍ବ ଯୋଜନା ପ୍ରକାରେ ନରେଶଙ୍କୁ ଡକାଇ ଲୁଟପାଟ କରିଥିଲେ।

# ଆମ ପୋଲିସ ସମିତି ପକ୍ଷରୁ ୫୪ ୟୁନିଟ ରକ୍ତ ସଂଗ୍ରହ




ଜଣେ ପୋଲିସ କର୍ମଚାରୀ ରକ୍ତଦାନ କରୁଛନ୍ତି।

ପଦ୍ମପୁର,୧୦।୬(ଡି.ଏନ୍.ଏ.)-

ଲୋକଙ୍କ ସହ ସୁସମ୍ପର୍କ ଅପରାଧକୁ ନିୟନ୍ତ୍ରଣ କରିବା ଏବଂ ପୋଲିସ ପ୍ରତି ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ପଦ୍ମପୁର ଥାନା ପୋଲିସ 'ଆମ ପୋଲିସ ସମିତି' କାର୍ଯ୍ୟକ୍ରମ ଜରିଆରେ ଉଦ୍ୟମ ଚଳାଇଛି। ବାହାର ରାଜ୍ୟର ଅପରାଧି ସ୍ଥାନୀୟ ଲୋକଙ୍କୁ ଢାଲ କରି ଅଞ୍ଚଳରେ ଅପରାଧ ଘଟାଉଥିବାରୁ ପୋଲିସ ଏ ନେଇ ଲୋକଙ୍କୁ ସଚେତନ କରୁଛି। ଏଥିରେ ଆଉ ଏକ ପାଦ ଆଗକୁ ଯାଇ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ଶୁକ୍ରବାର ପଦ୍ମପୁର ପୋଲିସ ପକ୍ଷରୁ ଥାନା ପରିସରରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରୁ ମୋଟ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

ଡିଏସପି ରଶ୍ମିରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ରକ୍ତଦାନ ଶିବିରରେ ଗୁଣପୁର ଏସ୍‌ଡିପିଓ ଅଜୟ କୁମାର ବାରିକ, ପଦ୍ମପୁର ଆଇଆଇସି ସୁଶାନ୍ତ କୁମାର ତାଡ଼ିଆ, ଗୁଡ଼ାରୀ ଥାନା ଆଇଆଇସି ସଞ୍ଜୟ କୁମାର ନାୟକ, ପୁଟାସିଂ ଆଇଆଇସି ସୁନିତା ବେହେରା, ଗୁମୁଡ଼ା ଫାଣ୍ଡି ଏସ୍‌ଆଇ ରଞ୍ଜିତ ତ୍ରିପାଠୀ, କେନ୍ଦୁଗୁଡ଼ା ଏସ୍‌ଆଇ ଅରୁଣ ପାତ୍ର, ପଦ୍ମପୁର ପୋଲିସ ଏସ୍‌ଆଇ ବିଘ୍ନରାଜ ସାହୁ, ପଦ୍ମପୁର ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ପଦ୍ମପୁର ବିଡିଓ ରିନା ପ୍ରଧାନ ପ୍ରଥମେ ରକ୍ତଦାନ କରିଥିଲେ। ଗୁଣପୁର ରକ୍ତ ଭଣ୍ଡାର ପକ୍ଷରୁ ଡାକ୍ତର ଲକ୍ଷଣ ପାତ୍ର ଏବଂ ସହଯୋଗୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ପଦ୍ମପୁର ଡ୍ରାଇଭର ସଂଘର ସଦସ୍ୟଙ୍କ ସମେତ ସାଧାରଣ ଲୋକ ଏଥିରେ ସାମିଲ ହୋଇ ରକ୍ତଦାନ କରିଥିଲେ। ପଦ୍ମପୁର ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୩ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ହେବ ମକ୍‌ଡ୍ରିଲ

ରାୟଗଡ଼ା ଅଫିସ,୧୦।୬

**ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି**

ରାୟଗଡ଼ା ଜିଲା ସ୍ଥରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ୍‌ରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଡିଆର୍‌ଡିଏ ପିଡି ରବିନାରାୟଣ ତ୍ରିପାଠୀ, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଗୁଣପୁର ଉପଜିଲାପାଳ ଜେ. ସୋନାଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଅଗ୍ନିଶମ ବିଭାଗ, ସମସ୍ତ ବିଡିଓ, ସମସ୍ତ ତହସିଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବିଶେଷ କରି ବାତ୍ୟା ଓ ବର୍ଷାଦିନେ ସମ୍ଭବ୍ୟ ବନ୍ୟା ପରିସ୍ଥିତିର କିପରି ମୁକାବିଲା କରାଯାଇପାରିବ ସେ ନେଇ ଏକ ପ୍ରଦର୍ଶନୀ ଓ ମକ୍‌ଡ୍ରିଲ ଆୟୋଜନ ନିମନ୍ତେ ଆଲୋଚନା କରାଯାଇଥିଲା। ଜୁନ୍ ୧୮ ରେ ଜିଲା ସଦର ସମେତ ପ୍ରତ୍ୟେକ ବ୍ଲକରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ହେବ। ବିପର୍ଯ୍ୟୟ ମୁକାବିଲା ନେଇ ୧୯ ରେ ମକ୍‌ଡ୍ରିଲ କରାଯିବ। ଜିଲାର ୩ ବହୁମୂଖୀ ଆଶ୍ରୟସ୍ଥଳି ଯଥା ରାୟଗଡ଼ା ବ୍ଲକର ହାଟ ଶେଷଖାଲ , ବିଷମକଟକର କୁତ୍ରାଗଡ଼ ଏବଂ ଗୁଣପୁରର ବିକ୍ରମପୁରଠାରେ ଏହି ମକ୍‌ଡ୍ରିଲ ଆୟୋଜନ କରାଯିବ ବୋଲି ଜିଲପାଳ ଏଠାରେ କହିଛନ୍ତି। ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳି ଅଞ୍ଚଳରେ ପରିଚାଳକ, ସ୍ଥାନୀୟ ଜନସାଧାରଣ, ସରପଞ୍ଚ, ସ୍ୱେଚ୍ଛାସେବୀ, ଅଗ୍ନିଶମ ବିଭାଗ ଆଦିଙ୍କୁ ସାମିଲ କରାଯିବ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ସିଡ୍ ବ୍ୟାଙ୍କ ପ୍ରତିଷ୍ଠା

ବ୍ରହ୍ମପୁର ଅଫିସ,୧୦।୬

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟଠାରେ ଶୁକ୍ରବାର ସାତଭିକ ସୋଲ ଫାଉଣ୍ଡେଶନ ତରଫରୁ ଚାରା ରୋପଣ ଓ ସିଡ୍ ବ୍ୟାଙ୍କ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାମାୟୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଶୁଭଦ୍ରା ଶୁକ୍ଲାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ପରିବେଶ ଦିବସ ଅବସରରେ ଲଗାଯାଇଥିବା ଗଛ ଗୁଡ଼ିକର ଯତ୍ନ ନିଆଯିବା ସହ ସେଥିରେ ପାଣି ଓ ଖତ ଦିଆଯାଇଥିଲା। ଏହା ସହ ଛାତ୍ରୀଛାତ୍ରଙ୍କୁ ଏହି ବୃକ୍ଷର ଯତ୍ନନେବା ନିମନ୍ତେ ସଚେତନ କରାଯାଇଥିଲା। ଜିଲାରେ ସିଡ୍ ବ୍ୟାଙ୍କ ପ୍ରତିଷ୍ଠା କରାଯିବା ପାଇଁ ପଦେକ୍ଷେପ ଗ୍ରହଣ କରାଯାଇଥିବା ବେଳେ ପ୍ରଥମ ସିଡ୍ ବ୍ୟାଙ୍କ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରିସରରେ କରାଯାଇଛି। ବିଶ୍ୱବିଦ୍ୟାରେ ୪ଟି ସିଡ୍ ବ୍ୟାଙ୍କ ବସାଯାଇଛି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଶୁତୋଷ, ପ୍ରୀତି, ପ୍ରଫୁଲ୍ଲା, ସଂଗୀତା, ସୁଚିତ୍ରା, ପ୍ରେରଣା, ଈଶିକା, ସୁନୀତା ପ୍ରମୁଖ ପରିଚାଳନା କରିଥିଲେ।

# 'ଅକ୍ଷମ ନ ଭାବି ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଚେଷ୍ଟା କରନ୍ତୁ'

ମୁନିଗୁଡ଼ା,୧୦।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ କ୍ଲଷ୍ଟର କଲୋନୀ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଦିବ୍ୟାଙ୍ଗ ଶିଶୁମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ବିଡିଓ ଦିଲୀପ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ସଞ୍ଜୟ କୁମାର ଉପସ୍ଥିତ ରହି ଶିବିରର ଶୁଭାରମ୍ଭ କରିଥିଲେ। ମୁନିଗୁଡ଼ା ବ୍ଲକ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଶିବିରରେ ୭୭ ଦିବ୍ୟାଙ୍ଗ ଶିଶୁଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ପରୀକ୍ଷା କରାଯିବା ସହ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ଶିବିରରେ ଶ୍ରବଣ ବାଧିତ ସମସ୍ୟାରେ ପୀଡ଼ିତ ୧୨ ଶିଶୁ, ୨୫ ମାନସିକ ଅନଗ୍ରସର, ୫ ଦୃଷ୍ଟିଶକ୍ତି ବାଧିତ ଏବଂ ୨୧ ଅନ୍ୟ ଶାରୀରିକ ଦିବ୍ୟାଙ୍ଗ, ୧୨ ରକ୍ତହୀନତାରେ ପୀଡ଼ିତ ଶିଶୁ ଏବଂ ୨ ଥାଲାସେମିଆ ପୀଡ଼ିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦିବ୍ୟଜ୍ୟୋତି ସରକାର, ସଂଘମିତ୍ରା ଶତପଥୀ, କୋରାପୁଟ ଜିଲା ଦିବ୍ୟାଙ୍ଗ ଚିକିତ୍ସା ସଂସ୍ଥାର ଆଞ୍ଚଳିକ ସଂଯୋଜକ ପ୍ରମୋଦିନୀ କିଣ୍ଡୋ, ଏମ୍‌ଆର୍‌ଡବ୍ଲୁ ସୁଦେଷ୍ଣା ଘୋଷ, ଏମ୍‌ଆଇ ଅଞ୍ଜନା ପଣ୍ଡା, ଗୁଣପୁରରୁ ଏସ୍‌ଏସ୍‌ଏସ୍‌ଓ ଏଲ. ସନ୍ତୋଷ କୁମାର ପ୍ରମୁଖ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ଏବଂ ଭବିଷ୍ୟତ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ପିଲାମାନଙ୍କୁ ଅକ୍ଷମ ନ ଭାବି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଚେଷ୍ଟା କରିବା ନିମନ୍ତେ ବିଡିଓ ଦିବ୍ୟାଙ୍ଗ ଶିଶୁମାନଙ୍କ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ମୁନିଗୁଡ଼ା ପିଇଓ କୈଳାଶ ଚନ୍ଦ୍ର ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କଳ୍ପନା ସାହୁ, ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ଅଶୋକ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ବି. ବି. କିଷାନ ଓ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଶିବିରରେ ଯୋଗ ଦେଇଥିବା ଶିଶୁମାନେ।

# ଆଗେଇପାରୁନି ବାଇପାସ୍ ରାସ୍ତା ନିର୍ମାଣ କାମ

ରାୟଗଡ଼ା ଅଫିସ,୧୦।୬

■ ସହର ଦେଇ ଯାତାୟାତ କରୁଛି ଭାରିଯାନ, ବଢ଼ୁଛି ଦୁର୍ଘଟଣା

■ ୪ ବର୍ଷରେ ମାତ୍ର ୩.୫ କିମି ରାସ୍ତା କାମ ସରିଛି

■ ବଳକା ୧୦ କି.ମି. ରାସ୍ତା କାମ ଆରମ୍ଭ ହୋଇପାରୁନି

ରାୟଗଡ଼ା ଜିଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ବୃଦ୍ଧି ପାଉଛି। ଦୈନିକ ସହର ମଧଦେଇ ଭାରିଯାନ ଚଳାଚଳ ଏହାର ପ୍ରମୁଖ କାରଣ ହୋଇଛି। ସହର ମଧଦେଇ ଭରିଯାନ ଚଳାଚଳ ଯୋଗୁ ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଏଡ଼ାଇବା ନିମନ୍ତେ ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ହେଲେ ୪ ବର୍ଷ ବିତିଯାଇଥିଲେ ମଧ ଏହି ରାସ୍ତାକାମ ସମ୍ପୂର୍ଣ୍ଣ ହୋଇପାରୁନି।

ବାଇପାସ ରାସ୍ତା ନିର୍ମାଣ ହେଲେ ଉକ୍ତ ରାସ୍ତାଦେଇ ଭାରିଯାନ ଚଳାଚଳ କରିପାରିବ। ଏହାଦ୍ୱାରା ସହରର ଟ୍ରାଫିକ୍ ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିବ। ୧୦.୫ କି.ମି. ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସହରବାସୀଙ୍କ ଦାବି ରହିଥିଲା। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ସ୍ଥାନୀୟ ସାଇ ଇଣ୍ଟରନ୍ୟାଶନାଲ ଛକଠାରୁ ଭାରିଯାନ ଯାତାୟତ ସକାଶେ ଦିଗ ପରିବର୍ତ୍ତନ କରି ପ୍ରସ୍ତାବିତ ବାଇପାସ୍ ରାସ୍ତାରେ ରଇତ କଲୋନୀ ଠାରୁ ଶିରିକଣା ଛକ ଭାୟା ବାରିଖୋଲା ଓ ସିରିକଣା ଠାରୁ ପିତାମହଲ ପର୍ଯ୍ୟନ୍ତ ଭାୟା ଟିକରପଡ଼ା ଦେଇ ପ୍ରସ୍ତାବିତ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ପୂର୍ତ୍ତ ବିଭଗ ପକ୍ଷରୁ ୨୦୧୮-୧୯ ମସିହାରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଉକ୍ତ କାମ ୨ ପର୍ଯ୍ୟାୟରେ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୧୦.୫ ଓ ୩.୪ କି.ମି. ଦୂରତା ବିଶିଷ୍ଟ ଏହି ରାସ୍ତା ନିର୍ମାଣ ପାଇଁ ୧୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଥିଲା। ୨୦୧୯ରେ ଏକ ଘରୋଇ ସଂସ୍ଥା ପକ୍ଷରୁ ଏ ନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୦୧୯ ଜୁନ୍‌ରେ ପ୍ରଥମ ପର୍ଯ୍ୟାୟ ବାଇପାସ୍ ରାସ୍ତା ରଇତ କଲୋନୀ ଠାରୁ ଶିରିକଣା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ଡିସେମ୍ବରରେ ଶେଷ ହୋଇଥିଲା। ୨ୟ ପର୍ଯ୍ୟାୟ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ପ୍ରସ୍ତାବିତ ବାଇପାସ୍ ପାଇଁ ଘରୋଇ ସଂସ୍ଥା ଦେଇଥିବା ଟେଣ୍ଡରକୁ ସଂସ୍ଥା ରଦ୍ଦ କରିଥିବାରୁ ଫଳରେ ସମ୍ପୃକ୍ତ ସଂସ୍ଥା ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା। ଏହାପରେ ୨୦୧୯ରୁ କାମ ବନ୍ଦ ରହିଥିଲା। ନ୍ୟାୟାଳୟ ରେମାମଲାର ବିଚାର ପରେ ଅନ୍ୟ ଜଣଙ୍କୁ ଟେଣ୍ଡର ଦିଆଯାଇଛି। ହେଲେ ଶିରିକଣା ଠାରୁ ପିତାମହଲ ପର୍ଯ୍ୟନ୍ତ ପ୍ରାୟ ୧୦ କି.ମି. ରାସ୍ତା କାମ ଆରମ୍ଭ ହୋଇନାହିଁ। ଏ ନେଇ ପୂର୍ତ୍ତ ବିଭଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଯମୁନା ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ବଳକା ୧୦.୫ କି.ମି. ରାସ୍ତା କାମ ପାଇଁ ଟେଣ୍ଡର ହୋଇଥିଲେ ମଧ ଏଗ୍ରିମେଣ୍ଟ ହୋଇନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ମିଳି ନ ଥିବାରୁ କାମ ଆରମ୍ଭ ହୋଇପାରୁ ନ ଥିଲା। ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ସାପ କାମୁଡ଼ାରେ ଶିଶୁ ମୃତ

କୋଡିଙ୍ଗା,୧୦।୬(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କର୍ଚ୍ଚାମାଳ ପଞ୍ଚାୟତର ମିଚିଆ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ଶିଶୁଟିର ନା ଚନ୍ଦନ ଭତ୍ରା (୧)। ଗୁରୁବାର ସନ୍ଧ୍ୟା ୬ଟାରେ ଚନ୍ଦନ ଖେଳୁଥିବା ସମୟରେ ଏକ ନାଗ ସାପ ତାଙ୍କ ଡାହାଣ ହାତ ଆଙ୍ଗୁଠିକୁ ଚୋଟ ମାରିଥିଲା । ଏହାପରେ ଚିକିତ୍ସା ପାଇଁ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ । ଏନେଇ କୋଡ଼ିଙ୍ଗା ଥାନାରେ ୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। କାଡ଼ିଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏସ୍ଆଇ ବିକ୍ରମ କିଶୋର ସାହୁ ସୂଚନା ଦେଇଛନ୍ତି ।

## ଏଚ୍ପିର ଏଆର୍‌ବି ଶପ୍ ଉଦ୍‌ଘାଟିତ



ନବରଙ୍ଗପୁର,୧୦।୬(ବି.ପ୍ର.)-ମାଁ ଭଣ୍ଡାରଘରଣୀ ଏଚ୍‌ପି ଗ୍ୟାସ୍ ଏଜେନ୍ସିର ଏଆର୍‌ବି ଶପ୍ ସ୍ଥାନୀୟ ଶାସ୍ତ୍ରୀଭବନ କମ୍ପ୍ଲେକ୍ସର ସାରଳା ଲାଖ ହସ୍ତଶିଳ୍ପ ବିକ୍ରୟ କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ଏଚ୍‌ପି ଗ୍ୟାସ୍ ବିକ୍ରୟ ପରିଚାଳକ ଅନୁରାଗ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମାଁ ଭଣ୍ଡାରଘରଣୀ ମୁଖ୍ୟ ପରିଚାଳକ ସୁକାନ୍ତ ଶତପଥୀ, ସାରଳା ଲାଖ ହସ୍ତଶିଳ୍ପ ବିକ୍ରୟ କେନ୍ଦ୍ର ମୁଖ୍ୟ ମଙ୍ଗଳା ପ୍ରସାଦ ପାତ୍ର, ୧୧ନଂ. ୱାର୍ଡ କାଉନସିଲର ପୁନମ୍ ସାହୁ, ଜିଲା ହସ୍ତଶିଳ୍ପ ବିଭାଗର ଏଚ୍‌ପିଓ ଗୌରବ ସୋରେନ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ପାତ୍ର, କାଳିଚରଣ ପାତ୍ର,ମାୟାରାଣୀ ପାତ୍ର, ସଞ୍ଜୟ ସାହୁ, ମହମ୍ମଦ ଇଲିଆସ୍, ମୋହନ ରାଓ,ସଞ୍ଜୀବ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଘରୁ ଚାଲିଯାଇଥିବା ମହିଳାଙ୍କୁ ଉଦ୍ଧାର କଲା ପୋଲିସ

ଡାବୁଗାଁ,୧୦।୬(ଡି.ଏନ.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଘରୁ ଚାଲିଯାଇଥିବା ଜଣେ ମହିଳାଙ୍କୁ ଶୁକ୍ରବାର ଉଦ୍ଧାର କରିଛି। ସ୍ୱାମୀଙ୍କ ନିର୍ଯ୍ୟାତନା ସହି ନ ପାରି ସେ ଘର ଛାଡି ଆସି ସମ୍ପର୍କୀୟଙ୍କ ଘରେ ରହୁଥିଲେ ବୋଲି ମହିଳା ଜଣଙ୍କ ପୋଲିସକୁ କହିଛନ୍ତି। ସୂଚନାନୁଯାୟୀ, ମହିଳାଙ୍କ ସ୍ୱାମୀ ଡାବୁଗାଁ ଥାନାରେ ତାଙ୍କ ସ୍ତ୍ରୀ ଘରୁ ୩୦ ହଜାର ଟଙ୍କା ନେଇ ଅନ୍ୟ କାହା ସହ ଫେରାର ହୋଇଯାଇଥିବା ନେଇ ଗୁରୁବାର ଅଭିଯୋଗ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାଧିକାରୀ ଅଭିମନ୍ୟୁ ଦୂର୍ଗା କେସ ନଂ ୧୦୨/୨୨ରେ ଏକ ମାମଲା ରୁଜୁ କରି ଖୋଜାଖୋଜି କରିଥିଲେ। କୋଷାଗୁମୁଡା ଥାନା ଅଧୀନ ତାଙ୍କ ସମ୍ପର୍କୀୟଙ୍କ ଘରୁ ମହିଳାଙ୍କୁ ଉଦ୍ଧାର କରାଯାଇଛି। ମହିଳା ତାଙ୍କ ସ୍ୱାମୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସ୍ୱାମୀ ନିଶାସକ୍ତ ଅବସ୍ଥାରେ ମାରପିଟ କରିବା ସହ ବିଭିନ୍ନ ପ୍ରକାର ମରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥାନ୍ତି। ତାଙ୍କ ନିଯ୍ୟାତନା ସାହି ନ ପାରି ନିଜ ସମ୍ପର୍କୀୟ ଘରକୁ ଚାଲି ଆସିଛି ବୋଲି ମହିଳା ଜଣଙ୍କ କହିଛନ୍ତି। ସେଠାରୁ ତାଙ୍କୁ ଅଣାଯାଇ ଏବ ବର୍ତ୍ତମାନ ସ୍ୱଧାର ଗୃହରେ ରଖାଯାଇଛ ବୋଲି ପୋଲିସ କହିଛି।

# ‘ଶ୍ରମ ନୁହେଁ ଶିକ୍ଷା’ ଉପରେ କରାଯିବ ସଚେତନ

ନବରଙ୍ଗପୁର ୧୦।୬(ବି.ପ୍ର.)



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଡିପିଆର୍‌ସି ସଭାଗୃହରେ ଶୁକ୍ରବାର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ କରାଯାଇଛ। ଜିଲାରେ ଶିଶୁ ଶ୍ରମିକ ପ୍ରଥା ରୋକିବା ସହିତ ସମସ୍ତ ପିଲାଙ୍କୁ ବିଦ୍ୟାଳୟ ପଠାଇବା ନେଇ ବୈଠକରେ ଆଲୋଚନା କରାଯାଇଛି।

ନବରଙ୍ଗପୁରକୁ ଶିଶୁ ଶ୍ରମିକ ମୁକ୍ତ ଜିଲା ଭାବେ ପରିଗଣିତ କରିବା ନିମନ୍ତେ ବ୍ୟାପକ ସଚେତନତା କରାଯିବ। ଏ ଦିଗରେ ସମାଜର ସବୁ ବର୍ଗର ବ୍ୟକ୍ତିଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି। ଜିଲାର ସମସ୍ତ ଅଧିକାରୀ ଶିଶୁ ଶ୍ରମିକଙ୍କୁ ରୋକିବା ନିମନ୍ତେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡଳ ଶ୍ରମ ଆୟୁକ୍ତ କୁବେର ବେହେରା ଜିଲାରେ ଚାଲୁଥିବା ଶିଶୁ ଶ୍ରମିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଓ ଶିଶୁ ଶ୍ରମିକ ନିରାକରଣ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କୌଣସି ପ୍ରକାର ବୃତ୍ତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷ ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନୟୋଜନ କରିବା ଦଣ୍ଡନୀୟ ଅପରାଧ। ଶିଶୁଶ୍ରମିକ ନିୟୋଜନ କରିଲେ ଆର୍ଥିକ ଓ ଜେଲଦଣ୍ଡ ହେବ ବୋଲି କୁହାଯାଇଛି। ଆଗାମୀ ଦିନରେ ଶ୍ରମ ବିଭାଗ, ଶିକ୍ଷା ବିଭାଗ , ସମାଜ କଲ୍ୟାଣ ବିଭାଗ, ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନର ମିଳିତ ସହଯୋଗରେ ଶ୍ରମ ନୁହେଁ ଶିକ୍ଷା ଅଭିଯାନ ଜରିଆରେ ଗ୍ରାମସ୍ତରରେ ବ୍ୟାପକ ସଚେତନତା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶିଶୁ

**ନବରଙ୍ଗପୁର ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ଲକ୍ଷ୍ୟ**

ଶ୍ରମିକମୁକ୍ତ ଜିଲା ଗଠନ ପାଇଁ ସମସ୍ତେ ଶପଥ ନେଇଥିଲେ।

ବୈଠକରେ ଏସ୍‌ପି ଏସ୍.ସୁଶ୍ରୀ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ , ଡିଇଓ ପ୍ରଦୀପ ନାଗ, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ଶିଶୁମଙ୍ଗଳ ସମିତି ଅଧକ୍ଷ ଦିବାକର ବାହୁକ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକୀରଚରଣ ରାଉତ, ଜିଲା ସଂଯୋଜକ ରବୀନ୍ଦ୍ର ପ୍ରଧାନଙ୍କ ସହ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ହୋଟେଲ ମାଲିକ ଉପସ୍ଥିତ ଥିଲେ। ଶ୍ରମ ନିରୀକ୍ଷକ ବୁଲୁ ଶ୍ରୀ ହରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଛେଳି ଚରାଇବାବେଳେ ପଥର ସନ୍ଧିରେ ଫସିଗଲା ମୁଣ୍ଡ

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୧୦।୬(ବି.ପ୍ର./ଡି.ଏନ୍.ଏ.)

**୮ଘଣ୍ଟା ପରେ ଉଦ୍ଧାର ହେଲେ ନାବାଳକ**

ଛେଳି ଚରାଇବାକୁ ଯାଇଥିବା ଜଣେ ନାବାଳକଙ୍କ ମୁଣ୍ଡ ଦୁଇ ପଥର ସନ୍ଧିରେ ଫସି ଯାଇଥିଲା। ତେନ୍ତୁଲିଖୁଣ୍ଟି ବିଡିଓ ଦୁର୍ଯ୍ୟୋଧନ ଭୋଇ, ଜିପିଓ ମଣ୍ଟୁ ସ୍ୱାଇଁ ଓ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ୮ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇଛି। ରାତି ପ୍ରାୟ ୮ଟାରେ ଗୁରୁତର ଅବସ୍ଥାରେ ତାଙ୍କୁ ତେନ୍ତୁଲିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନାବାଳକ ଜଣଙ୍କ ସୁସ୍ଥ ଥିବା ବିଡିଓ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କଣ୍ଡାଗାଁ ପଞ୍ଚାୟତ ବରିପଦାର ଗାଁର ଡମ୍ବୁ ଜାନି (୧୨) ଗୁରୁବାର ନିକଟସ୍ଥ ପାହାଡ଼କୁ ଛେଳି ଚରାଇବାକୁ ଯାଇଥିଲେ। ଅସାବଧାନତା ଯୋଗୁ ଡମ୍ବୁଙ୍କ ମୁଣ୍ଡ ଦୁଇ ପଥର ସନ୍ଧିରେ ଫସିଯାଇଥିଲା। ସେ ବାହାରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଖବରପାଇ ବିଡିଓ ଦୁର୍ଯ୍ୟୋଧନ ଭୋଇ ଘଟଣାସ୍ଥଳରେ ପହଞ୍ଚି ତେନ୍ତୁଲିଖୁଣ୍ଟି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ବର୍ଷା ଓ ଘଡ଼ଘଡ଼ି ହେବାରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏହା ମଧ୍ୟରେ ବିଡିଓ ଉପସ୍ଥିତ ବୁଦ୍ଧି ଲଗାଇ ବ୍ଲକ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କୁ ନେଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ୮ ଘଣ୍ଟା ପରେ ଡମ୍ବୁଙ୍କୁ ଉଦ୍ଧାର କରାଯାଇଥିଲା। ବିଡିଓ ନିଜ ଗାଡ଼ିରେ ପାତ୍ରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ନନ୍ଦାହାଣ୍ଡି ବ୍ଲକ ପଞ୍ଚାୟତ ସମିତି ବୈଠକ



ବୈଠକରେ ମଞ୍ଚାସୀନ ଅତିଥିମାନେ ।

ନନ୍ଦାହାଣ୍ଡି,୧୦।୬(ଡି.ଏନ୍.ଏ.)

- ପାନୀୟଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ
- ଉନ୍ନୟନ କାମରେ ଲୋକ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

ନନ୍ଦାହାଣ୍ଡି ପଞ୍ଚାୟତ ସମିତି ବୈଠକ ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଶିକ୍ଷା, କୃଷି, ଉଦ୍ୟାନ, ପ୍ରାଣୀଧନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ସାଧାରଣ ବଣ୍ଟନ, ମହିଳା ଓ ଶିଶୁ ବିକାଶ, ସମାଜ କଲ୍ୟାଣ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟୁତୀକରଣ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା।

ଇନ୍ଦ୍ରାବତୀ ପାଣି ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଝରିଗାଁ, ଡାବୁଗାଁ ବ୍ଲକ ଅଞ୍ଚଳରେ ପହଞ୍ଚିଲାଣି ଅଥଚ ଇନ୍ଦ୍ରାବତୀ ନିକଟ ଅଞ୍ଚଳରେ ପହଞ୍ଚିପାରୁନି କହି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ବିଧାୟକ ସଦାଶିବ ପ୍ରଧାନୀ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ମେଣ୍ଟ୍ରି ସମିତି ସଭ୍ୟା ପିଇବା ପାଣିର ସୁବିଧା ନାହିଁ ବୋଲି ପ୍ରକାଶ କରିଥିଲେ। ଉନ୍ନୟନ କାମରେ ପ୍ରତିନିଧିମାନଙ୍କୁ ଡକାଯାଉନାହିଁ ବୋଲି ଜିଲା ପରିଷଦ ସଭ୍ୟ ଦିବ୍ୟାଦାନ ସୁନା ଅଭିଯୋଗ କରିଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ମାଝି, ଉପାଧ୍ୟକ୍ଷ ସଦନ ଗୌଡ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଏବିଡିଓ ପ୍ରଫୁଲ୍ଲ କହଁର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

# ବିଳମ୍ବ ହେଉଛି ରାଜ୍ୟ ରାଜପଥ କାମ, ବଢୁଛି ଅସନ୍ତୋଷ

ଉମରକୋଟ, ୧୦।୬(ସ୍ୱ.ପ୍ର.)

ଉମରକୋଟ ସହର ମଧ ଦେଇ ଯାଇଥିବା ରାଜ୍ୟ ରାଜପଥ ୩୯ରେ ରାସ୍ତା କାମ ଆରମ୍ଭରେ ବିଳମ୍ବକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ରାଜ୍ୟ ସରକାର ସହରାଞ୍ଚଳ ବିକାଶର ନାରା ଦେଉଥିବା ବେଳେ ଉମରକୋଟ ସହର ଏଥିରୁ ବାଦ୍ ପଡ଼ିଛି। ଏହାକୁ ନେଇ ଲୋକେ ଅସନ୍ତୋଷ ପ୍ରକଟ କରୁଛନ୍ତି।

ରାଜ୍ୟ ରାଜପଥ ୩୯ ଉମରକୋଟ ସହର ମଧ ଦେଇ ଯାଇଛି ଓ ଏହି ରାସ୍ତାଟି ପଡ଼ୋଶୀ ରାଜ୍ୟ ଛତିଶଗଡ଼କୁ ସଂଯୋଗ କରୁଛି। ବର୍ତ୍ତମାନ ରାସ୍ତାର ଅବସ୍ଥା ବହୁ ଖରାପ। ସ୍ଥାନେ ସ୍ଥାନେ ଖାଲଖମା ହୋଇ ପଡ଼ିରହିଛି। ବିଶେଷକରି ଭାରତମାଳା ପ୍ରକଳ୍ପ କାମ ହେଉଥିବା ହେତୁ ପ୍ରତିଦିନ ଶହ ଶହ ଟିପ୍ପର ଯାଉଥିବାରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଶେଷକରି ଧୋଡ୍ରାରୁ ଦର୍ଗାଗୁଡ଼ା ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଆଗକୁ ବର୍ଷାଋତୁ ଆସୁଛି। ରାସ୍ତାରେ ପାଣି ଜମି ରାସ୍ତାର ପରିସ୍ଥିତି ଆହୁରି ଶୋଚନୀୟ ହୋଇ ପଡିବ। ଜଣେ ସାଧାରଣ ଲୋକ, ରୋଗୀଙ୍କ ଯାତାୟାତ କରିବା ପାଇଁ କଷ୍ଟସାଧ ହୋଇପାରେ। ଦୀର୍ଘ ୫ ବର୍ଷ ପୂର୍ବେ ଉମରକୋଟ ସହରକୁ ଏକ ସୁନ୍ଦର ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଥିଲେ ଏବଂ ରାସ୍ତା ତିଆରି ମଧ ହୋଇଥିଲା। ବର୍ତ୍ତମାନ ଧୋଡ୍ରାରୁ ଦର୍ଗାଗୁଡ଼ା ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟର ରାସ୍ତା ନଷ୍ଟ ହୋଇ ରହିଛି। ପ୍ରତିବର୍ଷ ପୂର୍ତ୍ତ ବିଭାଗ ଏହି ରାସ୍ତାକୁ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ନିମ୍ନମାନର ମରାମତି, କିନ୍ତୁ ଏକକାଳୀନ ଟଙ୍କା ଖର୍ଚ୍ଚ କରି ରାସ୍ତାର ସ୍ଥାୟୀ ନିର୍ମାଣ କଣ ପାଇଁ କରାଯାଉ ନାହିଁ ତାହା ଜଣା ପଡୁନାହିଁ। ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ରଙ୍କୁ ଏହି ସମ୍ପର୍କରେ ପଚାରିବାରୁ ରାସ୍ତା କାମର ଟେଣ୍ଡର ହୋଇ ଜଣେ ଠିକାଦାର ପାଇଥିଲେ ସେ କାମ ଆରମ୍ଭ କଲେ ନାହିଁ। ତେଣୁ ତାଙ୍କୁ କଳା ତାଲିକାଭୁକ୍ତ କରାଯାଇଛି। ତୁରନ୍ତ ଏହି କାମର ରିଟେଣ୍ଡର ପ୍ରକ୍ରିୟା କରାଯିବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

## ପୁରସ୍କୃତ କରିବେ ରାଜ୍ୟପାଳ ସ୍କାଉଟ୍ ଗାଇଡ୍‌ରେ ଭଲ ପ୍ରଦର୍ଶନ କରିଛି ନବରଙ୍ଗପୁର

ନବରଙ୍ଗପୁର,୧୦।୬(ବି.ପ୍ର.)

ସ୍କାଉଟ୍ ଗାଇଡ୍‌ରେ ନବରଙ୍ଗପୁର ଜିଲା ଉତ୍ତମ ପ୍ରଦର୍ଶନ କରିଛି। ଏନେଇ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ ସଚିବ ଚିଠି ନମ୍ବର ୫୩୭/୨୨ ଅନୁଯାୟୀ ଗୁରୁବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛନ୍ତି। ସ୍କାଉଟ ଓ ଗାଇଡରେ ନବରଙ୍ଗପୁର ଜିଲା ଉତ୍ତମ ପ୍ରଦର୍ଶନ କରିଥିବାରୁ ଜିଲା ମୁଖ୍ୟ କମିଶନର ତଥା ଡିଇଓ ପ୍ରଦୀପ ନାଗ ଓ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ସ୍କାଉଟ ଓ ଗାଇଡ୍ ସମ୍ପାଦକ ବିଭାଶିଷ ଦେଙ୍କୁ ୧୮ ତାରିଖରେ ରାଜ୍ୟପାଳ ପୁରସ୍କୃତ କରିବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

# ମାଟି ଖୋଳିଖୋଳି ବାଦାମ କାଢୁଛନ୍ତି ଚାଷୀ

ଏମ୍‌ଭି ୭୯,୧୦।୬(ଡି.ଏନ୍.ଏ.)


ଚାଷୀମାନେ ଜମିରୁ ମାଟି ଖୋଳି ବାଦାମ ଅମଳ କରୁଛନ୍ତି।

କେନାଲ ପାଣି ଅଭାବ। ଜମିରୁ ବାଦାମ ଉପାଡ଼ିବା ବଦଳରେ ଖୋଳି ଖୋଳି ବାହାର କରୁଛନ୍ତି ଚାଷୀ। ବିଭାଗୟ କର୍ତ୍ତୃପକ୍ଷଙ୍କ ଅପାରଗତା ଲାଗି ଚାଷୀଙ୍କୁ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡିଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କାଲିମେଳା ବ୍ଲକ ଅନ୍ତର୍ଗତ ମହାରାଜପାଲି ଅଞ୍ଚଳରେ । ଚଳିତ ବର୍ଷ ଚାଷୀମାନେ ଧାର କରଜ କରି ଜମିରେ ବାଦାମ ଚାଷ କରିଥିଲେ। ଅମଳ ବେଳକୁ କେନାଲ ପାଣି ବନ୍ଦ କରିଦିଆଗଲା। ଏହାକୁ ନେଇ ଗତ ୨୪ରେ ଅଞ୍ଚଳର ୫ଟି ପଞ୍ଚାୟତର ଚାଷୀ ପଟେରୁ ବୃହତ୍ ଜଳସେଚନ ଯୋଜନାର ଏମ୍‌ଭି-୭୯ ଡିଭିଜନ କାର୍ଯ୍ୟାଳୟ ଘେରାଉକରି ପାଣି ଛାଡ଼ିବାକୁ ଦାବି କରିଥିଲେ। ଚାଷୀଙ୍କ ଦାବିକୁ ଗୁରୁତ୍ୱ ଦେଇ ବିଭାଗ ପକ୍ଷରୁ ବାଲିମେଳାସ୍ଥିତ ପଟେରୁ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ମଙ୍ଗରାଜ ଜୟନଙ୍କ ନିର୍ଦ୍ଦେଶରେ ପାଣି ଛଡ଼ାଯାଇଥିଲା। ମାତ୍ର ଅଞ୍ଚଳର ସମସ୍ତ ଚାଷୀଙ୍କ ଜମିକୁ ପାଣି ପହଞ୍ଚିବା ପୂର୍ବରୁ ପାଣି ବନ୍ଦ କରିଦେଲା ବିଭାଗ। ଏବେ ଅନେକ ଚାଷୀ ନିଜ ବାଦାମ ଉପାଡି ବାହାର ନ କରି ଖୋଳିଖୋଳି ବାହାର

**ପାଣି ଅଭାବ ବିଗାଡ଼ିଲା ବାଦାମ ଚାଷ**

କରୁଛନ୍ତି। ଅଞ୍ଚଳର ସବୁ ଜମିରେ ପାଣି ପହଞ୍ଚିଥିଲେ ଏପରି ଅବସ୍ଥା ହୋଇ ନ ଥାନ୍ତା ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ନେବାକୁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ମାଁ ଠାକୁରାଣୀ, ଚାଉଁରିଆ ମନ୍ଦିର ରତ୍ନମୁଦ ଉତ୍ସବ

ପାପଡାହାଣ୍ଡି,୧୦।୬(ଡି.ଏନ୍.ଏ.)

ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ ମୂଷାପାଲା ଗ୍ରାମରେ ଶୁକ୍ରବାର ଠାକୁରାଣୀ ମନ୍ଦିର ଓ ଚାଉଁରିଆ ମନ୍ଦିରର ରତ୍ନମୁଦ ଏବଂ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଛି। ଏହି ଅବସରରେ ମାନିଗାଁର ବିଭିନ୍ନ ଗ୍ରାମରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ନବରଙ୍ଗପୁର ଜିଲାପରିଷଦ ଅଧକ୍ଷ ମୋତିରାମ ନାୟକ, ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଜିଲାପରିଷଦ ସଭ୍ୟ ଯଶୋବନ୍ତ ନାୟକ, ସୁବ୍ରତ ପରିଡା ପ୍ରମୁଖ ଯୋଗଦେଇ ମନ୍ଦିର ଶିଖରରେ ରତ୍ନମୁଦ ସ୍ଥାପନ କରିଥିଲେ। ୨ଦିନ ଧରି ଏହି ଉତ୍ସବ ପାଳନ କରାଯାଉଥିବାବେଳେ ମନ୍ଦିର କମିଟି ପକ୍ଷରୁ ଲୋକଙ୍କ ମନୋରଞ୍ଜନ ପାଇଁ ନାଟ ବ୍ୟବସ୍ଥା କରାଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ କମିଟି ପକ୍ଷରୁ ପୂଜକ ହେମନ୍ତ ପୂଜାରୀ, କମିଟି ସଦସ୍ୟ କୁବେର ନାୟକ, ମୁରଲୀ ସିଂ, ଘନ ମାଝି, ନାନ ମାଝି, ଧନୁର ମାଝି, ଶିବ ଚାଲାଣ ପ୍ରମୁଖ ଉପସ୍ଥିତ ଥିଲେ।

## ୫୦ଲକ୍ଷର ହୀରା ନେଇ ଯିବାବେଳେ ଧରିଲା ଛତିଶଗଡ଼ ପୋଲିସ

ନବରଙ୍ଗପୁର,୧୦।୬(ବି.ପ୍ର.)

**ନବରଙ୍ଗପୁର ଜିଲା ରାଇଘର ଅଞ୍ଚଳର ବାପ-ପୁଅ ଗିରଫ**

ଚୋରା ହୀରା କାରବାରରେ ସମ୍ପୃକ୍ତ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଞ୍ଚଳର ବାପ ପୁଅଙ୍କୁ ଗିରଫ କରିଛି ଛତିଶଗଡ଼ ପୋଲିସ। ସେମାନଙ୍କଠାରୁ ପୋଲିସ ୭୪୫ କ୍ୟାରେଟ୍ ହୀରା ସହ ଗୋଟିଏ ସ୍କୁଟି ଜବତ କରିଛି। ଅଭିଯୁକ୍ତମାନେ ରାଇଘର ବ୍ଲକ ଭାରସୁଣ୍ଡି (ଟୋଲା) ଗ୍ରାମର ଖକନ ଢାଲି ଓ ତାଙ୍କ ପୁଅ ବିପ୍ଳବ ବୋଲି ଛତିଶଗଡ଼ର ଗରିଆବନ୍ଧ ଜିଲା ଶୋଭା ଥାନାରୁ ସୂଚନା ମିଳିଛି।

ଖକନ ଓ ତାଙ୍କ ପୁଅ ବିପ୍ଳବ ଦୁହେଁ ଏକ ସ୍କୁଟିରେ ହୀରା ନେଇ ଚୋରା କାରବାର କରିବାକୁ ରାୟପୁର ଅଭିମୁଖେ ଯାଉଥିଲେ। ଗାଡ଼ି ମୋଟର ଯାଞ୍ଚ କରୁଥିବା ଶୋଭା ଥାନା ପୋଲିସକୁ ଦେଖି ଅଭିଯୁକ୍ତମାନେ ପଳାଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁକରିଥିଲା। ଜବତ ହୋଇଥିବା ହୀରା ୭୪୫ କ୍ୟାରେଟର ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗରିଆବନ୍ଧ ଏସ୍‌ପି ଜେ.ଆର୍. ଠାକୁର ସୂଚନା ଦେଇଛନ୍ତି। ଏନେଇ ଶୋଭା ଥାନାରେ ଏକ ମାମଲା ରୁଜୁ ହୋଇଛି। କିଛିଦିନ ପୂର୍ବେ ରାଇଘର ଅଞ୍ଚଳରୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଛତିଶଗଡ଼ ବୋରେଇ ପୋଲିସ ତାହାକୁ ଜବତ କରିଛି। ବିଭିନ୍ନ ସମୟରେ ରାଇଘର ଅଞ୍ଚଳ ଦେଇ ଅନେକ ଚୋରା କାରବାର ହେଉଛି। ଛତିଶଗଡ଼ ପୋଲିସ ତାହାକୁ ଧରୁଥିବାବେଳେ ଓଡ଼ିଶା ପୋଲିସ କିନ୍ତୁ ନୀରବଦ୍ରଷ୍ଟା ସାଜିଥିବା ଭଳି ମନେ ହେଉଛି।

# ଶ୍ରମ ଅଧିକାରୀଙ୍କୁ ଦାବିପତ୍ର

ନବରଙ୍ଗପୁର, ୧୦।୬(ବି.ପ୍ର.)

ଶ୍ରମ ଆୟୁକ୍ତ ତଥା ସଚିବଙ୍କ ଉଦ୍ଦେଶ୍ୟରେ ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ଦ୍ୱାରା ପରିଚାଳିତ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ମହାସଂଘ ପକ୍ଷରୁ ୧୧ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପୂରଣ ଦିଗରେ



ଜିଲା ଶ୍ରମଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

ଉଚିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସଂଘ ପକ୍ଷରୁ ଅନୁରୋଧ କରାଯାଉଛି।

ଜିଲା ଶ୍ରମ କାର୍ଯ୍ୟାଳୟଗୁଡ଼ିକରେ ପଡ଼ିରହିଥିବା ସମସ୍ତ ନୂତନ ପଞ୍ଜିକରଣ ଆବେଦନପତ୍ର, ଶିକ୍ଷା ସହାୟତା, ବିବାହ ସହାୟତା, ମୃତ୍ୟୁକାଳୀନ, ପ୍ରସୂତୀକାଳୀନ ଅନ୍ୟାନ୍ୟ ସହାୟତା ରାଶି ପ୍ରଦାନ କରିବାକୁ ଦାବି ହୋଇଛି। ସମସ୍ତ ବେସରକାରୀ ଓ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଶିକ୍ଷା ସହାୟତା ରାଶୀକୁ ପୂନର୍ବାର ପ୍ରଦାନ, ସମସ୍ତ ଜିଲା ଶ୍ରମ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଦାବି ହୋଇଛି। ଯେଉଁ ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ ସହାୟତା ପାଇଁ ଆବେଦନ କରୁଛନ୍ତି ସେ ଦିଗରେ ତୁରନ୍ତ ପଦକ୍ଷେପ ନେଇ ସହାୟତା ରାଶି ଯୋଗାଇ ଦେବାକୁ ଦାବି ହୋଇଛି। ଦକ୍ଷତା ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ନେଇଥିବା ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ପ୍ରମାଣପତ୍ର ସହିତ ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛ। ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୁର ସଂଘ ସଭାପତି ପରମେଶ୍ୱର ବିଶୋଇ, ସମ୍ପାଦକ ରିତେଶ ପୂଜାରୀ, କୋଠାବାଡ଼ି ସଂଘ ସମ୍ପାଦକ ରାମପ୍ରସାଦ ବିଷୋୟୀ, ଉପସଭାପତି ରଙ୍କନିଧି ଜେନା, ଭୁବନ ପୂଜାରୀ, ଗୋବିନ୍ଦ ମିରଗାନ ଓ ଦୁର୍ଜନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

## କଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୦।୬ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ା ଜଙ୍ଗଲରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି । କୋରାପୁଟ ଏପିଆର୍ ଫୋର୍ସ, ଜୟପୁର ସଦର ପୋଲିସ, ବୈପାରିଗୁଡ଼ା ଓ ଜୟପୁର ଅବକାରୀ ବିଭାଗ ଏପରି ମିଳିତ ଚଢ଼ାଉ କରିଛି । ମଦ ଚୋରା କାରବାର କରୁଥିବା ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢାଉ କରାଯାଇଥିଲା। ତେବେ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିବା ବେଳେ କେବଳ ମଦରନ୍ଧା ସରଞ୍ଜାମ ଧରି ବିଭାଗୀୟ କର୍ମଚାରୀମାନେ ଫେରିଛନ୍ତି। ଚଢ଼ାଉରେ ଅବକାରୀ ଉପ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଅବକାରୀ ଓଆଇସି ସଞ୍ଜୟ କାଣ୍ଡିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ‘କମ୍ ବୟସ ପିଲାଙ୍କୁ ଦାଦନ ଖଟିବାକୁ ପଠାଅ ନାହିଁ’

ଉମରକୋଟ, ୧୦।୬(ସ୍ୱ.ପ୍ର.)

ଉମରକୋଟ ଥାନା ଅଧୀନ ଧୋଡ୍ରା ପଞ୍ଚାୟତ ତେଲକନାଡୀ ଗ୍ରାମରେ ଭାରତମାତା ନାରୀ ସେବା ସମିତି ପକ୍ଷରୁ ଆଇନଜୀବୀ ଭାବନା ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସଚେତନତା ଶିବିର ଶୁକ୍ରବାର ଆୟୋଜନ କରାଯାଇଛି। ସଚେତନତା ଅଭାବରୁ ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ଏବଂ ସେଠାରେ କେତେକଙ୍କ ମୃତ୍ୟୁ ମଧ ହେଉଛି। ତେଣୁ କମ୍ ବୟସରେ ପିଲାଙ୍କୁ ବାହାରକୁ କାମ କରିବାକୁ ନ ଛାଡ଼ିବାକୁ ମହିଳାମାନେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଅଚିହ୍ନା ଲୋକଙ୍କ ପ୍ରରୋଚନାରେ ନ ପଡ଼ି ସରକାରୀ ଅଧିକାରୀଙ୍କୁ ସମସ୍ତ ଘଟଣା କହିବା ଓ ସେମାନଙ୍କ ପରାମର୍ଶରେ କାମ କଲେ ଅଞ୍ଚଳର ଉନ୍ନତି ହେବ ବୋଲି ମହିଳାମାନେ କହିଛନ୍ତ। ପ୍ରଶାସନ ମଧ ଏ ଦିଗରେ ଧ୍ୟାନଦେଇ ସ୍ଥାନୀୟ ଅଞ୍ଚଳରେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି ସଂଗଠନ ସଭାପତି ଶିବାନୀ ସରକାର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମର ପ୍ରାୟ ୬୦ ଜଣ ଉପସ୍ଥିତ ଥିଲେ। ସଂଗଠନ ପକ୍ଷରୁ ସମ୍ପାଦକ ନୁଆଦି ଭତ୍ରା, ହୀରାଦେଇ ଭତ୍ରା, ସେବତୀ ଭତ୍ରା ଓ ସୁଲନ୍ତି ଗଣ୍ଡ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ। ପ୍ରକାଶ ଯେ, କିଛିଦିନ ତଳେ ଏହି ଗ୍ରାମର ଜଣେ ନାବାଳିକା ତାମିଲନାଡୁ ସିଲେଇ ଶିଖିବାକୁ ଯାଇଥିଲେ। ସେଠାରେ ତାଙ୍କ ମୃତ୍ୟୁ ହୋଇଛି।


ମହିଳାମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ଗ୍ରାମବାସୀଙ୍କୁ ସଚେତନ କଲେ ମହିଳା ସଂଗଠନ**

## ସଂକ୍ଷେପରେ

### ବ୍ୟାଙ୍କ ଋଣ ନାଁରେ ୫ ଲକ୍ଷ ଠକେଇ

**ବ୍ରହ୍ମପୁର ଅଫିସ,୧୦।୬:** ଗୃହ ଋଣ ଆବେଦନ କରିବାକୁ ଯାଇ ଜଣେ ବ୍ୟବସାୟୀ ୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କ ଗୃହ ଋଣ କରାଇ ଦେବାର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ବ୍ୟବସାୟୀଙ୍କ ୩ଟି କ୍ରେଡିଟ କାର୍ଡରୁ ମୋଟ ୫ ଲକ୍ଷ ୧୫୨୭୭ ଟଙ୍କା ନେଇ ଯାଇଛନ୍ତି। ଏ ନେଇ ବ୍ରହ୍ମପୁର ସାଇବର ଏବଂ ଅର୍ଥ ନୈତିକ ଅପରାଧ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୯/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଶକ୍ତିନଗର ଅଞ୍ଚଳର ବ୍ୟବସାୟୀ ବାବୁ ସାହୁ ଗୃହ ଋଣ କରିବାକୁ ଧର୍ମନଗର ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କକୁ ଯାଇଥିଲେ। ସେହି ବ୍ୟାଙ୍କକୁ ଯିବା ପରେ ସେଠାରେ ଉପସ୍ଥିତ ଗୋପୀକିଷାନ ସାହୁ ନାମକ ଜଣେ ବ୍ୟକ୍ତି ଗୃହ ଋଣ ବିଷୟରେ ସହଯୋଗ କରୁଥିବା ବାବୁ ଜାଣିବାକୁ ପାଇଥିଲେ। ସେହିକ୍ରମରେ ବାବୁ ଗୋପୀଙ୍କ ସହ ଯୋଗାଯୋଗ କରି ତାଙ୍କୁ ସମସ୍ତ କାଗଜପତ୍ର ଦେଇଥିଲେ। ହେଲେ ଋଣ ପାଇଁ ଆବେଦନ କରାଯାଉଥିବା ଗୃହର ଫାଉଣ୍ଡେଶନ କରିସାରିବା ପରେ ହିଁ ଗୃହ ଋଣ ମିଳିବ ବୋଲି ଗୋପୀ ତାଙ୍କୁ କହିଥିଲେ। ସେହିପରି ଘର ଫାଉଣ୍ଡେଶନ ପକାଇବାକୁ ବାବୁଙ୍କୁ ସହଯୋଗ କରିବେ ବୋଲି ମଧ ଗୋପୀକିଷାନ ପ୍ରତିଶ୍ରୁତି ଦେଇଥିଲେ। ପରେ ଗୋପୀ ବାବୁଙ୍କ ନିକଟରେ ଥିବା ୩ ଟି କ୍ରେଡିଟ କାର୍ଡରୁ ୨ ଲକ୍ଷ ଟଙ୍କା ଉଠାଇବେ ବୋଲି କହି ୨ ଲକ୍ଷ ଟଙ୍କା ଉଠାଇବା ବଦଳରେ ୫ ଲକ୍ଷ ୧୫୨୭୨ ଟଙ୍କା ଉଠାଇଥିଲେ। କିଛି ଦିନ ପରେ ମଧ ଘରର ଫାଉଣ୍ଡେସନ କାମ ଗୋପୀ ଆରମ୍ଭ ନ କରିବାରୁ ସେ ତାଙ୍କ ଟଙ୍କା ଫେରାଇ ଦେବାକୁ କହିଥିଲେ। ବାରମ୍ବାର ଅନୁରୋଧ ପରେ ଗୋପୀ ବିଭିନ୍ନ କିସ୍ତିରେ ବାବୁଙ୍କୁ ୧ ଲକ୍ଷ ୭୨ ହଜାର ଟଙ୍କା ଫେରାଇଥିଲେ। ବଳକା ଟଙ୍କା ମାଗିବାରୁ ସେ ଏକାଧିକ ଚେକ ଦେଇଥିଲେ। ହେଲେ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ସେହି ଚେକ ଗୁଡ଼ିକ ବାଉନ୍ସ ହୋଇଯାଇଥିଲା। ଶେଷରେ ସାଇବର ପୋଲିସ ଥାନାରେ ଏନେଇ ଅଭିଯୋଗ କରିଛନ୍ତି।

### ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ ମାମଲା: ସ୍ତ୍ରୀ ଗଲେ ଜେଲ

ଦିଗପହଣ୍ଡି,୧୦।୬(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆନାଳ ଛକରେ ରହୁଥିବା ସଞ୍ଜୟ କୁମାର ସାହୁଙ୍କୁ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସ୍ୱାମୀଙ୍କ ଦେହରେ ସ୍ତ୍ରୀ ଗରମ ତେଲ ଢାଳି ଦେଇଥିବାରୁ ସେ ଗୁରୁତର ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ମୃତ୍ୟୁସହ ସଂଗ୍ରାମ କରୁଥିବା ସଞ୍ଜୟଙ୍କ ମା' ସରସ୍ୱତୀ ସାହୁ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ନଂ.୨୦୨/୨୨ ଅନୁଯାୟୀ ସ୍ତ୍ରୀ ଲକ୍ଷ୍ମୀଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ମଙ୍ଗଳବାର ଭୋରରେ ଉଭୟେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସ୍ତ୍ରୀ ଲକ୍ଷ୍ମୀ ଚୁଲିରେ ବସିଥିବା ତେଲ କଡ଼େଇ ଧରି ସ୍ୱାମୀ ସଞ୍ଜୟଙ୍କ ଉପରେ ଢାଳି ଦେଇଥିଲେ। ତାଙ୍କୁ ସାହି ପଡୋଶୀ ଉଦ୍ଧାର କରି ପ୍ରଥମେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ୯୫ ୫-ଟି ସ୍କୁଲ ଉଦ୍‌ଘାଟିତ

କୋରାପୁଟ/ଜୟପୁର,୧୦।୬ (ନି.ପ୍ର./ସ୍ୱ.ପ୍ର.)

କୋରାପୁଟ ଜିଲାରେ ୫-ଟିରେ ରୂପାନ୍ତରିତ ୯୫ଟି ହାଇସ୍କୁଲ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସନ୍ଧ୍ୟା ୫ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ସ୍କୁଲକୁ ଭର୍ଚୁଆଲ ଯୋଗେ ଉଦ୍‌ଘାଟନ କରିଛନ୍ତି। ବୋରିଗୁମ୍ମା ବ୍ଲକ ସଶାହାଣ୍ଡି ୫-ଟି ହାଇସ୍କୁଲରେ ଏହି ଭାର୍ଚୁଆଲ ଉଦ୍‌ଘାଟନ କାର୍ଯ୍ୟକ୍ରମ ହୋଇଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଏଥିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ମନ୍ତ୍ରୀ ତଥା କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲାପାଳ ଅବ୍ଦୁଲ ଏମ୍. ଅଖତାର ଅଧକ୍ଷତା କରିଥିଲେ। ଜିଲାର ସମସ୍ତ ବ୍ଲକର ବିଡିଓ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଏହି କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ୫-ଟି ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ, ଲାବୋରେଟୋରି, ଅତ୍ୟାଧୁନିକ ଖେଳ ପଡିଆ, ଚିତ୍ର, ହସ୍ତକଳା ଏବଂ ସୌନ୍ଦର୍ଯ୍ୟକରଣକୁ ନେଇ ଛାତ୍ରୀଛାତ୍ରମାନେ ଖୁସି ପ୍ରକାଶ କରିଛନ୍ତି। ଶିକ୍ଷକ ଅଭାବ ଥିବାରୁ ଅଧ୍ୟୟନରେ ଅସୁବିଧା ହେଉଥିବା ଏହି ଅବସରରେ ସେମାନେ କହିଛନ୍ତି। ଆଗକୁ ଜିଲାରେ ଶିକ୍ଷା କ୍ଷେତ୍ରରେ ରହିଥିବା ଅସୁବିଧା ଦୂର କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ୨ ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୧୦।୬ (ନି.ପ୍ର.)

୨ଜଣ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ମିଳୁଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। କୋଟପାଡ ନିକୁଞ୍ଜିଗୁଡାର ରଶ୍ମିତା ସାହୁ ତାଙ୍କ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଯେ, ଗତ ୧୪ ବର୍ଷ ତଳେ ସେ କାହ୍ନୁ ଚରଣ ସାହୁଙ୍କୁ ବିବାହ କରଥିଲେ। ତାଙ୍କର ଦୁଇଟି ସନ୍ତାନ ରହିଛି। ବିବାହ ପରେ ସ୍ୱାମୀ ତାଙ୍କୁ ବାପଘରୁ ୨ ଲକ୍ଷ ଟଙ୍କା ଓ ସୁନା ଗହଣା ଆଣିବାକୁ ବାଧ କରୁଛନ୍ତି। ନ ହେଲେ ଜୀବନରେ ମାରିଦେବକୁ ଧମକ ଦେଉଛନ୍ତି ବୋଲି ରଶ୍ମିତା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ଅଭିଯୋଗକୁ ଗୁରୁତର ସହ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସେହିପରି କୁନ୍ଦୁରା ଥାନା ଭୁସଙ୍ଗଗୁଡା ଗ୍ରାମର ରଜନୀ ହରିଜନ ମଧ ତାଙ୍କ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରି ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସେ ୧୩ ବର୍ଷ ତଳେ ବୋରିଗୁମ୍ମା ଥାନା ଅନ୍ତର୍ଗତ ସୁଣ୍ଡିକେବଡି ଗ୍ରାମର ରଘୁନାଥ ହରିଜନଙ୍କୁ ବିବାହ କରିଥିଲେ। ସ୍ୱାମୀ ଦ୍ୱୀତୀୟ ସ୍ତ୍ରୀ ଗ୍ରହଣ କରି ତାଙ୍କୁ (ପ୍ରଥମ ସ୍ତ୍ରୀ) ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି।

# ଜିଆଇଇଟି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମାଲକାନଗିରିରେ ଅଭିଭାବକ ସମ୍ମିଳନୀ




ଅଭିଭାବକ ସମ୍ମିଳନୀରେ ଚାଲିଥିବା ଆଲୋଚନ।

ମାଲକାନଗିରି, ୧୦।୬ (ଡି.ଏନ.ଏ.)

ରାୟଗଡ଼ା ଜିଲା ଗୁଣୁପୁରସ୍ଥିତ ଜି ଆଇଇଟି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଏକ ହୋଟେଲରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗର ପ୍ରଫେସର ସୁବ୍ରତ ମହାନ୍ତି, ସୁଜିତ ପଣ୍ଡା, ଅବିର ଭୂଷଣ ପଣ୍ଡା ଯୋଗଦେଇ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ଉଚ୍ଚମାନର ଶିକ୍ଷା, ପ୍ରଶିକ୍ଷଣ ଓ ଗ୍ରନ୍ଥାଗାର ସୁବିଧା ସହ ଉଚ୍ଚମାନର ନିଯୁକ୍ତି ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ଛାତ୍ରୀଛାତ୍ରମାନେ ବହୁଦେଶୀୟ କମ୍ପାନୀଗୁଡିକରେ ନିଯୁକ୍ତି ପାଇ ରେକର୍ଡ ସୃଷ୍ଟି କରିବା ସହ ଅନୁଷ୍ଠାନର ଟେକ ରଖୁଥିବା ସେମାନେ ସୂଚନା ଦେଇଥିଲେ। ଅନୁଷ୍ଠାନର ପୁରାତନ ଓ ବର୍ତ୍ତମାନ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ପ୍ରଫେସରମାନଙ୍କ ସହ ଆଲୋଚନା କରିଥିଲେ। ଆଡ଼ମିଶନ ବିଭାଗର ଗଣେଶ୍ୱର ଖୁଣ୍ଟିଆ ପରିଚାଳନା କରିଥିଲେ।

# ବିଲ ପାଣିରେ ଶୋଷ ମେଣ୍ଟୁଛି

ଦଶମନ୍ତପୁର,୧୦।୬ ( ଡି.ଏନ୍.ଏ.)

ପ୍ରଶାସନର ବେପରୁଆ ମନୋଭାବ ଯୋଗୁ ଦଶମନ୍ତପୁର ବ୍ଲକରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ କାମରେ ଆସୁନାହିଁ। ପାଣି ମୁନ୍ଦେ ପାଇଁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବିଲ ପାଣିରେ ଲୋକଙ୍କ ଶୋଷ ମେଣ୍ଟୁଛି। ଏପରି ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକର ଏ.ମାଲକାନଗିର ପଞ୍ଚାୟତରେ। ଏହି ପଞ୍ଚାୟତରେ ୧୫୦ ପରିବାର ବସବାସ କରନ୍ତି। ଜନସଂଖ୍ୟା ପ୍ରାୟ ୭୦୦ରୁ ଅଧିକ ଥିବା ବେଳେ ଗ୍ରାମରେ ଆବଶ୍ୟକ ସଂଖ୍ୟକ ନଳକୂଅ ନାହିଁ। ପଞ୍ଚାୟତ ଅଫିସ ଓ ସ୍କୁଲ ନଳକୂଅକୁ ମିଶାଇ ଗ୍ରାମରେ ୩ଟି ନଳକୂଅ ରହିଛି। ମାତ୍ର କେଉଁଥିରୁ ଠିକ୍ ଭାବରେ ପାଣି ବାହାରୁ ନାହିଁ। ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ସମିତିସଭ୍ୟ ନରସିଂହ କୁଲଦୀପ, ଶ୍ୟାମ ପରଜା, ୱାର୍ଡସଭ୍ୟ ଦୈତ୍ୟାରି ଗୌଡ, ଶୋସି ପରଜା, ସୁଦର୍ଶନ ପାଇକ, ବିମଳା ପେଟିଆ କହନ୍ତି, କିଛି ବର୍ଷ ତଳେ ଗ୍ରାମବାସୀଙ୍କୁ ପାନୀୟ ଜଳଯୋଗାଣ ଲାଗି ଜଳ ଓ ପରିମଳ ମିଶନ ବିଭାଗ ପକ୍ଷରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିଲା। ମାତ୍ର ଠିକାଦାର ନିମ୍ନମାନର କାମ କରିବାରୁ ଏହା ନିର୍ମାଣର ଅଳ୍ପଦିନ ମଧ୍ୟରେ ଜଳ ଯୋଗାଣ ଠପ୍ ହୋଇଗଲା। ଏ ନେଇ ବାରମ୍ବାର



ଗ୍ରାମବାସୀ ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

- ଏ.ମାଲକାନଗିରିରେ ପାନୀୟ ଜଳ ସମସ୍ୟା
- କାମରେ ଆସୁନି ୨୫ ଲକ୍ଷ ଟଙ୍କାର ପ୍ରକଳ୍ପ
- ଶୀଘ୍ର ପାନୀୟ ଜଳ ସମସ୍ୟା ଦୂରହେବ: ସରପଞ୍ଚ

ପ୍ରଶାସନକୁ ଜଣାଉଥିଲେ ମଧ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ଶେଷରେ ସେମାନେ ଗ୍ରାମ ନିକଟସ୍ଥ ଏକ ବିଲରୁ ଦୂଷିତ ପାଣି ସଂଗ୍ରହ କରି ଆଣି ବ୍ୟବହାର କରୁଛନ୍ତି। ଏଥିଯୋଗୁ ବିଭିନ୍ନ ସମୟରେ ଆମେ ରୋଗାକ୍ରାନ୍ତ ହୋଇଥାଉ ବୋଲି ଉପରୋକ୍ତ ଗ୍ରାମବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ କୁମୁଟି ଜାନିଙ୍କୁ ପଚାରିବାରୁ ଅଳ୍ପଦିନ ମଧ୍ୟରେ ଗ୍ରାମର ପାଣି ସମସ୍ୟା ଦୂର କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଗ୍ରାମର ଜଳକଷ୍ଟ ଦୂର ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ନେଇ ଜମି ଯୋଗାଇଦେବାକୁ ଦାବି

ଜୟପୁର, ୧୦।୬ (ନି.ପ୍ର.)

ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ପୂର୍ବରୁ ଦାବି ହୋଇ ଆସୁଥିବା ବେଳେ ଶୁକ୍ରବାର ଏନେଇ ଏକ ଖବରଦାତା ସମ୍ମିଳନୀରେ ଭାଜପାର ଗୌତମ ସାମନ୍ତରାୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସରକାର ଶିକ୍ଷା ବ୍ୟବସ୍ଥା ପାଇଁ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଏ ଦିଗରେ ଅଗ୍ରଗତି ଲାଗି ତୁରନ୍ତ ଜମି ଯୋଗାଇଦେବାକୁ ସେ ଦାବି କରିଛନ୍ତି।

# ମଧୁସୂଦନ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର ଅଫିସ,୧୦।୬

ଆକାଶବାଣୀର ପୂର୍ବତନ ଉପସ୍ଥାପକ ତଥା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେଶନର ପ୍ରତିଷ୍ଠାତା ମଧୁସୂଦନ ପାଣିଗ୍ରାହୀଙ୍କ ୯୮ତମ ଜୟନ୍ତୀ ଗୁରୁବାର ବ୍ରହ୍ମପୁରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମଧୁମାୟା ଫାଉଣ୍ଡେଶନ ପକ୍ଷରୁ ଗ୍ରାମୀଣ ମହିଳା କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଫାଉଣ୍ଡେଶନର ସଦସ୍ୟ ପ୍ରଫୁଲ୍ଲା ଜଗନ୍ନାଥ ପାଢ଼ୀ ଅଧକ୍ଷତା କରିଥିଲେ। ବିଏମ୍‌ସି ମେୟର ସଂଘମିତ୍ରା ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ଶିଶୁ ଶ୍ରମିକ ଉଚ୍ଛେଦ, କିଶୋର ଶ୍ରମିକଙ୍କ ବିପଦମୁକ୍ତ କାର୍ଯ୍ୟ ନେଇ ଗୁରୁତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର, ୧୦।୬ (ନି.ପ୍ର.)

ଜୟପୁର ଟାଉନ ହଲ୍‌ଠାରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ଉଚ୍ଛେଦ ଏବଂ କିଶୋର ଶ୍ରମିକଙ୍କ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତକୁ ନିରାକରଣ କରିବା ଲାଗି ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ପ୍ରଭାତ ବିଡିକା, ସିଡବ୍ଲ୍ୟୁସିର ଧମେନ୍ଦ୍ର ଜେନା, ଚାଇଲଡ ଲିଙ୍କର ସଭାପତି ମଦନ କ୍ରିଷାନି ପ୍ରମୁଖ ଯୋଗଦେଇ ଶିଶୁଶ୍ରମିକଙ୍କ ନିରାପଦ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଆର୍‌ଓ ଯଶୋଦା ଗାଧବା, ସିଡବ୍ଲ୍ୟୁସି ସସ୍ମିତାରାଣୀ ସାହୁ, ଚାଇଲଡ ଲାଇନ ସଦସ୍ୟ ହେମନ୍ତ ପାତ୍ର, ବଳରାମ ପାତ୍ର, ଏଡିଇଓ ଜଗନ୍ନାଥ ଭତ୍ରା ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ପ୍ରୋଗ୍ରାମ ମ୍ୟାନେଜର ବିନାୟକ ସାନ୍ତ୍ରା ପରିଚାଳନା କରିଥିଲେ। ପଦ୍ମଚରଣ ପଣ୍ଡା, ଚୈତନ୍ୟ ପ୍ରସାଦ ମାଝି, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଦୁରୁକା ସହଯୋଗ କରିଥିଲେ।

# ରୋଷନଙ୍କୁ ସ୍ୱର୍ଣ୍ଣ, ଧ୍ରୁବଙ୍କୁ ଡ୍ରିଲ୍‌ରେ ରୌପ୍ୟ ପଦକ

ସୁନାବେଡା,୧୦।୬(ସ୍ୱ.ପ୍ର.)

ସୁନାବେଡାସ୍ଥିତ ଭିଏସ ବିଦ୍ୟାଳୟର ୪୨ ଜଣ ବାଳକ କ୍ୟାଡେଟ ଏବଂ ୨୯ ଜଣ ବାଳିକା କ୍ୟାଡେଟ କୋରାପୁଟ ଏବଂ ରାୟଗଡ଼ାରେ ଆୟୋଜିତ ଏନ୍‌ସିସି ବାର୍ଷିକ ତାଲିମ ଶିବିରରେ ଯୋଗ ଦେଇଥିଲେ। ୧ ଓଡ଼ିଶା ଇନଫ୍ୟାଣ୍ଟ୍ରି ଇଣ୍ଡିପେଣ୍ଡାଣ୍ଟ କମ୍ପାନୀ ଜୟପୁର ଏବଂ ରାୟଗଡାର ୨ ଓଡ଼ିଶା ଗାର୍ଲ୍ସ ବାଟାଲିୟନ ଆନୁକୁଲ୍ୟରେ ଆୟୋଜିତ ଏହି ଶିବିରରେ ଭାରତୀୟ ସେନା



ବାହିନୀର ପ୍ରଶିକ୍ଷକ ଓ ଅଧିକାରୀ ମାନେ କ୍ୟାଡେଟମାନଙ୍କୁ ତାଲିମ ଦେଇଥିଲେ। ଶିବିରରେ କ୍ୟାଡେଟମାନଙ୍କୁ କଠୋର ସେନା ତାଲିମ, ଡ୍ରିଲ, ବନ୍ଧୁକ ଚାଳନା, ମ୍ୟାପ ରିଡ଼ିଂ, ଯୁଦ୍ଧ କୌଶଳ ଆଦି

**ଏନସିସି ବାର୍ଷିକ ତାଲିମ ଶିବିର**

ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ରଚନା, ଚିତ୍ରାଙ୍କନ, ବିତର୍କ, ଶ୍ରେଷ୍ଠ ଉଦଘୋଷକ, ଗାୟନ, ବାଦ୍ୟଯନ୍ତ୍ର ବାଦନ ଏବଂ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭିଏସ ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞୁକ୍ତା ମହାରଣା, ଅନ୍ତରା ଅତୋଷି, ସୁଦୀପା ସାହୁ, ଅଙ୍କିତା ଅନ୍ନପୂର୍ଣ୍ଣା ମଲ୍ଲିକ, ପି. ନୟନା ଏବଂ ସୁତପା ପାଣିଗ୍ରାହୀ ପୁରସ୍କୃତ ହୋଇଥିଲେ। ଛାତ୍ର ରୋଷନ ରୁଦ୍ରାକ୍ଷ କୁଇଜ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଏବଂ ଧ୍ରୁବ ଦୋରା ଡ୍ରିଲରେ ଉତ୍ତମ ପ୍ରଦର୍ଶନ ପାଇଁ ରୌପ୍ୟ ପଦକ ହାସଲ କରିଥିଲେ। କ୍ୟାମ୍ପ କମାଣ୍ଡାଣ୍ଟ କର୍ଣ୍ଣେଲ ଆଲୋକ ଘୋଷ, କର୍ଣ୍ଣେଲ ନବୀନ ପରାଶର ଏବଂ ଭି ଏସ ବିଦ୍ୟାଳୟ ଅଧକ୍ଷ ହେମନ୍ତ ସେଠ୍ ବିଦ୍ୟାଳୟର ସମସ୍ତ କ୍ୟାଡେଟ , ଏନସିସି ଅଧିକାରୀ ଓ ଡ. ଜି. ବିନୋଦ କୁମାର ଏବଂ ସିଟିଓ ଆରତିରାଣୀ ସାହୁଙ୍କୁ ପ୍ରଶଂସା କରିଥିଲେ।

# ଗ୍ରାମାଞ୍ଚଳ ଲୋକେ ପାଇବେ ଠିକ୍ ସୂଚନା

ପଟ୍ଟାଙ୍ଗୀ,୧୦।୬(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ଜିଲ୍ଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ପକ୍ଷରୁ ଶୁକ୍ରବାର ଏକ ବ୍ଲକ ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ପଟ୍ଟାଙ୍ଗୀ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳର ହିତାଧିକାରୀ ଉପଯୁକ୍ତ ସୂଚନା ଅଭାବରୁ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସଠିକ ସମୟରେ ସଠିକ ସୂଚନା ଲୋକଙ୍କ ପାଖରେ ପହଞ୍ଚି ପାରୁନି। ଗରିବ ଅସହାୟ ଲୋକେ ଏନେଇ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ଏହି ସାଧନକେନ୍ଦ୍ର ଖୋଲିଛି। ଏହାକୁ ବ୍ଲକ ପ୍ରଶାସନ ଓ ଶୋଭା ସଙ୍ଗଠନ ପରିଚାଳନା କରିବେ। ଗ୍ରାମାଞ୍ଚଳ ଲୋକଙ୍କୁ ସଠିକ ସୂଚନା ପ୍ରଦାନ କରିବା ସହ ଆବଶ୍ୟକ ସହଯୋଗ ଯୋଗାଇ ଦେବେ। ବିଭିନ୍ନ ଛବି, ଭିଡିଓ ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେବେ। ଆବଶ୍ୟାକୀୟ ନଥିପତ୍ର ଓ ଦରଖାସ୍ତ



ସାଧନ କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ସାଧନ କେନ୍ଦ୍ର ଉଦ୍‌ଘାଟିତ**

ପ୍ରଦାନରେ ସହଯୋଗ କରିବେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧକ୍ଷ ତ୍ରିନାଥ କୋଟା, ପଟ୍ଟାଙ୍ଗୀ ୧ ନଂ. ଜୋନର ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ୨ ନଂ. ଜୋନାର ଜିଲା ପରିଷଦ ସଭ୍ୟ ଲଇଛନ ଖରା, ଦେଓପଟ୍ଟାଙ୍ଗି ସରପଞ୍ଚ ନରେନ୍ଦ୍ର ବଡନାୟକ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, ପଟ୍ଟାଙ୍ଗୀ ସରପଞ୍ଚ ଆଲମେ ଫୁଲ, ନୂଆଗାଁ ସରପଞ୍ଚ ସୁବାଷ ଖରା, ରାଲେଗଡା ନାଏବ ସରପଞ୍ଚ ପଦୁ କଡରି, ବ୍ଲକ ସଂପ୍ରସାରଣ ପଞ୍ଚାୟତ ଅଧିକାରୀ ଦିବାକର ପୁରୋହିତ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟି. ସୁରଭି, ପିଇଓ ଚିନ୍ମୟୀ ମିଶ୍ର , ସମାଜିକ କର୍ମୀ ପାନ୍ଦି ବଲୁ,ଭଗବାନ ଗଲୋରୀଙ୍କ ସମେତ ଅନ୍ୟମାନେ ଯୋଗଦେଇ ନିଜ ମତ ରଖିଥିଲେ। ଶୋଭାର ସଂଯୋଜକ ଅମଜାଦ ଖାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁଙ୍କୁ ନିୟମିତ ଟିକାକରଣ ଉପରେ ଗୁରୁତ୍ୱ

ମାଲକାନଗିରି,୧୦।୬ (ଡି.ଏନ.ଏ.)

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସହଯୋଗରେ ୟୁନିସେଫ ଦ୍ୱାରା ଇଣ୍ଟେନସିଫାଏଡ ମିଶନ ଇନ୍ଦ୍ରଧନୁଷ ୪.୦ ମାଧ୍ୟମରେ ଶିଶୁମାନଙ୍କୁ ନିୟମିତ ଟୀକାକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏନେଇ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଛି। ସମ୍ବଲପୁର ଏବଂ ମାଲକାନଗିରି ଦୁଇଟି ଜିଲାର ପିଲାମାନଙ୍କ ପାଇଁ କୋଭିଡ ଟିକା ସହ ମହାମାରୀ ପରିସ୍ଥିତିରେ ଉଭୟ ମା ଏବଂ ଶିଶୁଙ୍କ ଟୀକାକରଣ ନେଇ ରାଜ୍ୟରେ ଆଇଆଇଏମ ଗଠିତ ହୋଇଥିଲା। ଏନଏଫ ଏଚଏସ ୫ ରିପୋର୍ଟ ଅନୁଯାୟୀ ସଫଳ କୋଭିଡ ଟୀକାକରଣରେ ଓଡିଶା ଦେଶର ଏକମାତ୍ର ରାଜ୍ୟ ଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ପୂର୍ଣ୍ଣ ଟୀକାକରଣରେ ରାଜ୍ୟର ୨୦ଟି ଜିଲା ୯୦ ପ୍ରତିଶତରୁ ଅଧିକ ଥିବାବେଳେ ୧୦ ପ୍ରତିଶତ ଜିଲାରେ ୯୦ ପ୍ରତିଶତରୁ କମ ଟୀକାକରଣ ହୋଇଥିଲା ।ଏହିକାର୍ଯ୍ୟକ୍ରମର ପ୍ୟାନେଲରେ ଭର୍ଚୁଆଲ ଭାବେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ପ୍ରତିଭା ପ୍ରଧାନ, ସମ୍ବଲପୁର ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଏବଂ ଡାକ୍ତର ଭାରତ ଚନ୍ଦ୍ର ଦାଶ, ମାଲକାନଗିରି ଏଡିପିଏଚଓ ଡାକ୍ତର ଶଶୀଭୂଷଣ ମହାପାତ୍ର ଏବଂ ୟୁନିସେଫର ଡାକ୍ତର ଅନିଲ ପଟ୍ଟନାୟକ ସାମିଲ ହୋଇଥିଲେ। ୟୁନିସେଫ ଡାକ୍ତର ଅନିଲ ପଟ୍ଟନାୟକଙ୍କ ଗଠିତ ପ୍ୟାନେଲରେ ଶିଶୁମାନଙ୍କ ଟୀକାକରଣକୁ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ପ୍ରଧାନ କହିଛନ୍ତି ଯେ, କରୋନା ପ୍ରତିବନ୍ଧକ ସତ୍ତ୍ୱେ ନିୟମିତ ଟୀକାକରଣ ରାଜ୍ୟ ସରକାରଙ୍କ ଏକ ଲକ୍ଷ୍ୟ ଥିଲା। କଣ୍ଟେନମେଣ୍ଟ ଜୋନରେ ପିଲାଙ୍କ ଟୀକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା |ଏଦିଗରେ ସମସ୍ତ ପଦକ୍ଷେପ ନେଇ ଓଡିଶା ୯୦.୫ ପ୍ରତିଶତ ପୂର୍ଣ୍ଣ ଟୀକାକରଣ କରି ଦେଶରେ ଶୀର୍ଷରେ ରହିଛି। ୟୁନିସେଫ ଡାକ୍ତର ପଟ୍ଟନାୟକ କହିଛନ୍ତି, ୟୁନିଭର୍ସାଲ ଇମ୍ୟୁନାଇଜେସନ ପ୍ରୋଗ୍ରାମ ହେଉଛି ବିଶ୍ୱର ସବୁଠୁ ବଡ ଟୀକାକରଣ କାର୍ଯ୍ୟକ୍ରମ। ଏଥିରେ ଆମେ




ଭର୍ଚୁଆଲ ବୈଠକରେ ଶିଶୁଙ୍କ ଟିକାକରଣ ନେଇ ଅବଗତ କରାଯାଉଛି।

ପ୍ରାୟ ୧ କୋଟି ଗର୍ଭବତୀ ମହିଳା ଏବଂ ୨.୭ କୋଟି ନବଜାତ ଶିଶୁଙ୍କୁ ଟୀକାକରଣ

- କୋଭିଡ ଟିକାକରଣରେ ଓଡିଶା ଦେଶର ଏକମାତ୍ର ରାଜ୍ୟ
- ମା, ଶିଶୁଙ୍କ ଟିକାକରଣ ନେଇ ଗଠିତ ହୋଇଥିଲା ଆଇଆଇଏମ
- ମାଲକାନଗିରି ଜିଲାରେ ହୋଇଛି ୯୪.୮ ପ୍ରତିଶିତ ଟୀକାକରଣ

ଲକ୍ଷ୍ୟ ରଖିଛୁ। ଓଡିଶାରେ ପ୍ରାୟ ୯.୫ ଲକ୍ଷ ଗର୍ଭବତୀ ମହିଳା ଏବଂ ୮ ଲକ୍ଷ ନବଜାତ ଶିଶୁଙ୍କୁ ଟୀକାକରଣ କରାଯାଇଛି । ୟୁନିଭର୍ସାଲ ଟୀକାକରଣ କାର୍ଯ୍ୟକ୍ରମ ଅଧୀନରେ ଯକ୍ଷ୍ମା, ହେପାଟାଇଟିସ ବି, ପୋଲିଓ, ଡିଫଥେରିଆ, ପର୍ଟୁସିସ, ଟିଟାନସ, ହେମୋଫିଲିଆ, ଡାଇରିଆ, ନିମୋନିଆ,ମିଳିମିଳା, ଜର୍ମାନୀ ମିଳିମିଳା ଏବଂ ଜାପାନୀ ଜ୍ୱର ଭଳି ୧୨ଟି ରୋଗ ପ୍ରତିଷେଧକ ଟୀକାକରଣ କରାଯାଉଛି। ମାଲକାନଗିରି ଟୀକାକରଣକୁ ନେଇ ଡାକ୍ତର ଶଶୀଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୯୪.୮ ପ୍ରତିଶିତ ଟୀକାକରଣ ହୋଇଛି । ଖୁବଶୀଘ୍ର ଆମେ ସତ ପ୍ରତିଶତ ଟୀକାକରଣ କରିବୁ।

# ଦାୟିତ୍ୱ ନେଲେ ପିସିସି ସଭାପତି



ଭୁବନେଶ୍ୱର, ୧୦।୬(ବ୍ୟୁରୋ)

କଂଗ୍ରେସର ଗୌରବମୟ ଇତିହାସ ରହିଛି। ଏ ରାଜ୍ୟ, ଜାତି ଓ ଦେଶକୁ କଂଗ୍ରେସ ବହୁତ କିଛି ଦେଇଛି। ରାଜନୈତିକ ଯାତ୍ରାରେ ଉତ୍ଥାନ-ପତନ ଲାଗି ରହିବ। ସମସ୍ତେ ଏକଜୁଟ୍ ହେବା ସହ ଶୃଙ୍ଖଳିତ ଭାବେ କାର୍ଯ୍ୟ କଲେ ନିଶ୍ଚିତ ସଫଳତା ମିଳିବ। ଓଡ଼ିଶା ବିଧାନସଭାରେ ଏବେ ୯ ଜଣ ସଦସ୍ୟ ଅଛନ୍ତି। ଶୃଙ୍ଖଳା ଓ ଏକତା କଂଗ୍ରେସକୁ ୯ରୁ ୯୦କୁ ନେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ନବନିଯୁକ୍ତ ପିସିସି ସଭାପତି ଶରତ ପଟ୍ଟନାୟକ। ଶୁକ୍ରବାର କଂଗ୍ରେସ ଭବନରେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ ଦେଶର ସର୍ବପୁରାତନ ଦଳର ବୁଦ୍ଧିମନ୍ତ ଇତିହାସର ସ୍ମୃତି ରୋମନ୍ଥନ କରିଥିଲେ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବିଧିବଦ୍ଧ ଭାବେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

ଏହି ଅବସରରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉପରେ ଶରତ ବର୍ଷିଥିଲେ। ସେ କହିଥିଲେ, କେନ୍ଦ୍ରରେ ଏକ ଜନବିରୋଧୀ ସରକାର ରହିଛି। ୨୨ ବର୍ଷର ଶାସନ ସତ୍ତ୍ୱେ ଓଡ଼ିଶା

- **କଂଗ୍ରେସ ବିଧାୟକ ସଂଖ୍ୟା ୯ରୁ ୯୦ ହେବ: ଶରତ**
- **ନରସିଂହ, ରମେଶ, ମୋକିମ୍‌ଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା**

ଯଥେଷ୍ଟ ଉନ୍ନତି କରିପାରିନାହିଁ। କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ହିଁ ଉପଯୁକ୍ତ ବିକଳ୍ପ ହୋଇପାରିବ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀରୁ ଫେରିବା ପରେ ପିସିସି ସଭାପତିଙ୍କୁ ବିମାନବନ୍ଦରରେ ଦଳ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିମାନବନ୍ଦରରୁ ଏକ ବିଶାଳ ରାଲିରେ ଦଳୀୟ କର୍ମକର୍ତ୍ତାମାନେ ତାଙ୍କୁ କଂଗ୍ରେସ ଭବନ ଯାଏ ପାଛୋଟି ନେଇଥିଲେ।

ଅନ୍ୟପଟେ ଏହି କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇଥିବାର ଦେଖିବାକୁ ମିଳିଛି। କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ପିସିସି ସଭାପତି କରିବା ଲାଗି ତାରା ଦାବି କରିଥିଲେ। ତେବେ ଅଖିଳ ଭାରତ କଂଗ୍ରେସ କମିଟି ବିଧାୟକଙ୍କୁ ବାଦ୍ ଦେଇ ଶରତଙ୍କ ଉପରେ ଭରସା କଲା। ଏହାପରେ ଅନୁଷ୍ଠିତ ଦୁଇଦିନିଆ ଶିବିରରେ ଅସନ୍ତୁଷ୍ଟ ବିଧାୟକମାନେ ଅନୁପସ୍ଥିତ ରହିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ନୂତନ ପିସିସି ସଭାପତିଙ୍କ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ତାରାଙ୍କ ଉପସ୍ଥିତ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛି। ଏହି ଅବସରରେ ତାରା ନିଜ ଭାଷଣରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସମସ୍ତେ ଏକାଠି ହୋଲେ ଓଡ଼ିଶାର ବିକାଶ କରିହେବ। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ସଂହତି, ସଙ୍ଗଠନ ଏବଂ ଆନ୍ଦୋଳନ କଂଗ୍ରେସକୁ ଆଗକୁ ବଢ଼ାଇବ। ବିଧାୟକ ଦଳ ମଧ୍ୟରେ ସଂହତି ଆସୁ। ତା'ହେଲେ ଦଳ ଆଗକୁ ବଢ଼ିବ ଏବଂ ସଫଳତା ମିଳିବ।

ଅନ୍ୟପଟେ ଏହି ସଭାରେ ବରିଷ୍ଠ ବିଧାୟକ ନରସିଂହ ମିଶ୍ରଙ୍କ ଯୋଗଦେଇ ନ ଥିବା ଦେଖିବାକୁ ମିଳିଛି। ସେହିପରି ପିସିସି ସଭାପତି ଚୟନକୁ ନେଇ ଅସନ୍ତୁଷ୍ଟ ଥିବା ବିଧାୟକ ମହମ୍ମଦ ମୋକିମ ମଧ୍ୟ ଅନୁପସ୍ଥିତ ରହିବା ଚର୍ଚ୍ଚାର ବିଷୟ ହୋଇଛି। ବିଧାୟକ ରମେଶ ଜେନାଙ୍କୁ ମଧ୍ୟ ସଭାରେ ଦେଖିବାକୁ ମିଳିନି। ତେବେ ଆଗକୁ ସମସ୍ତ ଦଳୀୟ ବିଧାୟକଙ୍କୁ ନେଇ କିପରି ନୂଆ ସଭାପତି ଆଗକୁ ବଢ଼ିବେ ତାହାକୁ ଉପରେ ଗୁଞ୍ଜରଣ ସୃଷ୍ଟି ହୋଇଛି।

# ଗଞ୍ଜାମରୁ ଷଷ୍ଠ ବାଚସ୍ପତି ବିକ୍ରମ ଆରୁଖ

ବ୍ରହ୍ମପୁର ଅଫିସ,୧୦।୬

ଗଞ୍ଜାମରୁ ବିକ୍ରମ କେଶରୀ ଆରୁଖ ୬ଷ୍ଠ ବାଚସ୍ପତି। ଅପରପକ୍ଷରେ ଭଞ୍ଜନଗର ବିଧାୟକ ଓଡ଼ିଶା ବିଧାନସଭା ବାଚସ୍ପତି ହେବା ଦ୍ୱିତୀୟ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଠାରୁ ଏଯାବତ୍ ଏହି ଜିଲାରୁ ଜଣେ ମହିଳାଙ୍କ ସମେତ ୩ ଜଣ ହୋଇଛନ୍ତି ଉପବାଚସ୍ପତି। ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର କୌଣସି କାରଣରୁ ଗତ ସପ୍ତାହରେ ବାଚସ୍ପତି ପଦରୁ ଇସ୍ତଫା ଦେବା ପରେ ଶାସକ ବିଜେଡି ପକ୍ଷରୁ ଆରୁଖଙ୍କୁ ସେହି ସାମ୍ବିଧାନିକ ପଦ ନିମନ୍ତେ ପ୍ରାର୍ଥୀ କରାଯାଇଛି। ନିୟମ ପ୍ରକାରେ ସେ ଶୁକ୍ରବାର ନାମାଙ୍କନ ଦାଖଲ କରିଛନ୍ତି। ବିରୋଧୀ ଦଳର ସଂଖ୍ୟା ନ ଥିବାରୁ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଛି। ଏକମାତ୍ର ନାମାଙ୍କନ ଦାଖଲ ହୋଇଥିବାରୁ ବିକ୍ରମ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାର ସ୍ପଷ୍ଟ ହୋଇଛି। ତେବେ ଆସନ୍ତା ୧୩ ତାରିଖରେ ବିଧିବଦ୍ଧ ଭାବେ ତାଙ୍କ ନାମ ଘୋଷଣା ହେବ ଏବଂ ଦାୟିତ୍ୱ ଗ୍ରହଣ ସହ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିବେ। ଭଞ୍ଜନଗର ବିଧାୟକ ବାଚସ୍ପତି ହେବା ଦ୍ୱିତୀୟ।

ତଥ୍ୟାନୁସାରେ ଭାଷାଭିତ୍ତିରେ ସ୍ୱତନ୍ତ୍ର

## ଜିଲାରୁ ହୋଇଛନ୍ତି ୩ ଉପବାଚସ୍ପତି

ଓଡ଼ିଶା ପ୍ରଦେଶ ଗଠନ ପରେ ହୋଇଥିବା ନିର୍ବାଚନରେ ଆନ୍ଧ୍ର ସୀମାନ୍ତ ପାତ୍ରପୁର ବ୍ଲକ ଅନ୍ତର୍ଗତ ଗୁଡ଼ିପଦର ଅଞ୍ଚଳର ରାଜନେତା ଲାଲ ମୋହନ ପଟ୍ଟନାୟକ ବିଧାୟକ ହୋଇଥିଲେ। ୧୯୪୬ରୁ ୫୨ ପର୍ଯ୍ୟନ୍ତ ସେ ବିଧାନସଭା ବାଚସ୍ପତି ହୋଇଥିଲେ। ବର୍ତ୍ତମାନର ଚିକିଟି ନିର୍ବାଚନ ମଣ୍ଡଳୀ ବ୍ରହ୍ମପୁର କ୍ଷେତ୍ରରେ ଥିଲା। ସେହିପରି ୧୯୬୧ ନିର୍ବାଚନରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଲିଙ୍ଗରାଜ ପାଣିଗ୍ରାହୀ ଗଞ୍ଜାମର ତତ୍କାଳୀନ ପଶ୍ଚିମ କୋଦଳା ଆସନରୁ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ସେ ଏହି ଜିଲାରୁ ଦ୍ୱିତୀୟ ବାଚସ୍ପତି ହୋଇଥିଲେ। ଏହା ପୂର୍ବରୁ ପାଣିଗ୍ରାହୀ ୧୯୫୭ ନିର୍ବାଚନରେ ବ୍ରହ୍ମପୁରରୁ ନିର୍ବାଚିତ ରାଜ୍ୟ କ୍ୟାବିନେଟରେ ମନ୍ତ୍ରୀ ହୋଇ ଶିକ୍ଷା ଓ ସୌରାଷ୍ଟ୍ର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଥିଲେ। ପରବର୍ତ୍ତୀ ୧୯୮୦ ନିର୍ବାଚନରେ ସୋମନାଥ ରଥ ଭଞ୍ଜନଗରରୁ ବିଧାୟକ ହୋଇଥିଲେ। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କଂଗ୍ରେସ ସରକାର ଅମଳରେ ସେ ବିଧାନସଭା ବାଚସ୍ପତି ହୋଇଥିଲେ। ସେ ଗଞ୍ଜାମ ଜିଲାରୁ ବାଚସ୍ପତି ପଦ ପାଇବାରେ ତୃତୀୟ ଥିଲେ।

୧୯୯୫ ନିର୍ବାଚନରେ ଚିକିଟି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଚିନ୍ତାମଣି ଦ୍ୟାନ ସାମନ୍ତରା ବିଧାୟକ ହୋଇଥିଲେ। ସେତେବେଳେ କିଶୋର ଚନ୍ଦ୍ର ପଟେଲ ବାଚସ୍ପତି ଓ ଦ୍ୟାନ ସାମନ୍ତରା ଉପବାଚସ୍ପତି ହୋଇଥିଲେ। ୧୯୯୬ ଲୋକ ସଭା ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ବ୍ରହ୍ମପୁର କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ମାତ୍ର ବର୍ଷକ ପରେ ପଟେଲ ବାଚସ୍ପତି ପଦରୁ ଇସ୍ତଫା ଦେଇ ମନ୍ତ୍ରୀ ହେଲେ। ତାଙ୍କ ସ୍ଥାନରେ ଚିନ୍ତାମଣିଙ୍କୁ ବାଚସ୍ପତି କରାଯାଇଥିଲା। ନରସିଂହ ରାଓଙ୍କୁ ଜିତାଇବା ପାଇଁ ଏହା କରାଯାଇଥିବା ରାଜନୈତିକ ଚର୍ଚ୍ଚା ମଧ୍ୟ ହୋଇଥିଲା। ଏହି ଜିଲାରୁ ଚତୁର୍ଥ ବାଚସ୍ପତି ହୋଇଥିବା ଦ୍ୟାନ ସାମନ୍ତରାଙ୍କ କାର୍ଯ୍ୟକାଳ ୪ ବର୍ଷ ହୋଇଥିଲା। ୨୦୧୯ ନିର୍ବାଚନରେ ଦିଗପହଣ୍ଡି ବିଜେଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ଗଞ୍ଜାମରୁ ପଞ୍ଚମ ବାଚସ୍ପତି ହୋଇଥିଲେ। ଗତ ସପ୍ତାହରେ ସେ ପଦରୁ ଇସ୍ତଫା ଦେଇଥିଲେ।

ଅପରପକ୍ଷରେ ବିଧାନସଭା ତଥ୍ୟାନୁସାରେ ବ୍ରହ୍ମପୁରର ପ୍ରଥମ ମହିଳା ବିଧାୟିକା ଏ.ଲକ୍ଷ୍ମୀବାଈ ୧୯୪୬ରୁ ୫୨ ଯାଏ ଉପବାଚସ୍ପତି ହୋଇଥିଲେ। ଲକ୍ଷ୍ମୀବାଈ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଭି.ଭି. ଗିରିଙ୍କ ଭଉଣୀ। ସେହିପରି ୧୯୮୫ ନିର୍ବାଚନରେ ଚିକିଟିରୁ କଂଗ୍ରେସ ବିଧାୟକ ଚିନ୍ତାମଣି ଦ୍ୟାନ ସାମନ୍ତରା ଉପବାଚସ୍ପତି ହୋଇଥିଲେ। ଛତ୍ରପୁରରୁ ନିର୍ବାଚିତ ଭାଜପା ବିଧାୟକ ରାମଚନ୍ଦ୍ର ପଣ୍ଡା ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଉପବାଚସ୍ପତି ହୋଇଥିଲେ। ସେତେବେଳେ ରାଜ୍ୟରେ ବିଜେଡି ଓ ଭାଜପା ମେଣ୍ଟ ସରକାର ଥିଲା। ତେଣୁ ଗଞ୍ଜାମରୁ ୩ ଜଣ ଉପବାଚସ୍ପତି ହୋଇଥିବା ରେକର୍ଡ ଅଛି। ବିକ୍ରମ ଆରୁଖ ଭଞ୍ଜନଗର ବିଧାନସଭା ଆସନରୁ ୧୯୯୫ ନିର୍ବାଚନରେ ଜନତା ଦଳରୁ ଏବଂ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ବିଜେଡିରୁ ଲଗାତର ଭାବେ ଜିତି ଦୁଇଟି ହ୍ୟାଟ୍ରିକ ଅର୍ଜନ କରିଥିଲେ। ୨୦୦୯ରୁ ସେ କ୍ୟାବିନେଟ ମନ୍ତ୍ରୀ ହୋଇ ବଡ଼ ବଡ଼ ବିଭାଗ ସମ୍ଭାଳି ଥିଲେ। ରାଜନୀତିରେ ଯଥେଷ୍ଟ ଅଭିଜ୍ଞତା ଥିବା ବିକ୍ରମ ଗଞ୍ଜାମ ଜିଲାରୁ ହେବେ ଷଷ୍ଠ ବାଚସ୍ପତି।

# 'ଉପନିର୍ବାଚନ ବିଜୟ କର୍ମୀମାନଙ୍କର'



ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଦଳୀୟ ନେତା ଓ କର୍ମୀ।

ବ୍ରଜରାଜନଗର,୧୦।୬(ଡି.ଏନ.ଏ.)

ବ୍ରଜରାଜନଗର ବିଧାନସଭା କ୍ଷେତ୍ରର ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ନୂତନ ବିଧାୟିକା ଅଳକା ମହାନ୍ତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶତାଧିକ କର୍ମୀଙ୍କ ସହିତ ପୌରାଞ୍ଚଳର କାଉନ୍‌ସିଲର, ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହି ବିଧାୟିକାଙ୍କୁ ସ୍ୱାଗତ କରିଥିଲେ। ସ୍ୱର୍ଗତ କିଶୋର ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ବିଧାୟିକା ଉପନିର୍ବାଚନ ବିଜୟ ମୋ କର୍ମୀମାନଙ୍କର ବୋଲି କହିଥିଲେ। ଏତେ ବ୍ୟବଧାନରେ ଅଞ୍ଚଳବାସୀ

## କାର୍ଯ୍ୟାଳୟରେ ବିଧାୟିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ତାଙ୍କୁ ଜିତାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସେ ପ୍ରଶଂସା କରିଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ କିଶୋର ମହାନ୍ତି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀକୁ ବିକାଶ ଧାରାରେ ସାମିଲ କରିବାକୁ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ କର୍ମୀମାନଙ୍କ ସହାୟତାରେ ତାକୁ ସେ ନିଶ୍ଚୟ ପୂରଣ କରିବେ ବୋଲି ପ୍ରକାଶ କରିଥିଲେ। ମଞ୍ଚରେ ଦଳୀୟ ନେତୃମଣ୍ଡଳୀଙ୍କ ମଧ୍ୟରେ ବିଶ୍ୱନାଥ ନାୟକ, କୁଳମଣି ଦାସ, ବିଜୟ ପାଣି, ସାଧନା ସାମନ୍ତରାୟ, ନଳିନୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

# ବିଭାଗ ପରିଦର୍ଶନ କଲେ ଶ୍ରମମନ୍ତ୍ରୀ

**ଭୁବନେଶ୍ୱର, ୧୦।୬(ବ୍ୟୁରୋ):** ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଶୁକ୍ରବାର ଖାରବେଳ ଭବନସ୍ଥିତ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପରିଦର୍ଶନ କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍, କର୍ମଚାରୀ ରାଜ୍ୟବୀମା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ପ୍ରମୁଖ ଶାସନ ସଚିବ ଅରୁମୁଗମ୍ ମନ୍ତ୍ରୀଙ୍କୁ ବିଭାଗର କାର୍ଯ୍ୟକ୍ରମ ବାବଦରେ ଅବଗତ କରାଇବା ସହ ବିଭିନ୍ନ ପଦାଧିକାରୀଙ୍କ ସହିତ ପରିଚିତ କରାଇଥିଲେ। ନିଷ୍ଠାର ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରବର୍ତ୍ତିତ '୫-ଟି' ନୀତି ଅନୁପାଳନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ବିଭାଗ ଅଧିକ କ୍ରିୟାଶୀଳ ଏବଂ ଶ୍ରମିକ କଲ୍ୟାଣକୈନ୍ଦ୍ରିକ ହେବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

# ବାଚସ୍ପତି ପଦ ପାଇଁ ନାମାଙ୍କନ ଦାଖଲ କଲେ ଆରୁଖ

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ଓଡ଼ିଶା ବିଧାନସଭାର ବାଚସ୍ପତି ନିର୍ବାଚନ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ। ଏଥିପୂର୍ବରୁ ଶୁକ୍ରବାର ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ନିକଟରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ବିକ୍ରମ କେଶରୀ ଆରୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, ଭୂପିନ୍ଦର ସିଂହ ଏବଂ ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆରୁଖ କହିଛନ୍ତି, ଓଡ଼ିଶା ବିଧାନସଭାର ବାଚସ୍ପତି ନିର୍ବାଚନ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ନାମ ପ୍ରସ୍ତାବ ଦେଇଥିବାରୁ ସେ ଆନ୍ତରିକ ଧନ୍ୟବାଦ ଜଣାଉଛନ୍ତି। ବିଧାନସଭାର ଗରିମା ଓ ପରମ୍ପରା ରକ୍ଷା ଲାଗି ଉଦ୍ୟମ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଅସୁସ୍ଥତା କାରଣରୁ ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଇସ୍ତଫା ଦେଇଛନ୍ତି। ସମସ୍ତ ମନ୍ତ୍ରୀ ଇସ୍ତଫା ଦେବା ପରେ ମନ୍ତ୍ରିମଣ୍ଡଳ ପୁନର୍ଗଠିତ ହୋଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଥିବା ଆରୁଖ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବା ପରେ ତାଙ୍କୁ ବାଚସ୍ପତି କରାଯିବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଶୁକ୍ରବାର ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅନ୍ୟପଟେ ଆରୁଖ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆସନ୍ତା ଜୁଲାଇରେ ହେବାକୁ ଥିବା ବଜେଟ ଅଧିବେଶନରେ ପ୍ରଥମ କରି ଗୃହ ପରିଚାଳନା ଦାୟିତ୍ୱ ତୁଲାଇବେ। ଏହି ୨୪ ଦିନିଆ ଅଧିବେଶନରେ ସେ କିଭଳି ଗୃହ ଚଳାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। କାରଣ ବିରୋଧୀ ଚଳିତ ଥର ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

GOVERNMENT OF ODISHA
**OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA**
E-mail ID:- eerwkaranjia @ yahoo.com
No.2103, Date.07.06.2022
2ND CORRIGENDUM NOTICE TO
"e" PROCUREMENT BID IDENTIFICATION NO. RWDKNJ-02/ 2022-23 Dt.19.05.2022

**No.O-446:Due to problem in WAMIS portal for e-Estimate the following modification of this office tender call notice Bid Identification No.02/2022-23 Dt. 19.05.2022 have been made as mentioned below.**

| Procurement Officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/O. S.E.R.W. Division, Karanjia |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-02/22-23 | Dt.18.06.2022 at 10.00 A.M. | Dt.28.06.2022 upto 5.00 P.M. | Dt.27.06.2022 upto 1.00 P.M. | Dt.28.06.2022 At 11.00 A.M. |

All other terms and conditions will remain unaltered.
Sd./- (Er. Duryadhan Behera)
Superintending Engineer, R.W.Division, Karanjia
OIPR-25086/11/0008/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE: SUNDARGARH**
AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com
No. Tender Online- RWCCESNG -11 of 2022-23, Letter No 1577/Dtd.09.06.2022
No.O-454:
e-Procurement NOTICE

1. Type of the Work : Road (SR road)
2. Class of Contractor : As specified in the column-6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the column-4 of the Annexure
6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWC-CESNG- 11 of 2022-23 | 17.06.2022 11.00 AM | 30.06.2022 5.00 PM | 29.06.2022 5.00 PM | 02.07.2022 11.00 AM | Will be intimated separately |

Further details can be seen from the website www.tendersodisha.gov.in.
OIPR-25133/11/0015/2223 Sd./- Chief Construction Engineer, Rural Works Circle, Sundargarh

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-442
**"e" Procurement Notice for Road Work**
Identification No. - Online Tender - Road N.C.B. No. 337 for 2022-23
Letter No. 2104 Date: 08.06.2022

1. Name of the Work : PMGSY Road Work
2. Total No. of Work : 06 Nos. (Four)
3. Estimated Cost : Rs.328.86 lakhs to Rs.1056.09 lakhs (Approximately)
4. Eligible Class of Contractor : 'A' & Special & Super (of Odisha PWD) or relevant Class of other licencing authorities (as per annexure).
5. Period of Completion : 11 Calendar months for the work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 337 | Dt.20.06.2022 at 11.00 A.M. | Dt.02.07.2022 upto 5.00 P.M. | Dt.30.06.2022 upto 5.00 P.M. | Dt.04.07.2022 at 11.00 A.M. | Will be intimated later |

- Further details can be seen from the website: **www.pmgsytenders.gov.in.**

OIPR-25105/11/0016/2223 Sd./- Chief Construction Engineer, R.W. Circle, Balasore

**ପଞ୍ଚାୟତ ସମିତି, ମାଲକାନଗିରି**
**PANCHAYAT SAMITI, MALKANGIRI**
Dist.: Malkangiri, PIN - 764048, Ph. No. 06861-291243, Fax: 06861-291243
E-mail: ori-bmalkangiri@nic.in
ବିଜ୍ଞାପନ ସଂଖ୍ୟା: ୨୨୨୯ ତାରିଖ: ୦୭।୦୬।୨୦୨୨

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

ଏତଦ୍ୱାରା ମାଲକାନଗିରି ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୨୨-୨୩ (୦୧।୦୪।୨୦୨୧ଠାରୁ ୩୦।୦୯।୨୦୨୧) ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ଜୁନ୍ ୧୮ ତାରିଖରୁ ସାରଣୀ କ୍ରମେ ଆରମ୍ଭ ହୋଇ ୦୫।୧୧।୨୦୨୨ ତାରିଖରେ ସମାପ୍ତ ହେବ। ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍.ଏଫ୍.ଏସ୍.ଏ.), ଆଇ.ସି.ଡି.ଏସ୍. (ମମତା), ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ (୧୫ ଫାଇନାନ୍ସ କମିଶନ) ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନା (ଏନ୍.ଏସ୍.ଏ.ପି.) ପରିସରରେ କାର୍ଯ୍ୟ କରାଯାଉଥିବା ସମସ୍ତ କାର୍ଯ୍ୟର କାଗଜ ପତ୍ର, ଗୁଣାବଳୀ, ମଷ୍ଟର ରୋଲର ଶତ ପ୍ରତିଶତ ଯାଞ୍ଚ, ମାପ ପୁସ୍ତିକା ସମୂହର ସମୀକ୍ଷା କରାଯିବ। ଏହି ସମୀକ୍ଷା ସ୍ୱଚ୍ଛତା ଉତ୍ତର ଦାୟିତ୍ୱ ବୋଧତା ତଥା ପ୍ରକଳ୍ପ ଗୁଡ଼ିକର ସତ୍ୟାସତ୍ୟ ଅନୁସନ୍ଧାନ ଉପରେ ପର୍ଯ୍ୟବସିତ। ତେଣୁ ଏହି ପଞ୍ଚାୟତ ସମିତିର ସମସ୍ତ ଏନ୍.ଜି.ଓ., ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମୀଣ ଆବାସ ଯୋଜନା, ବିଜୁ ପକ୍କା ଘର ଓ ମନରେଗା ସହ ଅଙ୍ଗନୱାଡ଼ି କେନ୍ଦ୍ର, ସର୍ବ ସାଧାରଣ ବଣ୍ଟନ ବ୍ୟବସ୍ଥା (ପି.ଡି.ଏସ୍), ଭତ୍ତା ଓ ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ (୧୫ ଫାଇନାନ୍ସ କମିଶନ ଯୋଜନାରେ) କାର୍ଯ୍ୟକରୁଥିବା ସମସ୍ତ ସମନ୍ୱିତ ବିଭାଗମାନଙ୍କୁ ଅନୁରୋଧ କରାଯାଉଛି ଯେ ନିର୍ଦ୍ଧାରିତ ତାରିଖ, ସମୟ ଏବଂ ସ୍ଥାନରେ ସେମାନଙ୍କ ଉପସ୍ଥିତି ଜାହିର କରିବେ।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ**

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | ପଞ୍ଚାୟତରେ ଜନଶୁଣାଣି | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| ୧ | ସେରପାଲ୍ଲୀ | ୧୮.୦୬.୨୦୨୨ | ୦୮.୦୭.୨୦୨୨ | ୦୮.୦୭.୨୦୨୨ | ୦୫.୧୧.୨୦୨୨ | GPEO |
| ୨ | ପେଟାକୋଣ୍ଡା | ୧୮.୦୬.୨୦୨୨ | ୦୮.୦୭.୨୦୨୨ | | | BPC |
| ୩ | ବିରଲକ୍ଷ୍ମଣପୁର | ୧୮.୦୬.୨୦୨୨ | ୦୮.୦୭.୨୦୨୨ | | | WEO |
| ୪ | ମାର୍କାପାଲ୍ଲୀ | ୧୮.୦୬.୨୦୨୨ | ୦୮.୦୭.୨୦୨୨ | | | APO |
| ୫ | ଗଙ୍ଗଲା | ୧୧.୦୭.୨୦୨୨ | ୦୧.୦୮.୨୦୨୨ | ୦୧.୦୮.୨୦୨୨ | | AEE |
| ୬ | ପେଦାୱାଡ଼ା | ୧୧.୦୭.୨୦୨୨ | ୦୩.୦୮.୨୦୨୨ | ୦୩.୦୮.୨୦୨୨ | | MI |
| ୭ | ଗୌଡ଼ଗୁଡ଼ା | ୧୧.୦୭.୨୦୨୨ | ୦୩.୦୮.୨୦୨୨ | | | BPM, OLM |
| ୮ | ତମସା | ୧୧.୦୭.୨୦୨୨ | ୦୩.୦୮.୨୦୨୨ | | | BSSO |
| ୯ | ତଣ୍ଡାପାଲ୍ଲୀ | ୦୬.୦୮.୨୦୨୨ | ୨୬.୦୮.୨୦୨୨ | ୨୬.୦୮.୨୦୨୨ | | WEO |
| ୧୦ | ଗୋରାଖୁଣ୍ଟା | ୦୬.୦୮.୨୦୨୨ | ୨୬.୦୮.୨୦୨୨ | | | GPEO |
| ୧୧ | ଶିଖପାଲ୍ଲୀ | ୦୬.୦୮.୨୦୨୨ | ୨୬.୦୮.୨୦୨୨ | | | APO |
| ୧୨ | ମାଟାପାକା | ୦୬.୦୮.୨୦୨୨ | ୨୬.୦୮.୨୦୨୨ | | | BPM, OLM |
| ୧୩ | ଚାଲାଣଗୁଡ଼ା | ୨୯.୦୮.୨୦୨୨ | ୨୧.୦୯.୨୦୨୨ | ୨୧.୦୯.୨୦୨୨ | | BPC |
| ୧୪ | ତଣ୍ଡିକି | ୨୯.୦୮.୨୦୨୨ | ୨୧.୦୯.୨୦୨୨ | | | APO |
| ୧୫ | ପଦ୍ମଗିରି | ୨୯.୦୮.୨୦୨୨ | ୨୧.୦୯.୨୦୨୨ | | | AEE |
| ୧୬ | ଉଡ଼ୁପା | ୨୯.୦୮.୨୦୨୨ | ୧୯.୦୯.୨୦୨୨ | ୧୯.୦୯.୨୦୨୨ | | MI |
| ୧୭ | ଝରାପାଲ୍ଲି | ୨୩.୦୯.୨୦୨୨ | ୨୫.୧୦.୨୦୨୨ | ୨୫.୧୦.୨୦୨୨ | | BSSO |
| ୧୮ | ପାଣ୍ଡ୍ରିପାଣି | ୨୩.୦୯.୨୦୨୨ | ୨୦.୧୦.୨୦୨୨ | ୨୦.୧୦.୨୦୨୨ | | BPM, PLM |
| ୧୯ | ସିନ୍ଧ୍ରିମାଲା | ୨୩.୦୯.୨୦୨୨ | ୨୦.୧୦.୨୦୨୨ | | | GPEO |

ବି.ଦ୍ର.: ଏଠାରେ ନିର୍ଦ୍ଦେଶ ପ୍ରଦାନ କରାଯାଉଛି ଯେ, ଏହି ସାମାଜିକ ସମୀକ୍ଷାରେ ସମସ୍ତ ଗ୍ରା.ପ., ସରପଞ୍ଚ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଭ୍ୟ/ସଭ୍ୟା, ପି.ଇ.ଓ., ଜି.ଆର୍.ଏସ୍., ଜେ.ଇ., ଜି.ପି.ଟି.ଏ., ଗ୍ରାମ ସଂଯୋଜକ, ଅଙ୍ଗନୱାଡ଼ି କର୍ମୀ ଏବଂ ଯୋଗାଣ ସହାୟକ ସମସ୍ତ ଆବଶ୍ୟକ ନଥିପତ୍ର ସହିତ ଉପସ୍ଥିତ ରହିବେ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା
କାର୍ଯ୍ୟକ୍ରମ ଅଧିକାରୀ, ମାଲକାନଗିରି

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**
E-Mail- sencrwangul@yahoo.co.in, Ph:06764-236404
No.1059// Dt.10.06.22
**Cancellation of Periodical Maintenance Tender**
**No.O-456:**Due to some unavoidable circumstances in respect of the tender for Bid Identification No.Maintenance Online-AGL- 03/2022-23 invited by the Procurement Officer, Chief Construction Engineer, Rural Works Circle, Angul is hereby cancelled.
**Sd./- Chief Construction Engineer**
**Rural Works Circle, Angul**
OIPR-25180/11/0007/2223

**ZILLA SWASTHYA SAMITI, GANJAM**
**(UNDER NATIONAL HEALTH MISSION)**
**Adv. No. 8197/2022** **Date: 08.06.2022**
**Request for Proposal (RFP) for Operation & Management of Urban Health & Wellness Centre (U-HWC) under PPP**
No. E-212: Zilla Swasthya Samiti (ZSS), Ganjam invite **application** as per the prescribed RFP document from eligible entities registered under Society Registration Act/Indian Trust Act/Company Act/Pvt. Hospitals (with registration from appropriate authority) for Operation & Management of Urban Health & Wellness Centre (U-HWC) in partnership mode. The eligibility criteria and detailed requirements for "Operation & Management of UHWC" are set forth in the RFP document which can be downloaded from the website: **https//ganjam.nic.in**. Interested bidders fulfilling the eligibility criteria may submit their application, required documents & EMD as set forth in this RFP. The interested bidders can submit the proposal with required documents through Speed Post/Registered Post/Courier only clearly superscribing the name of the U-HWC applied for management of UHWC on the envelope **to the CDM & PHO, Ganjam, Near City Hospital, Berhampur, PIN - 760001 latest by 04.07.2022**. Incomplete applications/applications received from the blacklisted NGOs/Trusts/Company/Pvt. Medical Colleges/Hospitals will be summarily rejected. The authority reserves the right for cancellation of the advertisement/selection/modification of guidelines for selection without assigning any reason thereof. No personal inquiry shall be entertained.
**Sd./- CDM&PHO-cum-District Mission Director, Ganjam**
OIPR-10041/11/0004/2223

**ZILLA SWASTHYA SAMITI JHARSUGUDA**
**Office of the CDM&PHO-cum-Dist.Mission Director, Jharsuguda, Odisha, 768204**
**No.44/NHM/IEC/22** **Dt.09.06.22**
**TENDER CALL NOTICE**
Sealed tenders are invited from reputed registered firms/ agencies/ dealers having adequate experience in taking up the works of **printing of forms, Booklets, poster, calendar, Leaflets, Banner, Sun board with vinyl print, standee, Flex printing for hoarding & fixing IEC Materials, forms etc** having valid GSTIN/ PAN of ZSS, Jharsuguda. The eligible criteria, the terms of reference and the formats for submission of bid as set forth in the Tender document can be downloaded from the website www.jharsuguda.nic.in . Interested bidders fulfilling the eligibility criteria may submit their proposal(s) with EMD & Tender Documents. The bidders have to submit their proposal(s) at the O/o: The CDM&PHO cum District Mission Director, DHH, Jharsuguda. Proposal(s) complete in all respect should reach the undersigned on or before 05.30 PM of 04/07/2022 through Regd/ Speed post only and the same will be opened on 05/07/2022 at 11.30 AM. The undersigned reserves the right to reject any or all the tender(s) without assigning any reason thereof.
**Sd./-CDM & PHO-cum-District Mission Director,NHM, Jharsuguda**

# ଭୁବନେଶ୍ୱରରେ ଟିମ୍ ଇଣ୍ଡିଆ, ଦକ୍ଷିଣ ଆଫ୍ରିକା







କଟକର ବାରବାଟୀ ଷ୍ଟାଡିୟମରେ ରବିବାର ହେବାକୁଥିବା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବାପରେ ମେ' ଫେୟାର ହୋଟେଲରେ ଭାରତୀୟ ସ୍ପିନର ଅକ୍ଷର ପଟେଲଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ସ୍ୱାଗତ କରୁଛନ୍ତି। ହୋଟେଲ ମଧ୍ୟକୁ ପ୍ରବେଶ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, ଇଶାନ କିଷନ ଓ ଦକ୍ଷିଣ ଆଫ୍ରିକା ଖେଳାଳି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି):** ଆସନ୍ତା ରବିବାର କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁଥିବା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ଗୁରୁବାର ନୂଆଦିଲ୍ଲୀରେ ସିରିଜର ପ୍ରଥମ ମ୍ୟାଚ ଖେଳିବା ପରେ ଉଭୟ ଦଳର ଖେଳାଳି ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅପରାହ୍ନ ୧ଟା ୫୦ରେ ବିମାନ ଅବତରଣ କରିବା ପରେ ଉଭୟ ଦଳର ଖେଳାଳିଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମେ' ଫେୟାର ହୋଟେଲକୁ ଅଣାଯାଇଥିଲା। ଖେଳାଳି ଓ ଅଫିସିଆଲ ଆସିବା ସମୟରେ ବିମାନ ବନ୍ଦରରୁ ଏଜି ଛକ ଦେଇ ଜୟଦେବ ବିହାର ଏବଂ ହୋଟେଲ ପର୍ଯ୍ୟନ୍ତ ରାସ୍ତାକୁ ଜନସାଧାରଣଙ୍କ ପାଇଁ ବନ୍ଦ କରି ଦିଆଯାଇଥିଲା। ଉଭୟ ବସ୍‌ର ସୁରକ୍ଷା ପାଇଁ ଆଗ, ପଛ, ଉଭୟ କଡ଼ରେ କମିଶନରେଟ୍ ପୋଲିସର ଏସକର୍ଟ ଗାଡ଼ି ରହିଥିଲା। ଏଥର ଭାରତୀୟ ଦଳରେ ବିରାଟ କୋହଲି, ରୋହିତ ଶର୍ମା, ଲୋକେଶ ରାହୁଲଙ୍କ ଭଳି ବଡ଼ ଖେଳାଳି ନ ଥିଲେ ହେଁ ବିମାନ ବନ୍ଦରରେ ଏବଂ ହୋଟେଲ ନିକଟରେ ଖେଳାଳିଙ୍କୁ ଦେଖିବା ଲାଗି ପ୍ରଶଂସକଙ୍କ ଭିଡ ରହିଥିଲା। ହୋଟେଲ ଭିତରେ ବରିଷ୍ଠ କମିଶନରେଟ୍ ପୋଲିସ ଅଧିକାରୀ, ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି

## କଡ଼ା ସୁରକ୍ଷା ବ୍ୟବସ୍ଥା

ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏୟାରପୋର୍ଟରୁ ହୋଟେଲ ପର୍ଯ୍ୟନ୍ତ ଥିବା ରାସ୍ତାରେ ପୋଲିସ କର୍ମଚାରୀମାନେ ଜଗି ରହିଥିଲେ। ଏଜି ଛକ, ୧୨୦ ବାଟାଲିଅନ, ଜୟଦେବ ବିହାର ଆଦି ଗୁରୁତ୍ୱପୂର୍ଣ୍ଣ ଛକରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଏସ୍‌ଓଜିର ସ୍ୱତନ୍ତ୍ର ଟେକ୍ନିକାଲ ୟୁନିଟ୍ ବସ୍‌କୁ ଜଗି ରହିଥିଲା। ବସ୍‌କୁ ଚାରିପାଖରେ କାରକେଡ୍ କରାଯାଇଥିଲା। ଦୁଇ ଦେଶର ଖେଳାଳିଙ୍କ ଉଭୟ ବସ୍‌ର ଆଗରେ, ପଛରେ ଓ କଡ଼ରେ ଏସ୍କର୍ଟ ଭ୍ୟାନ ରହିଥିଲା। ଗୁରୁତ୍ୱପୂର୍ଣ୍ଣ ଛକରେ ବ୍ୟାରିକେଡ୍ କରାଯାଇଥିଲା। ମେ' ଫେୟାର ହୋଟେଲରେ ମଧ୍ୟ ତ୍ରିସ୍ତରୀୟ ସୁରକ୍ଷା ମଧ୍ୟରେ ରଖାଯାଇଥିଲା। କମିଶନରେଟ ପୋଲିସର ଭୁବନେଶ୍ୱର ଜିଲା ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଡିସିପି ଓ ଏସିପି ର୍‍ୟାଙ୍କର ଅଧିକାରୀମାନେ ହୋଟେଲରେ ଜଗି ରହିଥିଲେ।

### ଘୋଡ଼ା ନାଚ, ଯୋଡ଼ି ଶଙ୍ଖ ନାଦରେ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଖେଳାଳିଙ୍କୁ ସ୍ୱାଗତ

ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ମେହେତାବ ଖାଁ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଖେଳାଳିଙ୍କୁ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ, ଘୋଡ଼ାନାଚ ସାଙ୍ଗକୁ ଶଙ୍ଖ ନାଦରେ ସ୍ୱାଗତ କରାଯାଇଥିଲା। ତା ସାଙ୍ଗକୁ ଉତ୍ତରୀୟ ଏବଂ ଫୁଲତୋଡ଼ା ଦିଆଯାଇଥିଲା। ପ୍ରଥମେ ଅଫିସିଆଲ ଏବଂ ପରେ ଉଭୟ ଦଳର ଖେଳାଳି ହୋଟେଲରେ ପ୍ରବେଶ କରିଥିଲେ। ପଡ଼ିଆରେ ଖେଳାଳିମାନେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ ହେଁ ବସ୍‌ରୁ ଓହ୍ଲାଇବା ପରେ ସାଥିହୋଇ ହୋଟେଲକୁ ଯାଉଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଦଳର ଯୁବ ଅଧିନାୟକ ରିଷଭ ପନ୍ତ ଆକର୍ଷଣର କେନ୍ଦ୍ରରେ ରହିଥିଲେ। ଶେଷରେ ଯାଇଥିଲେ ଓପନର ଇଶାନ କିଶନ।



ଖେଳାଳିଙ୍କୁ ସ୍ୱାଗତ କରାଯିବା ଅବସରରେ ଘୋଡ଼ା ନାଚ।

# ଖେଳାଳିଙ୍କ ମେନ୍ୟୁରେ ମଣ୍ଡା, କାକରା, ଛେନାପୋଡ଼

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି)**

କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ଉଭୟ ଦଳର ଖେଳାଳି ଓ ଅଫିସିଆଲ୍‌ମାନେ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ହୋଟେଲ ମେ'ଫେୟାର ପର୍ଯ୍ୟନ୍ତ ଅଣାଯାଇଛି। ୧୧ ତାରିଖରେ ଖେଳାଳିମାନେ ନେଟ୍ ପ୍ରାକ୍ଟିସ ପାଇଁ କଟକ ଯିବେ। ୧୨ ତାରିଖରେ ମ୍ୟାଚ ଖେଳିବା ପରେ ୧୩ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ। ଖେଳାଳିଙ୍କ ପାଇଁ ହୋଟେଲ ପକ୍ଷରୁ ସ୍ୱତନ୍ତ୍ରଭାବେ ମେନ୍ୟୁ ପ୍ରସ୍ତୁତ କରାଯାଇଛି। ହୋଟେଲର ମୁଖ୍ୟ ସେଫ୍ ମୃଦଳ ମଣ୍ଡଳଙ୍କ ସୂଚନା ଅନୁସାରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ପାଇଁ ବିଶେଷ କରି ଆମିଷ ଖାଦ୍ୟ ରହିଥିବାବେଳେ ଭାରତୀୟ ଖେଳାଳିଙ୍କ ପାଇଁ ଆମିଷ ଓ ନିରାମିଷ ଖାଦ୍ୟର ମିଶ୍ରଣ ରହିବ। ଏହା ବ୍ୟତୀତ ଓଡ଼ିଶାର ସବୁଠାରୁ ବଡ଼ ପର୍ବ ରଜ ପାଖେଇ ଆସିଥିବାରୁ ଖେଳାଳିମାନଙ୍କୁ ମଣ୍ଡା, ଚକୁଳି,




କାକରା, ରସଗୋଲା, ରସମଲେଇ ଓ ଛେନାପୋଡ଼ ଆଦି ଓଡ଼ିଆ ଖାଦ୍ୟ ପରଷା ଯିବ। ସମସ୍ତ ଖାଦ୍ୟ କମ୍ ମସଲା ଓ କମ୍ ତେଲରେ ତିଆରି ହେବ। ଉଭୟ ଦେଶର ଖେଳାଳିଙ୍କ ମେନ୍ୟୁରେ ରୋଷ୍ଟ ଚିକେନ, ଦେଶୀ ଚିକେନ ଝୋଳ, ମଟନ ତରକାରି, ଚିଙ୍ଗୁଡ଼ି ଓ ପାମ୍ଫ୍ଲେଟ୍ ମାଛ ଭଳି

**ବାରବାଟୀ ଟି୨୦**

ଆମିଷ ଖାଦ୍ୟ ରହିବ। ସେହିପରି ନିରାମିଷରେ ଡାଲମା, ବଟର ପନିର, ବଡ଼ିଚୂରା, ଛତୁ ବେସର ଓ ଶାଗ ସ୍ୱତନ୍ତ୍ର ଭାବେ ପରଷାଯିବ। ଓଡ଼ିଶାର ପାରମ୍ପରିକ କଂସା ଓ ପିତ୍ତଳ ଥାଳି, ଗ୍ଲାସ ସାଙ୍ଗକୁ ଚାମଚରେ ଖାଦ୍ୟ ପରଷା ଯିବାର ବ୍ୟବସ୍ଥା କରାଯାଇଛି।

### ମେନ୍ୟୁ

**ବ୍ରେକ୍‌ଫାଷ୍ଟ**
ଟୋଷ୍ଟେଡ୍ ବ୍ରେଡ, ଡ୍ରାଏ ଫ୍ରୁଟ୍ସ, କ୍ଷୀର, ଦହି, ଜୁସ୍, ପଇଡ଼ ପାଣି, ସୁଗାର ଫ୍ରି ଜାମ୍, ଇଡ୍‌ଲି, ଦୋସା, ସମ୍ବର, ଚଟଣି, ଚା', କଫି, ଅମ୍ଲେଟ, ଅଳ୍ପ ତେଲ ଓ ମସଲାଯୁକ୍ତ ଚିକେନ୍ ତରକାରି।

**ଲଞ୍ଚ୍**
ବାସମତି ସହ ଅନ୍ୟ ୩ ପ୍ରକାର ଚାଉଳର ଭାତ, କାନିକା ରାଇସ, ରୁଟି, ଗ୍ରୀନ୍ ସାଲାଡ, ଓଡ଼ିଆ ଡାଲମା, ହନି ଚିକେନ୍, ଦେଶୀ କୁକୁଡ଼ା ଝୋଳ, ତନ୍ଦୁରୀ ଚିକେନ୍, ଗ୍ରୀଲ୍ଡ ମାଛ, ମଟନ କରି, ଚିଙ୍ଗୁଡ଼ି ଓ ପାମ୍ଫ୍ଲେଟ୍ ମାଛ, ଡାଲି, ତଡ଼କା, ପନିର, ଦିୱାନି ଦମ୍ କି ହାଣ୍ଡି, ଆମେରିକାନ ଚପ୍‌ସି ପ୍ରନ୍ ନୁଡଲ୍ସ ସହ ଖେଳାଳିଙ୍କ ପସନ୍ଦ ଅନୁସାରେ ଅନ୍ୟ ଖାଦ୍ୟ।

**ଡିନର**
ପ୍ରକାର ଚାଉଳର ଭାତ, ରୁଟି, ଗ୍ରୀନ୍ ସାଲାଡ, ସିଝା ଅଣ୍ଡା, ଗ୍ରୀଲ୍ଡ ଚିକେନ, ଦେଶୀ କୁକୁଡ଼ା ଝୋଳ, ତନ୍ଦୁରୀ ଚିକେନ୍, ଗ୍ରୀଲ୍ଡମାଛ, ମଟନ କରି, ଚିଙ୍ଗୁଡ଼ି ଓ ପାମ୍ଫ୍ଲେଟ୍ ମାଛ, ଡାଲି, ତଡ଼କା, ପନିର, ଦିୱାନି ଦମ୍ କି ହାଣ୍ଡି, ସମ୍ବର, ପାମ୍ପଡ଼, ଆମ୍ବ ଆଚାର, ଦହି, ରାଇତା।

# ବାରବାଟୀ ଆସିବେ ସୌରଭ

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି)**

ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ସମୟରେ ସାଧାରଣତଃ ଓଡ଼ିଶା କ୍ରିକେଟ ଆସୋସିଏଶନର ଅତିଥିଭାବେ ବାରବାଟୀ ଷ୍ଟାଡିୟମକୁ ଅନେକ ଭିଆଇପି ଆସିଥାନ୍ତି। ଏଥର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ମ୍ୟାଚ ଅବସରରେ ବାରବାଟୀରେ ଉପସ୍ଥିତ ରହିବେ ବୋଲି ଜଣାଯାଇଛି। ଏହା ବ୍ୟତୀତ ଅନ୍ୟ କେତେକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏହି ତାଲିକାରେ ସାମିଲ ହେଉଥିବା ସୂଚନା ମିଳିଛି।

# ବିନା ମାସ୍କରେ ପ୍ରବେଶ ନିଷେଧ

**କଟକ ଅଫିସ, ୧୦।୬**

- ୪ଘଣ୍ଟା ପୂର୍ବରୁ ଖୋଲା ହେବ ଗ୍ୟାଲେରି
- ନକଲି ଟିକେଟ ଧରିବ ପୋଲିସ
- ଦର୍ଶକଙ୍କ ଆଗରେ ଛିଡ଼ା ହୋଇପାରିବେ ନାହିଁ ପୋଲିସ
- ପାର୍କିଂ ପାଇଁ ୫ଟି ସ୍ଥାନ

ଆଉ ଗୋଟିଏ ଦିନ ପରେ ବାରବାଟୀରେ ଖେଳାଯିବ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ। ଶନିବାର ବାରବାଟୀରେ ନେଟ୍ ପ୍ରାକ୍ଟିସ୍ କରିବେ ଉଭୟ ଦଳ। ତେଣୁ ଗ୍ରାଉଣ୍ଡରେ ଖେଳାଳିମାନେ ପହଞ୍ଚିବା ଆଗରୁ ପ୍ରସ୍ତୁତି ଶେଷ କରିବାକୁ ପ୍ରୟାସ ଜାରି ରହିଛି। ତେବେ ମ୍ୟାଚ ଦେଖିବାକୁ ଆସୁଥିବା ଦର୍ଶକଙ୍କୁ ବିନା ମାସ୍କରେ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ଖେଳ ଦେଖିବା ବେଳେ ବିଶୃଙ୍ଖଳା କଲେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଷ୍ଟାଡିୟମ ଭିତରେ ପ୍ରାୟ ୫୦ହଜାର ଲୋକଙ୍କ ସମାଗମ ହେବ। ଷ୍ଟାଡିୟମ ବାହାରେ ୧୦ରୁ ୧୫ ହଜାର ଲୋକ ରହିବେ। ତେଣୁ ୧୫ରୁ ୨୦ ହଜାର ଦୁଇଚକିଆ ଏବଂ ଚାରିଚକିଆ ଗାଡ଼ି ଉକ୍ତ ଦିନ ସହର ମଧ୍ୟକୁ ପ୍ରବେଶ କରିପାରେ। ସମସ୍ତ ସ୍ଥିତିକୁ ନଜରରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏନେଇ ଡିଜିପି ସୁନୀଲ ବଂଶଲ ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମ୍ୟାଚ ଦିନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ସମସ୍ତ ପୋଲିସ ଅଧିକାରୀ ଓ ଟ୍ରାଫିକ୍ କର୍ମଚାରୀମାନଙ୍କୁ ନେଇ ଷ୍ଟାଡିୟମ ପରିସରରେ ଶୁକ୍ରବାର ଆଲୋଚନା କରିଥିଲେ। ଏହି ଅବସରରେ ଷ୍ଟାଡିୟମ ଭିତରକୁ ଖାଦ୍ୟ, ପାଣି ବୋତଲ ଆଣିପାରିବେନି ଦର୍ଶକ। ସାଧାରଣ ଦର୍ଶକଙ୍କ ପାଇଁ ୫ଟି ସ୍ଥାନରେ ପାର୍କିଂ ସ୍ଥଳ କରାଯାଇଛି। ପ୍ରତ୍ୟେକ ଗ୍ୟାଲେରିରେ ପୋଲିସ କର୍ମଚାରୀ ମୁତୟନ ହେବେ। କାହାର କେଉଁ ଡ୍ୟୁଟି ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି। ଦର୍ଶକଙ୍କ ଆଗରେ କୌଣସି ପୋଲିସ ଠିଆ ହୋଇପାରିବେନି। ପୋଲିସ ଖେଳକୁ ଉପଭୋଗ ନ କରି ଦାୟିତ୍ୱ ତୁଲାଇବ ବୋଲି କହିଛନ୍ତି କମିଶନର। ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯାଉଛି। ସେହିପରି ପୋଲିସ ଏବଂ ଟ୍ରାଫିକ୍ କର୍ମଚାରୀ ମଧ୍ୟରେ ଦାୟିତ୍ୱ ବାଣ୍ଟି ଦିଆଯାଇଛି। କଟକରେ ୬୨ ପ୍ଲାଟୁନ ଫୋର୍ସ ଓ ଭୁବନେଶ୍ୱରରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। କଟକରେ ଡିସିପିଙ୍କ ସମେତ ଅନ୍ୟ ଅଧିକାରୀମାନେ ଦାୟିତ୍ୱ ତୁଲାଇବେ। ଏହା ସହିତ ୨୩ ଜଣ ଏସିପି, ୪୧ଜଣ ଇନ୍ସପେକ୍ଟର ଓ ସୁବେଦାର, ୨୭୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୨୦୦ କନ୍‌ଷ୍ଟେବଳ, ୨୫ ଟ୍ରାଫିକ ହାବିଲଦାର ଓ ୬୦ ଜଣ ଟ୍ରାଫିକ କନ୍‌ଷ୍ଟେବଳ ମୁତୟନ ହେବେ। ନକଲି ଟିକେଟ କାରବାର ରୋକିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଗତ ଗୁରୁବାର କାଉଣ୍ଟରରୁ କିଣିଥିବା ଟିକେଟରେ ସ୍ୱତନ୍ତ୍ର ଚିହ୍ନ ରହିଛି। ଯାହାକୁ ଦେଖି ଟିକେଟ ଅସଲି କି ନକଲି ଜାଣି ହେବ। ଉକ୍ତ ଚିହ୍ନକୁ ଟିକେଟ ଯାଞ୍ଚ କାର୍ଯ୍ୟରେ ଥିବା ପୋଲିସ କର୍ମଚାରୀଙ୍କୁ ଦେଖାଯାଇଛି। ଏଥିସହ ଶାନ୍ତିଶୃଙ୍ଖଳାର ସହ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବା ପାଇଁ ମ୍ୟାଚର ୪ ଘଣ୍ଟା ଆଗରୁ ଗ୍ୟାଲେରି ଖୋଲାଯିବ। ୨ ସ୍ତରରେ ଚେକିଂ କରାଯାଇ ଲୋକଙ୍କୁ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରାଯିବ। ପାର୍କିଂ ପାଇଁ ୫ଟି ସ୍ଥାନ କରାଯାଇଛି। ସେହିପରି ଷ୍ଟାଡିୟମ ମଧ୍ୟରେ ପାନୀୟ ଜଳ ବ୍ୟବସ୍ଥା ଓ ଖାଦ୍ୟ ବ୍ୟବସ୍ଥା ଓସିଏ ପକ୍ଷରୁ କରାଯାଇଛି। ସେସବୁ କିପରି ବ୍ୟବସ୍ଥିତ ଢଙ୍ଗରେ ହେବ ସେ ନେଇ ଆମେ ଧ୍ୟାନ ଦେବୁ ବୋଲି ପୋଲିସ କମିଶନର କହିଛନ୍ତି। ଏହି ଅବସରରେ ଡିସିପି ପିନାକ ମିଶ୍ର, ଅତିରିକ୍ତ ଡିସିପି ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷିଣ ଆଫ୍ରିକା ୧ଟା ଓ ଭାରତ ୫ଟାରେ ଅଭ୍ୟାସ କରିବ

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ୧୨ ତାରିଖରେ ହେବାକୁଥିବା ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ପାଇଁ ଉଭୟ ଦକ୍ଷିଣ ଆଫ୍ରିକା ଓ ଟିମ୍ ଇଣ୍ଡିଆ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚି ସାରିଥିବାବେଳେ ଶନିବାର ଅଭ୍ୟାସ ପାଇଁ ବାରବାଟୀ ଷ୍ଟାଡିୟମ ଯିବେ। ସୂଚନା ଅନୁସାରେ ଦକ୍ଷିଣ ଆଫ୍ରିକା ଦଳ ଅପରାହ୍ନ ୧ଟାରେ କଟକ ଯିବ। ତେବେ ତାଙ୍କ ଅଭ୍ୟାସକୁ ଇଚ୍ଛାଧୀନ ରଖାଯାଇଛି। ତେଣୁ ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତି ଅନୁସାରେ ଏହି ଦଳ ନେଟ୍ସ ସେସନରେ ଯୋଗଦେବ। ଆବଶ୍ୟକ ପଡ଼ିଲେ ସମୟରେ ପରିବର୍ତ୍ତନ କରାଯିବ। ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ କିନ୍ତୁ ଅପରାହ୍ନ ୫ଟାରେ ବାରବାଟୀରେ ପହଞ୍ଚି ଅଭ୍ୟାସ କରିବ। ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରଥମ ଟି୨୦ରେ ଭାରତ ହାରି ଯାଇଥିବାରୁ କଟକ ମ୍ୟାଚର ଗୁରୁତ୍ୱ ବଢ଼ି ଯାଇଛି। ୫ ମ୍ୟାଚ ବିଶିଷ୍ଟ ସିରିଜକୁ ବରାବର ସ୍ଥିତିକୁ ଆଣିବାକୁ ହେଲେ ଭାରତକୁ ଆଗାମୀ ମ୍ୟାଚ ଜିତିବାକୁ ପଡ଼ିବ। ତେଣୁ ଆସନ୍ତା ରବିବାର ବାରବାଟୀରେ ଏକ ରୋମାଞ୍ଚକ ମ୍ୟାଚ ହେବ ବୋଲି କ୍ରିକେଟ ପ୍ରେମୀ ଆଶା କରୁଛନ୍ତି।



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି ଡିଜିପି ସୁନୀଲ ବଂଶଲ ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ।




ସନ୍ଧାନୀ କୁକୁର ସହାୟତାରେ ପିଚ୍‌କୁ ଯାଞ୍ଚ୍ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଜେନା ବହିଷ୍କୃତ

**କଟକ ଅଫିସ, ୧୦।୬:** ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିବା ସମ୍ବଲପୁରର ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଜେନାଙ୍କୁ ଡିଜିପି ସୁନୀଲ ବଂଶଲ ଶୁକ୍ରବାର ଚାକିରିରୁ ବହିଷ୍କାର କରିଛନ୍ତି। ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଅଧୀନରେ ଇନ୍ସପେକ୍ଟର ଭାବେ ମାନସୀ କାର୍ଯ୍ୟ କରୁଥିଲେ। ଜଣେ ସରକାରୀ ଅଧିକାରୀଙ୍କ ନାମରେ ଥିବା ମାମଲାକୁ ରଫାଦଫା କରିବା ପାଇଁ ମଧ୍ୟସ୍ଥ ମୁକେଶ ସାହୁଙ୍କ ଜରିଆରେ ମାନସୀ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଧିକାରୀ ଜଣକ ଭିଜିଲାନ୍ସର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗର ଆଭ୍ୟନ୍ତରୀଣ ଟିମ୍ ଗଠନ କରାଯାଇଥିଲା। ମାନସୀଙ୍କ କହିବାନୁସାରେ, ଗତ ମେ’ ୧୩ ତାରିଖରେ ଅଧିକାରୀ ଜଣକ ମୁକେଶଙ୍କୁ ୧୦ ଲକ୍ଷ ଟଙ୍କା ଦେଇଥିଲେ। ଲାଞ୍ଚ ଟଙ୍କା ମୁକେଶ ମାନସୀଙ୍କୁ ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏହାପରେ ୧୪ ତାରିଖରେ ମାନସୀ ଓ ମୁକେଶଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ସରକାରୀ ଅଧିକାରୀଙ୍କ ଅଭିଯୋଗକ୍ରମେ ଉଭୟଙ୍କ ନାମରେ ଭିଜିଲାନ୍ସ ସେଲ୍‌ରେ ମାମଲା(ନଂ.୫/୨୨) ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ମାନସୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

### ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୭ ଗାଡ଼ି ଜବତ

**ନିରାକାରପୁର,୧୦।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା କମାଗୁରୁ, ଜଙ୍କିଆ, ଗୋଳବାଇ, ଅଚ୍ୟୁତପୁର ରାଜସ୍ୱ ବିଭାଗ ଅଧୀନ ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ କଳାମୁଗୁନି ପଥର ଚାଲାଣ କରାଯାଉଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ବଢ଼ିଚାଲିଛି। ଜଙ୍କିଆ ଥାନାଧିକାରୀ ଦିଗବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଗଠନ କରାଯାଇ ଡମଣଭୁଇଁ, ଗୟାବନ୍ଧ, ରମାବିଲି ଅଞ୍ଚଳର ବିଭିନ୍ନ ଖଣିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଗୋଟିଏ ପାୱାରଟିଲର, ୩ଟି ଟ୍ରକ୍, ଟ୍ରାକ୍ଟର ସମେତ କଳାମୁଗୁନି ପଥର ବୋଝେଇ ୨ଟି ଡମ୍ପର ଓ ଏକ ହାଇୱାକୁ ଜବତ ହୋଇଛି। ପ୍ରକାଶ ଯେ, କିଛି ଦିନ ପୂର୍ବେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ବେଳେ ନୂଆ ଜଗନ୍ନାଥ ସଡକରେ ଜଣେ ଖବରଦାତା ଫଟୋ ଉତ୍ତୋଳନ କରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ପହଞ୍ଚି ସମ୍ପୃକ୍ତ ଖବରଦାତାଙ୍କୁ ଧମକ ଦେବା ସହିତ ମୋବାଇଲ ଛଡ଼ାଇନେଇଥିଲେ।

# ଅକ୍ଟୋବର ୧୪ରୁ ଚାଷୀ ସତ୍ୟାଗ୍ରହ

ଭୁବନେଶ୍ୱର, ୧୦।୬ (ବ୍ୟୁରୋ)

ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ମାତ୍ର ଏଠାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାର ଚେଷ୍ଟା କରୁନାହାନ୍ତି। ରାଜ୍ୟ ସରକାର ବଜେଟକୁ ମନଇଚ୍ଛା ଗୋଷ୍ଠୀଖିଆ, ମଶାଣି, ଗାଧୁଆଘର, କଲ୍ୟାଣ ମଣ୍ଡପ ଭଳି ଅଣ ଉତ୍ପାଦନ ଭିତ୍ତିକ ପ୍ରକଳ୍ପରେ ଖର୍ଚ୍ଚ କରୁଛନ୍ତି। ଚାଷୀଙ୍କୁ ରୋଜଗାରର ଗ୍ୟାରେଣ୍ଟି ଦେଉ ନାହାନ୍ତି କି ଚାଷୀ ଆତ୍ମହତ୍ୟାର ସ୍ଥାୟୀ ସମାଧାନ ପାଇଁ ଚାଷୀ ପେନଶନକୁ ୫ହଜାର ଟଙ୍କା ଲେଖାଏ ଲାଗୁ କରୁନାହାନ୍ତି। ସରକାରଙ୍କ ବଜେଟର ଆକାର ପ୍ରତିବର୍ଷ ବଢ଼ିବା ସତ୍ତ୍ୱେ କୃଷି କ୍ଷେତ୍ରରେ ସୁଧାର ଆସୁନାହିଁ କାହିଁକି? ଏଭଳି ଅଭିଯୋଗ ଉଠାଇବା ସହ ଚାଷୀଙ୍କୁ ପେନସନ ପ୍ରଦାନ ଦାବିରେ ଅକ୍ଟୋବର ୧୪ରୁ ଚାଷୀ ସତ୍ୟାଗ୍ରହର ଡାକରା ଦେଇଛି ନବନିର୍ମାଣ କୃଷକ ସଂଗଠନ।

ଶୁକ୍ରବାର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି, ବିଲାତି ମିଶନ, ଆଳୁ ମିଶନ୍, ନୀଳ ବିପ୍ଳବ, ଶ୍ୱେତ ବିପ୍ଳବ ନାମରେ ସରକାର ଯେତେ ସୁନ୍ଦର ଯୋଜନା କରୁଛନ୍ତି, ସେସବୁ କିଛି ବି ଫଳପ୍ରଦ ହେଉନାହିଁ। ଏପରିକି ଧାନର ଯେଉଁ ଏମ୍ଏସ୍‌ପି ଧାର୍ଯ୍ୟ ଦର ରହିଛି, ସେହି ଦର ମଣ୍ଡିରେ ଚାଷୀମାନେ ପାଉ ନାହାନ୍ତି। ଟୋକନ, ଟାର୍ଗେଟ, ଟ୍ରକ୍ ଏସବୁ ବାହାନାରେ ଚାଷୀର ଧାନ ଉଠୁନାହିଁ। ୟୁକ୍ରେନ୍, ଇସ୍ରାଏଲ ଭଳି ଦେଶ ଚାଷରେ ବହୁବାଟ ଆଗେଇ ଥିବାବେଳେ ଆମ ଦେଶ ଓ ରାଜ୍ୟରେ କୃଷି କ୍ଷେତ୍ରରେ ଆୟ ବଢୁନାହିଁ। କନ୍ଧମାଳ ହଳଦୀଠାରୁ ବଲାଙ୍ଗୀର ପିଆଜ, ଦେବଗଡ଼ର ଫଳ ଚାଷ, ନବରଙ୍ଗପୁରର କପାଚାଷ କାହାର ସୁରକ୍ଷା ପାଇଁ ରାଜ୍ୟ ସରକାର କିଛି ବି କରୁ ନାହାନ୍ତି। ଫଳରେ ଏଠାରେ ଚାଷୀ କେବଳ ବଞ୍ଚି ରହିଛି, ମାତ୍ର ତା’ର ଶିକ୍ଷା, ସ୍ୱାସ୍ଥ୍ୟ ଆର୍ଥିକ ଆୟର ଗ୍ୟାରେଣ୍ଟି ନାହିଁ। ଛତିଶଗଡ଼ ଧାନ ଉପରେ ବୋନସ ଦେଉଥିବାବେଳେ ଆମ ସରକାର ପଛଘୁଞ୍ଚା ଦେଉଛନ୍ତି। ସେହିପରି କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା ହେବ ବୋଲି କରିଥିବା ଘୋଷଣା ଏବେ ଧୂଆଁବାଣରେ ପରିଣତ ହୋଇଛି ବୋଲି ଅକ୍ଷୟ କହିଛନ୍ତି। ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ, ନିମାଇଁ ରାୟ, ରଶ୍ମିରଞ୍ଜନ ସ୍ୱାଇଁ ଏବଂ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର ସୂଚନା ଦେଉଛନ୍ତି।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଏଏସ୍‌ଆଇ

### କୋହଲ ଦଫା ପାଇଁ ଲାଞ୍ଚ ନେଉଥିଲେ

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୧୦।୬(ଡି.ଏନ୍.ଏ.)

ଏକ ମାମଲାରେ କୋହଲ ଦଫା ଲଗାଇବା ପାଇଁ ଜଣେ ମହିଳାଙ୍କଠାରୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଖୋର୍ଦ୍ଧା ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବୋଲଗଡ଼ ଥାନା ଏଏସ୍ଆଇ ଭଗବାନ ସ୍ୱାଇଁ। ଭିଜିଲାନ୍ସ ଟିମ୍ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛି। ସୂଚନା ମୁତାବକ, ବୋଲଗଡ଼ ଥାନା ଅଧୀନ ଖରିଡ଼ାପଲ୍ଲୀ ଅଞ୍ଚଳର ଜଣେ ମହିଳାଙ୍କ ପୁଅ ଓ ତା’ର ସହଯୋଗୀଙ୍କ ବିରୋଧରେ କୌଣସି ଏକ ଘଟଣାରେ ଏପ୍ରିଲରେ ଥାନାରେ ମାମଲା ରୁଜୁ ହୋଇଥିଲା। ଏନେଇ ମହିଳା ଜଣଙ୍କ ମାମଲା ସଂକ୍ରାନ୍ତରେ ଏଏସ୍ଆଇ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। କୋହଲ ଦଫା ଲଗାଇବା ପାଇଁ ସ୍ୱାଇଁ ତାଙ୍କୁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସେ ଖୋର୍ଦ୍ଧା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଥାନା ପରିସରରେ ଏଏସ୍ଆଇ ସ୍ୱାଇଁ ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ପ୍ରଥମେ ଖୋର୍ଦ୍ଧା ପରେ ଭୁବନେଶ୍ୱର ଭିଜିଲାନ୍ସ ଅଫିସକୁ ନେଇଯାଇଛନ୍ତି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୪/୨୨) ରୁଜୁ ହୋଇଛି। ଏଏସ୍ଆଇ ସ୍ୱାଇଁଙ୍କ ବୋଲଗଡ଼ ସରକାରୀ ବାସଭବନ ଓ ବାଙ୍କୀ ଥାନା ଦୁଲଣାପୁର ସ୍ଥିତ ପୈତୃକ ଘରେ ମଧ୍ୟ ଚଢ଼ାଉ ହୋଇଥିବା ଖୋର୍ଦ୍ଧା ଭିଜିଲାନ୍ସ ଅଧିକାରୀ ମନୋରଞ୍ଜନ ପାଇକରାୟ କହିଛନ୍ତି।



ଭଗବାନ ସ୍ୱାଇଁ

# ଓଏସ୍‌ଓୟୁ ସାମାଜିକ ମୁଖ୍ୟ ସ୍ରୋତର ସେତୁ

### ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୦।୬(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ସ୍ୱଳ୍ପ ସମୟ ମଧ୍ୟରେ ଅନେକ ସଫଳତା ହାସଲ କରିଛି। ଏହି ଧାରା ଜାରି ରହିଲେ ବିଶ୍ୱ ବିଦ୍ୟାଳୟ ଶିଖର ଛୁଇଁବ। ଏଥିପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସମସ୍ତ ସହଯୋଗ କରିବାକୁ ପ୍ରତିବଦ୍ଧ। ଓଏସ୍‌ଓୟୁର ସାମାଜିକ କର୍ତ୍ତବ୍ୟ ଉଚ୍ଚ ପ୍ରଶଂସନୀୟ। ଜେଲ ଅନ୍ତେବାସୀଙ୍କୁ ଉଚ୍ଚ ଶିକ୍ଷାଦାନ କରି ସମାଜର ମୁଖ୍ୟ ସୋତ୍ରରେ ସାମିଲ କରିବା ପାଇଁ ଓଏସ୍‌ଓୟୁ ସେତୁ ହୋଇଛି। ବିଶ୍ୱବିଦ୍ୟାଳୟର ସପ୍ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ଏହା କହିଥିଲେ।

ଓଏସ୍‌ଓୟୁ କୁଳପତି ପ୍ରଫେସ ଅର୍କ କୁମାର ଦାସମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟପ୍ରଦେଶ ସରକାରଙ୍କ ଆଡ୍‌ମିଶନ ଓ ଫି’ ରେଗୁଲେଟୋରି କମିଶନ ଅଧ୍ୟକ୍ଷ ରବୀନ୍ଦ୍ର କନହରେ ଯୋଗଦେଇ ପ୍ରତିଷ୍ଠା ଦିବସର ଦୀକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, ପାରମ୍ପରିକ ଶିକ୍ଷା ଓ ମୁକ୍ତ ଦୂର ଶିକ୍ଷା ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଜାତୀୟ ନୂତନ ଶିକ୍ଷାନୀତିରେ ମୁକ୍ତ ଶିକ୍ଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ପର୍ଯ୍ୟଟନ ଶିଳ୍ପ ଜଡିତ ରହିଛି। ସମ୍ବଲପୁରୀ ଶାଢୀ, ରେଶମ କିଟ, ଚିଲିକାର ମାଛ ଓ ଚିଙ୍ଗୁଡି ଚାଷ, ଜଳଜୀବଙ୍କ ଖାଦ୍ୟ ପ୍ରକ୍ରିୟାକରଣ ପାଠ୍ୟକ୍ରମରେ ସାମିଲ କଲେ ବିଦ୍ୟାର୍ଥୀମାନେ ସ୍ୱାବଲମ୍ବୀ ହୋଇପାରିବେ। ଚାରୁ କଳା, କାରୁ କଳା, ବାନ୍ଧ କଳା ଭଳି ବିଷୟ ପାଠ୍ୟକ୍ରମରେ ସାମିଲ ହୋଇପରିବ। ଓଡ଼ିଶୀ, ସମ୍ବଲପୁରୀ, ଛଉ ନୃତ୍ୟକୁ ଶାସ୍ତ୍ରୀୟ ଓ ଲୋକନୃତ୍ୟକୁ ନେଇ ସାର୍ଟିଫିକେଟ କୋର୍ସ କରାଯାଇ ପାରିବ ବୋଲି କହିଥିଲେ। ସେହିପରି କୁଳପତି ମହାପାତ୍ର କହିଥିଲେ, ୨୦୪୦ ମସିହା ସୁଦ୍ଧା ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ଓ ପାଠ୍ୟକ୍ରମ ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟ ରହିଛି। ନିକଟରେ ଡାଟା ସାଇନ୍ସ, ସାଇବର ସିକ୍ୟୁରିଟି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଗ୍ରାଫିକ ଡିଜାଇନ, ମେସିନ ଲର୍ଣ୍ଣିଂ ପ୍ରଭୃତି ୨୫ ପାଠ୍ୟକ୍ରମ ରହିଛି ବୋଲି କହିଥିଲେ। ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି ଯୋଗ ଦେଇ ମତ ରଖିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ମାନସ ରଞ୍ଜନ ପୂଜାରୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।




ଓଏସ୍‌ଓୟୁରେ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି।

# ୧୪୮ ସରକାରୀ ହସ୍ପିଟାଲରେ ଇ-ପଞ୍ଜୀକରଣ

### ରାଜ୍ୟ ସରକାରଙ୍କ ସହ ସି-ଡାକ୍‌ର ଚୁକ୍ତିନାମା

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ରାଜ୍ୟର ଆଉ ୧୪୮ ସରକାରୀ ହସ୍ପିଟାଲରେ ଇ-ପଞ୍ଜୀକରଣ ବ୍ୟବସ୍ଥା ହେବ। ୩୧ ଡିଏଚ୍‌ଏଚ୍, ୧୧ ଏମ୍‌ସିଏଚ୍ ଓ ୧୦୬ ୟୁପିଏଚ୍‌ସିଠାରେ କଷ୍ଟୋମାଇଜଡ ହସ୍ପିଟାଲ ମ୍ୟାନେଜମେଣ୍ଟ ଇନ୍‌ଫରମେଶନ୍ ସିଷ୍ଟମ୍ ଲାଗୁ କରାଯିବ। ଏଥିପାଇଁ ଶୁକ୍ରବାର ରାଜ୍ୟ ସରକାର ଓ ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ଅଫ୍ ଆଡ୍‌ଭାନ୍ସଡ କମ୍ପ୍ୟୁଟିଙ୍ଗ(ସି-ଡାକ୍) ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ଓ ସି-ଡାକ୍ ପକ୍ଷରୁ ରାଜୀବ ଯାଦବ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହାଦ୍ୱାରା ରାଜ୍ୟର ଜନସାଧାରଣ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପକୃତ ହୋଇପାରିବେ। ଏହା ମାଧ୍ୟମରେ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ସହ ଓପିଡି ପାଇଁ ରେଜିଷ୍ଟ୍ରେଶନ୍ କରାଯାଇପାରିବ। ଲୋକେ ଆଉ ଧାଡ଼ିରେ ଠିଆ ନ ହୋଇ ଘରେ ବସି ମୋବାଇଲ୍ ଆପ୍ଲିକେଶନ ମାଧ୍ୟମରେ ଡାକ୍ତରଙ୍କଠାରୁ ଆପଏଣ୍ଟମେଣ୍ଟ ନେଇପାରିବ। ଏହା ମାଧ୍ୟମରେ ଇଲେକ୍ଟ୍ରୋନିକ୍ ହେଲ୍‌ଥ ରେକର୍ଡ ସାଇତି ରଖାଯିବା ସହ ବିଭିନ୍ନ ନିଦାନର ରିପୋର୍ଟ ମଧ୍ୟ ମିଳିପାରିବ। ସି-ଡାକ୍ ପକ୍ଷରୁ ସଫ୍ଟୱେୟାର ଏବଂ ଓକାକ୍ ପକ୍ଷରୁ ହାର୍ଡ୍‌ୱେୟାର ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ, ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି, ଡିଏମ୍‌ଇଟି ଡା. ରମାରମଣ ମହାନ୍ତି ଓ ଓକାକ୍‌ର ସିଇଓ ମନୋଜ କୁମାର ପଟ୍ଟନାୟକ ଏବଂ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ତଥା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାରଙ୍କ ତରଫରୁ ହସ୍ପିଟାଲ ମ୍ୟାନେଜ୍‌ମେଣ୍ଟ ଇନ୍‌ଫରମେଶନ ସିଷ୍ଟମ୍ ଲାଗୁ କରିବା ନିମନ୍ତେ ପାଇଲଟ୍ ପ୍ରୋଜେକ୍ଟ ଭାବେ ସି-ଡାକ୍ ସହ ଏକ ଚୁକ୍ତି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍, ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନ ଓ ସର୍ଦ୍ଦାର ବଲ୍ଲଭଭାଇ ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ) କଟକଠାରେ ଏହି ବ୍ୟବସ୍ଥା ସଫଳ ଭାବେ କାର୍ଯ୍ୟକାରୀ ହୋଇଛି।



ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର କରାଯାଉଛି।

# ଖେଳ ଶେଷ ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

### କ୍ରିକେଟ ମ୍ୟାଚ୍‌କୁ ନେଇ ଡିଜିପିଙ୍କ ସମୀକ୍ଷା ବୈଠକ

କଟକ ଅଫିସ, ୧୦।୬

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ଏନେଇ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଉଭୟ ଦେଶର ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡିଜିପିଙ୍କୁ ଅବଗତ କରାଇଥିଲେ। ଖେଳାଳିମାନେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରଠାରୁ ଖେଳ ଶେଷ ହେବା ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଖେଳାଳିଙ୍କ ହୋଟେଲରେ ରହଣି, ନେଟ୍ସ ଅଭ୍ୟାସ ସମୟରେ ଖେଳାଳିଙ୍କ ଭୁବନେଶ୍ୱରରୁ କଟକ ଗସ୍ତ ଏବଂ ପ୍ରତ୍ୟାବର୍ତ୍ତନ, ଖେଳ ଦିନ ଷ୍ଟାଡିୟମ ପରିସର ଓ ବାହାରେ ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଏଥିସହ ଟ୍ରାଫିକ ବ୍ୟବସ୍ଥା ସୁନିୟନ୍ତ୍ରିତ, ଗୁରୁତ୍ୱପୂର୍ଣ୍ଣ ଛକରେ ପୋଲିସ ମୁତୟନ, ଦର୍ଶକଙ୍କ ନିମନ୍ତେ ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଡିଜିପିଙ୍କୁ ଜଣାଇଥିଲେ। ସେହିପରି ଖେଳ ସୁପରିଚାଳନା ନିମନ୍ତେ ୩ ଡିସିପି, ୭ ଅତିରିକ୍ତ ଡିସିପି, ୩୨ ଏସିପି, ୪୫ ଇନ୍ସପେକ୍ଟର, ୨୭୭ ଏସ୍ଆଇ/ଏଏସ୍ଆଇ, ୨୧ ଟ୍ରାଫିକ ହାବିଲଦାର, ୯୨ ଟ୍ରାଫିକ କନଷ୍ଟେବଲ, ୧୭୬ ଏପିଆର କନଷ୍ଟେବଲ, ୪୩ ମହିଳା କନଷ୍ଟେବଲ, ୧୭୧ ହୋମଗାର୍ଡ ଏବଂ ୧୮୬ ସେକ୍ସନ ଫୋର୍ସ ମୁତୟନ କରାଯିବ ବୋଲି ପ୍ରିୟଦର୍ଶୀ ଡିଜିପିଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା) ଆର୍. କେ. ଶର୍ମା, କଟକ ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଡିଜିପି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା), ପୋଲିସ କମିଶନର ଓ କଟକ ଡିସିପି ବାରବାଟୀ ଷ୍ଟାଡିୟମକୁ ଯାଇ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ।

# ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

### ରଥଯାତ୍ରା ସମୀକ୍ଷା ବୈଠକ

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ତଥା କର୍ମଚାରୀମାନେ ନିଷ୍ଠାପର ଭାବରେ ନିଜର ଦାୟିତ୍ୱ ସମ୍ପନ୍ନ କରିବାକୁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ମନ୍ତ୍ରୀ ରଥଯାତ୍ରା ଉପଲକ୍ଷେ ବିଭାଗ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଓ ସରସସୁନ୍ଦର କରିବାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱଗୁଡ଼ିକ ବାବଦରେ ସଚେତନ ହୋଇ ସଫଳ ସମ୍ପାଦନରେ ଅଧିକାରୀ ତଥା କର୍ମଚାରୀମାନେ ପ୍ରତିବଦ୍ଧ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରଥଯାତ୍ରାର ବିଶ୍ୱ ପ୍ରସିଦ୍ଧିକୁ ଦୃଷ୍ଟିରେ ରଖି ପ୍ରଚାର, ବିଜ୍ଞାପନ ଓ ପ୍ରଦର୍ଶନୀ ଇତ୍ୟାଦି ନେଇ ବିଶେଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ। ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମୀକ୍ଷା ବୈଠକରେ ଯୋଗଦେଇ ସାମାଜିକ ଗଣମାଧ୍ୟମରେ ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ପ୍ରସାର ପାଇଁ ପରାମର୍ଶ ଦେବା ସହିତ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ବଳିତ ବିଭିନ୍ନ କିମ୍ବଦନ୍ତୀ, ଲୋକକଥା, ତଥ୍ୟର ପ୍ରଚାର ଉପରେ ବିଭାଗ ଗୁରୁତ୍ୱ ଦେବ ବୋଲି ଉଲ୍ଲେଖ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ବିଭାଗ ତରଫରୁ ହେବାକୁ ଥିବା କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ଦୂରଦର୍ଶନ ଜରିଆରେ ସିଧା ପ୍ରସାରଣ, ଅନ୍ୟାନ୍ୟ ବୈଦ୍ୟୁତିକ ଗଣମାଧ୍ୟମକୁ ଲାଇଭ୍ କମନ୍ ଫିଡ୍ ଯୋଗାଣ, ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ଖବରଦାତାମାନଙ୍କ ଗସ୍ତ, ସମ୍ମାନନୀୟ ଅତିଥିମାନଙ୍କ ପରିଚୟ, ବିଭିନ୍ନ ପ୍ରକାଶନର ରଥଯାତ୍ରା ବିଶେଷାଙ୍କ ବିକ୍ରୟ, ଫଟୋଚିତ୍ର ପ୍ରଦର୍ଶନୀ, ବିଜ୍ଞାପନ ପ୍ରସାରଣ ସହିତ ହୋର୍ଡିଂ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗ ଉପରେ ନିର୍ଦ୍ଦେଶକ ତ୍ରିପାଠୀ ଅବଗତ କରାଇଥିବା ବେଳେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତି ରଥଯାତ୍ରା ଦିନ ଉଭୟ ପତ୍ରିକାର ବିଶେଷାଙ୍କ ସଂଖ୍ୟା ଲୋକାର୍ପିତ ହେବ ବୋଲି ଉଲ୍ଲେଖ କରିଥିଲେ।

ଏହି ସମୀକ୍ଷା ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, କ୍ଷେତ୍ରୀୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।



ରଥଯାତ୍ରା ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟମାନେ।

**OFFICE OF THE NOTIFIED AREA COUNCIL KASHINAGAR, GAJAPATI**

Ph & Fax no: 06815-284215, e-Mail: kasinagarn.hud@nic.in

Letter No.1026/NAC Date:08.06.2022

**LIMITED TENDER CALL NOTICE**

**No.C-493:** Sealed quotations are invited for "Selection of agency for disposal of E-Waste" to the intending (buyers) authorized E-waste collection agencies /dismantler centers (dismantler / PROs / firms /suppliers /dealers /NGOs) registered with CPCB / OSPCB. The E-waste collected from Kashinagar NAC is stored / stacked in Material Recovery Facilities (MRFs). The bidder shall quote the buying price of the e-waste already collected and stacked in MRF centre of Kashinagar NAC. The bidder must submit the application along with the financial documents on or before **24.06.2022 at 05:30 PM** through by postal / courier. Applications received after due date and time shall be summarily rejected and Kashinagar NAC is not responsible for any delay of postal / courier delivery. The received applications shall be opened on **27.06.2022 at 11:00 AM** in the office of Kashinagar NAC. The authority reserves the right to accept, cancel or reject the quotation without assigning any reason thereof.

**Sd./- Executive Officer, NAC, Kashinagar**

**OIPR-13116/11/0005/2223**

GOVT. OF ODISHA

**DEPARTMENT OF WATER RESOURCES**

O/o. THE SUPERINTENDING ENGINEER, PRACHI DIVISION, BHUBANESWAR - 12

E-mail: prachi.division@yahoo.co.in, Phone: 0674-2562427, Fax: 0674-2562472

No. 3133 Dt.08.06.2022

**e-PROCUREMENT NOTICE No. SEPRD-09/2022-23**

No. A-316: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tendersorissa.gov.in** complete online process only.

| | | | |
|---|---|---|---|
| 01 | Nature of work | : | Canal Works, embankment works & structure works |
| 02 | No. of works | : | 7 Nos. |
| 03 | Bid Identification No. | : | SEPRD - 09/2022-23 |
| 04 | Estimated Cost | : | 6.00 Lakhs to Rs.71.00 Lakhs |
| 05 | Earnest Money Deposit | : | Referred to DTCN |
| 06 | Cost of Tender Paper | : | Referred to DTCN |
| 07 | Period of Completion | : | Referred to DTCN |
| 08 | Date & time of availability of Bid documents in the portal | : | From 10.06.2022 (11.00 A.M.) to 17.06.2022 (5.00 P.M.) |
| 09 | Date and time of opening of Tender Document & online bids | : | 18.06.2022 at 11.00 A.M. |
| 10 | Date of Lottery (In case of situation arises) | : | 22.06.2022 at 11.00 A.M. |
| 11 | Name and address of the Officer Inviting Bid | : | Superintending Engineer, Prachi Division, Bhubaneswar - 12, E-mail: **prachi.division@yahoo.co.in**, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal **www.tendersorissa.gov.in**.

**Sd./- Superintending Engineer**
**Prachi Division, Bhubaneswar**

**OIPR-32096/11/0004/2223**

GOVERNMENT OF ODISHA

**HEALTH & FAMILY WELFARE DEPARTMENT**

**NOTICE**

**File No. HFW-AYUR-AYURM-0020-2022/2590/H Dated: 07.06.2022**

No. E-209: The Counselling of 147 canddiates recommended for the post of Ayurvedic Medical Officers who have been selected pursuant to OPSC Advt. No. 2 of 2021-22 will be held through online counselling from 15.06.2022 to 19.06.2022. Accordingly, the concerned candidates will have to participate in the online Counselling and to lock their choices in order of preference through the proforma to be made available in the website of Directorate of AYUSH i.e. **https://ayushodisha.nic.in**.

The Counselling Serial Number of 147 selected Ayurvedic Medical Officers as per the Resolution No. 14327, dated 04.07.2017 of GA & PG Department along with vacancy position is available in the website of Health & Family Welfare Department.

Hence, all the 147 selected candidates are hereby requested to participate in the online counselling from 15.06.2022 to 19.06.2022 in the website **https://ayushodisha.nic.in**.

**Sd./- Joint Secretary to Government**

**DISCLAIMER:** The candidates are allowed to exercise as many options, for place of posting, as available in the website. The place of posting of the candidates, who fail to obtain their choice of posting after the outcome of this counselling, will be done randomly by the system.

**OIPR-10001/11/0012/2223**

**ADVERTISEMENT**

No. S-04: Directorate of Treasuries & Inspection (DT&I), Odisha, Bhubaneswar intends to engage **10 Nos. of OSDs** for a period of One year or till the filling up of vacancies whichever is earlier as per GA Deptt. notification No. 23750 Dt.27.08.14. Retired Ministerial Service Officers of HoD Cadre whose age is below 64 years as on Dt.01.06.2022, who are well conversant with the Treasury work as well as Govt. Office work and having sound knowledge on computer application in office work may apply in the prescribed Application Form (available in office website i.e. **https://www.odishatreasury.gov.in/webportal/newtender.do**) for engagement as OSD. A consolidated remuneration of **Rs.13,000/- per month** will be paid to the selected candidates during the period of engagement.

**The last date of receipt of the application is Dt.02.07.2022.**

The shortlisted candidates are required to appear for an interview which will be conducted on **Dt.11.07.2022 in the O/o. D.T.&I(O), BBSR at 11.30 A.M.**

**Sd./- R.N. Das**
**Director of Treasuries & Inspection**
**Odisha, Bhubaneswar**

**OIPR-05005/11/0002/2223**



# ଅନନ୍ତ ପଥର ଯାତ୍ରୀ

**ଡ. ହୃଷୀକେଶ ମଲ୍ଲିକ**

ରାଷ୍ଟ୍ର-ନାୟିକା ନନ୍ଦିନୀ ଶତପଥୀଙ୍କର ଜନ୍ମ ୯ ଜୁନ୍ ୧୯୩୧ରେ ଓ ପରଲୋକ ୪ ଅଗଷ୍ଟ ୨୦୦୬ରେ। ୭୫ ବର୍ଷର ଜୀବନ ଅବଧିରେ ଓଡ଼ିଶା ତଥା ଭାରତୀୟ ରାଜନୀତିକୁ ଦିଶା ପ୍ରଦାନରେ ଭାରତବର୍ଷର ଖୁବ୍ କମ୍ ରାଜନେତା ନନ୍ଦିନୀଙ୍କର ସମକକ୍ଷ। ବ୍ୟକ୍ତିଗତ ତଥା ସାମୂହିକ ଜୀବନର ଯାବତୀୟ ପ୍ରତିକୂଳତାରେ ସେ ସର୍ବଦା ଥିଲେ ଅଭୀକ-ଯାତ୍ରୀ। ତାଙ୍କର ଧ୍ୟେୟ ଥିଲା ସମାଜର ସବା ତଳସ୍ତରରେ ବଞ୍ଚିଥିବା ମଣିଷର ଉତ୍ଥାନ। ଆର୍ତ୍ତିର ଆର୍ତ୍ତ ମୁର୍ଚ୍ଛନରେ ଖରା ଓ ତରାକୁ ସେ ଏକ କରିଦେଉଥିଲେ। ମାନବ-ଦରଦର ଏହି ଉର୍ବର ଭୂମିରେ ଚେର ମାଡ଼ିଥିଲା ତାଙ୍କର ଅକ୍ଷର-କଳା।

'ଅନ୍ଧଗଳି' କବିତାଟିକୁ ନନ୍ଦିନୀ ଦେବୀ ଲେଖିଥିଲେ ୧୭ ଜୁଲାଇ ୧୯୭୬ରେ ଓ ତାହା ପତ୍ରସ୍ଥ ହୋଇଥିଲା 'ଧରିତ୍ରୀ'ରେ ୧ ଜାନୁୟାରୀ ୧୯୭୭ରେ। ଏହାର ପୃଷ୍ଠଭୂମିରେ ହୁଏତ ଥିଲା ଲେଖିକାଙ୍କ ଜୀବନର ଏକ ଝଞ୍ଜା-କ୍ଷୁବ୍ଧ ଅଧ୍ୟାୟ। ଚାରିଆଡ଼େ ଅନ୍ଧାର, ଆକାଶର କଳାମେଘରେ ଅଦିନ ଝଡ଼ର ସୂଚନା, ପ୍ରଲମ୍ବିତ ରାସ୍ତାରେ ଝାଞ୍ଜି ଆଉ ଖରା, ସବୁ ଗୃହେ ଦ୍ୱାର ରୁଦ୍ଧ, କ୍ଳାନ୍ତ 'କ୍ଳାନ୍ତିହୀନ-ପାନ୍ଥ'। ଏହି ପାନ୍ଥ ଜଣକ ତେବେ କିଏ, ଯଦି ନ ହୁଅନ୍ତି ଖୋଦ୍ ଲେଖିକା! ୧୯୭୬ (ଜରୁରିକାଳୀନ ସ୍ଥିତି) ମଧ୍ୟଭାଗରୁ ନନ୍ଦିନୀ ଦେବୀ ଶିକାର ହୁଅନ୍ତି ଦଳୀୟ ଷଡ଼ଯନ୍ତ୍ରର ଓ ୧୬ ଡିସେମ୍ବରରେ ହୁଏ ତାଙ୍କ ଶାସନର ପତନ। ପରେ ପରେ ନାନା ମନଗଢ଼ା ଅଭିଯୋଗରେ ପ୍ରତିପକ୍ଷମାନେ ଆରମ୍ଭ କରନ୍ତି ତାଙ୍କୁ ଲୋକଚକ୍ଷୁରେ ନିନ୍ଦିତ କରିବାର ଅଭିଯାନ। ବ୍ୟକ୍ତିଗତ ଓ ରାଜନୈତିକ ଆକ୍ରୋଶରେ ଭରାଟ ଜୀବନର ଏହି ପର୍ଯ୍ୟାୟଟି ସାହସିନୀ ଏକ ପଥୁକୀ ପାଇଁ 'ଅନ୍ଧଗଳି' ନୁହେଁ କି? କବିର ମନୋଭୂମି ଓ କବିତାର ପାଠ୍ୟ ଭିତରେ ଥିବା ସଂଯୋଗ ଯଦି ସତରେ ତିଆରି କରେ କବିତାର ସବୁଠୁଁ ଗ୍ରହଣୀୟ ଅର୍ଥ, ତେବେ 'ଅନ୍ଧଗଳି' ହିଁ ହେବ ତା'ର ପ୍ରକୃଷ୍ଟ ଉଦାହରଣ। 'ଅନ୍ଧଗଳି'ର ସ୍ରଷ୍ଟା ଏହି ମହନୀୟା କବୟିତ୍ରୀଙ୍କୁ ସଦ୍ୟଗତ ତାଙ୍କ ଜନ୍ମଦିନରେ ଶତଶତ ପ୍ରଣାମ!

ମୋ: ୯୮୫୩୨୮୭୭୫୫

## ଅନ୍ଧଗଳି

**ନନ୍ଦିନୀ ଶତପଥୀ**

ଅନନ୍ତ ପଥର ଯାତ୍ରୀ
କ୍ଳାନ୍ତି ଶବ୍ଦ
ଅଭିଧାନୁ ପୋଛି
କାଳର ଗତିକୁ ଡେଇଁ
ଚାଲିବାକୁ ମନସ୍ଥ କରିଛି।
ଭାଂଗି ବାଟ
ଛାଇ ଖୋଜି
ଗଳିରେ ପଶିଲା,
କ୍ଷଣେ ଠିଆହେଲା।
''ଆଉ ଟିକେ ଛାଇ ହେଲେ
ବିଶ୍ରାମ ହୁଅନ୍ତା
ଆଗକୁ ଚାଲିବା ପାଇଁ
ବଳ ବି ଆସନ୍ତା।''

ଚାଲିଲା ପଥିକ
ଅନନ୍ତ ପଥର ଯାତ୍ରୀ...
କ୍ଳାନ୍ତି ଯା'ର ଜାତକରେ ନାହିଁ।
ଆକାଶରେ କଳାମେଘ
ସୂଚନା ଯା' ଅଦିନ ଝଡ଼ର
ବୈଶାଖର ଖରା ଆଉ ତାତି...
ଅନେକ ଲମ୍ବା ରାସ୍ତା—
ଅନେକ ଅନେକ ଲମ୍ବା...
ଝାଞ୍ଜି ଆଉ ଖରା
ସହି ସହି
ପାଦ ଆଉ ମୁଣ୍ଡ ତାତିଗଲା।
ହଠାତ୍ ପାଖରେ ଗଳି ଏକ
ଅଚିହ୍ନା ଅଜଣା।

କିଛି କିଛି ଛାଇ ବୋଧେ
ଘର ବା ଗଛର।
ପଥ ତ ଅନେକ ଦୀର୍ଘ
ଗତି ବି ଅନନ୍ତ।
ଛାଇ ତଳେ ଦଣ୍ଡେ ଠିଆହେଲେ
ଭଲ ବି ଲାଗନ୍ତା।
ପୁଣି ଚାଲିବାକୁ ବଳ ବି ଆସନ୍ତା।

... ...
ରୌଦ୍ରଦଗ୍ଧ ବାଟୋଇର
ବକ୍ଷ ସିକ୍ତ କରି
ଝରିଗଲା ବାରିଧାରା।
ଝଡ଼ ଆସି
ଦୋହଲାଇ ଦେଲା
ଶରୀରର ଅଣୁ ପରମାଣୁ।
'ଆଶ୍ରୟ, ଆଶ୍ରୟ'...
ଦ୍ୱାର ରୁଦ୍ଧ ଏଠି
ସବୁ ଗୃହେ।
ଆଗକୁ ଚାଲିଛି ପାନ୍ଥ
ଝଡ଼ ଆଉ ବୃଷ୍ଟି
ବହି ଅଙ୍ଗେ
ପଥ କାହିଁ?
'କ୍ଳାନ୍ତି'ହୀନ କ୍ଳାନ୍ତ ପାନ୍ଥ
ପଦ ନାହିଁ ଚଳେ।
ଅସାଡ଼ ଶରୀର
ଗଳି ଶେଷ ହେଲା ।।

(ରଚନା କାଳ: ୧୭।୦୭।୭୬)

# କବିତା

## ଧାନଚେର

**ବସନ୍ତ କୁମାର ଖିଲାର**

ନୁହେଁ ଖାଲି ଚାଷୀର
ସବୁ ଓଡ଼ିଆଙ୍କ ଜୀବନ ଯୋଡ଼ା
ଧାନଗଛ ସହ
ଚାକିରି, ବ୍ୟବସାୟ ଅବା ବିବିଧ ବୃତ୍ତି
ସବୁରି ଊର୍ଦ୍ଧ୍ୱରେ
ସମସ୍ତଙ୍କ ଅଦୃଶ୍ୟରେ
ଧାନଚେର ସହିତ ବନ୍ଧା
ଅୟୁତ ଓଡ଼ିଆର ଜୀବନ ଚେର।

ବୈଶାଖର ଝାଞ୍ଜିରେ ମୁଣ୍ଡରେ ଝାମ୍ପି
ହାତରେ ଲଙ୍ଗଳକଣ୍ଟି ଓ ପାଞ୍ଚଣ
ଦେହରେ ଗମ୍‌ଗମ୍ ଝାଳ
ହିଡ଼ ମୁଣ୍ଡରେ ଖଟା, ଶାଗ, ପଖାଳ
ସେତିକିରେ ପେଟ ଭରିଯାଏ
ଆତ୍ମା ପୂରିଉଠେ
କାମନା ଯେତେ ସଂକ୍ଷିପ୍ତ
ଦୁଃଖ ସେତେ ସଙ୍କୁଚିତ
ଏଇ ବୋଧେ ସରଳ ଜୀବନ ଦର୍ଶନ।

ଆଷାଢ଼ ଆକାଶର ମେଘ
ବିଜୁଳି, ଘଡ଼ଘଡ଼ି, ଘୋ' ଘୋ' ପବନ
ଧାନ ରୁଆ ପୋତା ଋତୁ
କାଦୁଅ ସଙ୍ଗରେ ଘଣ୍ଟାଚକଟା
ଚାଷୀର ରୂପାନ୍ତରିତ ଚେହେରା
କାଦୁଅର ଏକ ଜୀବନ୍ତ ମୂର୍ତ୍ତି।
ଅଶିଣରେ କିଆରିର ଧାନଫୁଲ
ଉଚ୍ଛୁଳିପଡ଼େ ରୂପସୀ
ଶୁଭ୍ର ପରୀମାନଙ୍କ ହସର ଜୁଆର।

ପୌଷର ପାଚିଲା ଧାନ
ପ୍ରାପ୍ତିର ପ୍ରତିଶ୍ରୁତି
ପ୍ରତିଟି ଧାନକେଣ୍ଡା ପାଲଟିଯାଏ
ସ୍ୱପ୍ନର ମାଇଲଖୁଣ୍ଟ।
ମାଘର ହାଡ଼ଥରା ଶୀତ
ଭେଦି ପାରେନା ଚାଷୀର ପିଞ୍ଜରା
ମିଞ୍ଜିମିଞ୍ଜି ଲଣ୍ଠନ ଆଲୁଅରେ
ବେଙ୍ଗଳା ପାଇଁ ପାଗଳ ସେ
ମହିଦାଣ୍ଡିରେ ବଳଦ ଯୁଟେ।
ଏମିତି ଗଡ଼େ ଚାଷୀର ଜୀବନ
ଝଡ଼, ବତାସ, ପ୍ରାକୃତିକ ବିପର୍ଯ୍ୟୟ
ସବୁ ସହେ, ଛାତିକୁ ପଥର କରେ
ଅଣ୍ଟାରେ ଗାମୁଛା ଭିଡ଼େ ଟାଣକରି।

ପୁଣି ଚାହେଁ ବୈଶାଖ ଜ୍ୟେଷ୍ଠର
ଚିହ୍ନା ଆକାଶକୁ
ମାଗୁଣି ତା' ଶଗଡ଼ ପାଇଁ
ଯାତ୍ରୀଙ୍କୁ ଚାହିଁଲା ଭଳି
ଖଲ୍ଲିକୋଟ ବଜାରରେ।
ଟାଣ ଖରାରେ
ପଥର ଭଳି ଟାଇଁଟାଇଁ
ମାଟିର ଛାତିରେ
ଜୋର୍ କରି ଜାବୁଡ଼ି ଧରନ୍ତି
ଲଙ୍ଗଳକଣ୍ଟିକୁ
ସେହି ଅଧା ଲଙ୍ଗଳା
ମହାତ୍ମାମାନେ।

ମୋ: ୯୯୩୭୭୭୯୧୬୮

### ଗୀତି-କବିତା

## ଗାଁ ଗୀତ

**ଧନଞ୍ଜୟ ସ୍ୱାଇଁ**

ମୁରୁକିହସାରେ ନିଦରୁ ଉଠଇ
ମୋ' ଗାଁ ସକାଳ ସୂର୍ଯ୍ୟ
ମାଇକାକରରେ ମୁହଁ ପଖାଳଇ
ଗୋଧୂଳି ପହର ସଞ୍ଜ... ।।୦।।

ସବୁ ବାପା ସେଠି ବୟସ୍କ ଦିଶନ୍ତି
ଋଣ କରି, ସୁଧ ଗଣି
ବୋଉ କୁମ୍ଭପକା ଦକ୍ଷିଣୀଶାଢ଼ିରେ
ଦିଶେ ଲକ୍ଷ୍ମୀ ଠାକୁରାଣୀ
ସେ ଗାଁରେ ମେଘଖଣ୍ଡେ ଆଉଜିଲେ
ସଅଳ ଆସଇ ରଜ
ମୋ' ଗାଁ ସକାଳ ସୂର୍ଯ୍ୟ... ।।୧।।

ଯୁଆଡ଼େ ଚାହିଁଲେ ସବୁ ଝିଅ ସେଠି
ସୁନ୍ଦରୀ ସୁଷମା ଭଳି
ସକାଳକୁ କହି ସଞ୍ଜେ ଆସନ୍ତି
ମିଛେଇ ପ୍ରେମିକା ପରି
ଦିଅଁ, ଦାଣ୍ଡଘର, ଦେଉଳଦୁଆର
ବାସେ ମୁରୁଜ, ମୁରୁଜ
ମୋ' ଗାଁ ସକାଳ ସୂର୍ଯ୍ୟ...।।୨।।

ମୋ: ୯୪୩୭୦୦୦୬୩୬

# ଆଗରେ ଦିଗ୍‌ବଳୟ

**ଜାହ୍ନବୀ ମିଶ୍ର**

''ସ୍ୱପ୍ନ କେବେ କ'ଣ ସତ ହୁଏ?'' -ପଚାରିଥିଲା ସାଙ୍ଗଟିଏ ଆର ସାଙ୍ଗକୁ।

ସେ କହିଥିଲା- 'ହଁ, ସ୍ୱପ୍ନ କେବେକେବେ ସତ ହୁଏ।'

- 'ତୋର କେବେ ସତ ହେଇଚି?'

- 'ହଁ ହେଇଚି, ଏଇ ଅଳ୍ପ କିଛିଦିନ ତଳେ।'

- 'ଆଚ୍ଛା କହିଲୁ ଟିକେ ଶୁଣିବା ତୋ' ସ୍ୱପ୍ନ ସତ ହେବାର କଥା।'

- 'ସ୍କୁଲରେ ପାଠ ପଢୁଥିବାବେଳେ ଅନେକ ଥର ଚିତ୍ରହାରରେ ଦେଖିଥିଲି, ନାୟିକା ତା'ର ଘେରବାଲା ଫ୍ରକ୍‌ଟିକୁ ଖୁବ୍ ଜୋର୍‌ରେ ଉଡ଼େଇ ଦେଇ ଚକାଭଉଁରି ଖେଳିଲା ପରି ଘିର୍‌ଘିର୍ ଘୂରି ବୁଲୁଥାଏ, ଆଉ ସେତେବେଳେ ତା' ଉପରେ ଶୂନ୍ୟରୁ, ମାନେ ଆକାଶରୁ ଫୁଲବର୍ଷା ହୁଏ। କେବେକେବେ ଫୁଲ ପାଖୁଡ଼ାଗୁଡ଼ିକ ବି ବର୍ଷା ହୁଅନ୍ତି। ମୋ' ପିଲା ମନରେ ଏ ଦୃଶ୍ୟଟି ସବୁବେଳେ ରୋମାଞ୍ଚ ଭରୁଥିଲା। ମୁଁ ଭାବି ହେଉଥିଲି- 'ବାଃ, କେତେ ବଢ଼ିଆ ଲାଗୁଥିବ କାହା ଉପରେ ଫୁଲବର୍ଷା ହେଲାବେଳେ।'

- 'ଓହୋ! ତାହେଲେ ତୋର ଏ ସ୍ୱପ୍ନଟା ଏବେ ପୂରଣ ହେଲା କି, ସତ ହେଇଗଲା କି ତୋର ଏ ପିଲାଦିନର ସ୍ୱପ୍ନଟା?'

-'ହଁ, ମୋ' ଉପରେ ପ୍ରଚୁର ଫୁଲବର୍ଷା ହେଲା ଠିକ୍ ଚିତ୍ରହାରର ନାୟିକା ଉପରେ ଫୁଲବର୍ଷା ହେଲା ପରି, ଆଉ ମୋ' ମୁଣ୍ଡ ଉପରେ, କୋଳରେ, ଦେହରେ ଏ ଫୁଲଗୁଡ଼ାକ ବେଶ୍ କିଛି ସମୟ ପାଇଁ ଜଡ଼େଇ ହେଇ ରହିଲେ ବି!'

- 'ସତରେ, ହାଓ ରୋମାଣ୍ଟିକ୍, ପୂରା କଥାଟା କହ ତ!'

- ''ଏଇ ଗତ ମାସରେ ପରିବାର ସହ ଯାଇଥିଲି ମଲ୍ଲିକାର୍ଜୁନ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବାକୁ ତେଲେଙ୍ଗାନା ରାଜ୍ୟର ଶ୍ରୀଶୈଳମ୍ ପୀଠକୁ। ଫେରନ୍ତାବାଟରେ ଅମରାବାଦ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଥିବା ତେଲେଙ୍ଗାନା ବନ ବିଭାଗର



କଟେଜ୍‌ରେ ଦୁଇଦିନ ରହିଥିଲୁ। ସେଇ ରହଣିବେଳେ ଦିନେ ସକାଳୁ ମୋ' ପରିବାର ଚାଲିଯାଇଥିଲେ ପାଖ ପାହାଡ଼କୁ ଟ୍ରେକିଂ କରିବାକୁ। ମୁଁ କିନ୍ତୁ ସେମାନଙ୍କ ସହ ଯୋଗ ନ ଦେଇ ଆମ କଟେଜ୍ ଆଗରେ ଗୋଟେ ବିରାଟ ଗଛମୂଳରେ ଥିବା ଏକ ବେଶ୍ ବଡ଼ ଆକାରର ପଥର ଉପରେ ବସି ସକାଳର ସ୍ନିଗ୍ଧ ଶୀତଳ ପରିବେଶକୁ ଉପଭୋଗ କରୁଥାଏ। ଗଛର ଗଣ୍ଡିକୁ ଆଉଜି ନାନା ଜାତିର ଜଙ୍ଗଲିଆ ପକ୍ଷୀଙ୍କ ରାବକୁ ତନ୍ମୟ ହେଇ ଶୁଣୁଥାଏ। ଠିକ୍ ଏତିକିବେଳକୁ ମୋ' ଉପରେ ଫୁଲବର୍ଷା ହେଲା। ପାଖାପାଖି ପାଞ୍ଚ ମିନିଟ୍‌ଯାଏ ଅବାରିତ ଫୁଲବର୍ଷା। ମୁଁ ମୋ' ଆଞ୍ଜୁଳାକୁ ଆଗକୁ ଦେଖାଇ ଦେଲାରୁ ଆଞ୍ଜୁଳା ଭର୍ତ୍ତି ହେଇଗଲା ଫୁଲରେ। ମୋ' କୋଳ ଫୁଲରେ ଭର୍ତ୍ତି, ମୋ' ମୁଣ୍ଡ ଉପରେ ବି ଗୁଡ଼ାଏ ଫୁଲ। କହିବାକୁ ଗଲେ ମୁଁ କିଛି ସମୟ ପାଇଁ ଏକପ୍ରକାର ଫୁଲରେ ମଣ୍ଡି ହେଇଯାଇଥିଲି।''

- ''କିନ୍ତୁ ତୋ' ଉପରେ ଫୁଲବର୍ଷା କଲା କିଏ? ପୁଣି ଏତେ ଗୁଡ଼େ!''

- ''ସେଇ କଥା ଜାଣିବା ପାଇଁ ଫୁଲବର୍ଷା ଟିକେ ଥମିଯିବାରୁ ଉପରକୁ ଚାହିଁଲି। ଦେଖିଲି ଚାରି ପାଞ୍ଚଟା ପାତିମାଙ୍କଡ଼ ଫୁଲଭର୍ତ୍ତି ଗଛର ଡାଳଗୁଡ଼ାକୁ ଖୁବ୍ ଜୋର୍‌ରେ ନିଜନିଜ ଭିତରେ ପ୍ରତିଯୋଗିତା କଲାପରି ହଲାଇ ଚାଲିଛନ୍ତି। ଫଳସ୍ୱରୂପ ଗଛରୁ ଫୁଲଗୁଡ଼ିକ ବର୍ଷା ପରି ପଡୁଛନ୍ତି ମୋ' ଉପରେ। ଆଉ ସେ ଫୁଲବର୍ଷାରେ ଗାଧେଇ ସତ ହେଇଥିବା ମୋ' ସ୍ୱପ୍ନର ତରଙ୍ଗାୟିତ ମାଦକତା ଅନୁଭବ କରି ମୁଁ ଏକପ୍ରକାର ବିଭୋର ହେଇଯାଇଥିଲି।''

ଏଥର ସାଙ୍ଗଟି ଫିକ୍‌କିନା ହସିଦେଲା। ଏମିତି ହସୁହସୁ ତା' ଆଖି ଭରିଯାଇଥିଲା ଲୁହରେ। ଏବେ ପ୍ରଥମ ସାଙ୍ଗଟି ମନେମନେ ଖୁସି ହେଇଥିଲା- ଯାହା ହେଉ ଏତେ ଘଣ୍ଟାର କଥାବାର୍ତ୍ତା ପରେ କରୋନାରେ ସଦ୍ୟ ସ୍ୱାମୀହରା ତିନି ବର୍ଷର ଝିଅର ମା', ମୋ' ସାଙ୍ଗଟି ଟିକେ ହସିଲା।

ପ୍ରଥମ ସାଙ୍ଗଟି ପୁଣି ଆରମ୍ଭ କଲା- ''ତୋର ମନେଅଛି, ସ୍କୁଲ୍‌ବେଳେ ଆମ ଶ୍ରେଣୀରେ ତୁ' ଥିଲୁ ସବୁଠୁଁ ସାହସୀ। ଥରେ କେମିତି ଚତୁର୍ଥ ଶ୍ରେଣୀରେ ଗୋଟେ ବଡ଼ ହନୁମାଙ୍କଡ଼ ଆମ ଶ୍ରେଣୀ ଭିତରକୁ ପଶିଆସିଥିଲା। ସବୁ ପିଲା ତାକୁ ଦେଖି ଭୟରେ ରଡ଼ି ଛାଡ଼ିଥିଲେ, ତାକୁ କିନ୍ତୁ ତୁ ଏକା ଘଉଡ଼େଇ ଦେଇଥିଲୁ ବାହାରକୁ। ସବୁବେଳେ ସେଥିପାଇଁ କିଛି କଷ୍ଟ କାମ ଥିଲେ ତୁ' ଥାଉ ଆଗରେ, ଆଉ ପୂରା ଶ୍ରେଣୀଟାଯାକର ପିଲା ଥାଆନ୍ତି ତୋ' ପଛରେ।''

ଆଜି ବି ମୋର ଏଇ ସାଙ୍ଗ ମନରେ ଭରି ରହିଚି ଅସରନ୍ତି ସାହସ। ଜୀବନରେ ଅଚାନକ ଆସିଥିବା ଏ ଦୁର୍ଯୋଗକୁ ମୁକାବିଲା କରିବାକୁ, ନିଜେ ଆର୍ଥିକ ସ୍ତରରେ ନିର୍ଭରଶୀଳ ହେବାକୁ ମୋ' ସାଙ୍ଗ ଆଜି ବାହାରିଚି ବି.ଏଡ୍. ପାଠ ପଢ଼ିବାକୁ। ସାବାସ୍...। ଏତକ କହି ପ୍ରଥମ ସାଙ୍ଗଟି ଦ୍ୱିତୀୟ ସାଙ୍ଗର ପିଠିଥାପୁଡ଼ାଇ ଦେଇଥିଲା।

- 'ମୁଁ କ'ଣ ପାରିବି? ଏତେ ବର୍ଷର ବ୍ୟବଧାନରେ ପୁଣି ପାଠ ପଢ଼ିବି।'

ଶିଥିଳ ଅପରାହ୍ଣରେ ଗୋଟେ ଖୋଲା ପଡ଼ିଆରେ ବସି କଥା ହେଉଥିବା ଏଇ ଦୁଇ ସାଙ୍ଗଙ୍କ ଭିତରୁ ପ୍ରଥମ ସାଙ୍ଗଟି ତା' ହାତରେ ଦୂର ଦିଗ୍‌ବଳୟକୁ ଦେଖାଇ ଦେଇ କହିଥିଲା- ''ଦେଖ୍ ଆଗକୁ, ତୋ' ଦୃଷ୍ଟିକୁ ପ୍ରସାରିତ କର। ଯେଉଁଠି ତୋ' ଦୃଷ୍ଟି ସରୁଚି ସେଇଟା ହେଲା ଦିଗ୍‌ବଳୟ। ସେଠି ମିଶିଛି ଆକାଶ ପୃଥିବୀ ସହ। ମଣିଷର ଦୃଷ୍ଟି ଏକ ନିର୍ଦ୍ଦିଷ୍ଟ ସୀମାଯାଏ ପ୍ରସାରିତ ହେଇପାରେ। ତା'ପରେ ମଣିଷର ଦୃଷ୍ଟି ଆଉ ଦୃଶ୍ୟକୁ ଧରି ରଖିପାରେନା। ସର୍ବାଧିକ ପ୍ରସାରି ହେଇ ମଣିଷର ଦୃଷ୍ଟି ଯେଉଁଠି ସରେ, ସେଇଠି ଥାଏ ଦିଗ୍‌ବଳୟ, ସମ୍ଭାବନାରେ ଭରପୂର, ନ ହେଲେ କ'ଣ ସେଠି ପୃଥିବୀ ସହ ଆକାଶ ମିଶୁଥା'ନ୍ତା!

ମନରେ ସାହସ ବାନ୍ଧିବୁ, ପୂର୍ବ ପରି ପୁଣି ତୋ' ସଂସାରକୁ ନେଇ ସ୍ୱପ୍ନ ଦେଖ୍ ତୋ' ଅନ୍ତର୍ଦୃଷ୍ଟିକୁ ପ୍ରସାରିତ କରି ସବୁବେଳେ ଦିଗ୍‌ବଳୟ ଉପରେ ନିବଦ୍ଧ କର, ସମ୍ଭାବନାମାନଙ୍କୁ ସାଥୀ କର, ଦେଖିବୁ ତୋ' ସଂସାର ଏ ଦୁର୍ଯୋଗକୁ ପାର କରି ପୁଣି ଥରେ ଖିଲିଖିଲି ହେଇ ହସିଉଠିବ। ତୋ' ସଂସାରକୁ ନେଇ ତୁ ଦେଖିଥିବା ସ୍ୱପ୍ନ ସତ ବି ହେଇଯାଇପାରେ।

ପ୍ରଥମ ସାଙ୍ଗର କଥା ଛୁଇଁଥିଲା ଦ୍ୱିତୀୟ ସାଙ୍ଗଟିର ମନକୁ। ତା' ଆଖିରେ ଢଳଢଳ ହେଉଥିବା ଲୁହଗୁଡ଼ାକୁ ପୋଛି ପକାଇ ନିଜକୁ ସ୍ୱାଭାବିକ କରିବାକୁ ଯାଇ କହିଥିଲା- ''କ'ଣ ତୋ'ର ସ୍ୱପ୍ନ ପରି, ମାଙ୍କଡ଼ ଗଛ ଡାଳ ହଲାଇ ତୋ' ଉପରେ ଫୁଲବର୍ଷା କଲା ପରି!''

ଏଥର ଦୁଇ ସାଙ୍ଗ ହସି ଉଠିଥିଲେ ସଶବ୍ଦ ଅନ୍ତରଙ୍ଗତାର ହସ। ସେ ହସର ପ୍ରତିଧ୍ୱନି ସେଦିନ ନିଶ୍ଚୟ ଛୁଇଁଥିବ ଦିଗ୍‌ବଳୟର ସେ ସୀମାକୁ, ଯେଉଁଠି ଆକାଶ ଆଉ ପୃଥିବୀ ମିଶିଥିଲେ।

ମୋ: ୯୧୩୬୧୧୯୭୫୩

## କାଳକାଳକୁ

''ଅନୁଭବ ଓ ଆବେଗ ହେଉଛି ସାର୍ବଜନୀନ ଭାଷା, ମାନ୍ୟତାର ଯୋଗ୍ୟ। ଗଭୀରତମ ସ୍ଥିତିରେ ବ୍ୟକ୍ତିର ପ୍ରାମାଣିକ ପରିଚୟ।''

— ହେନ୍‌ରୀ ଲ'ସନ୍



**ହେନ୍‌ରୀ ଲ'ସନ୍‌ଙ୍କ** ଜନ୍ମ ୧୭ଜୁନ୍ ୧୮୬୭ରେ, ଅଷ୍ଟ୍ରେଲିଆର ଗ୍ରେନ୍‌ଫେଲ୍ ଠାରେ ଓ ପରଲୋକ ୨ ସେପ୍ଟେମ୍ବର ୧୯୨୨ରେ ଆବୋସ୍‌ଫୋର୍ଡରେ। ଉପନିବେଶୀୟ କାଳଖଣ୍ଡରେ ହେନ୍‌ରୀ ହେଉଛନ୍ତି ଅଷ୍ଟ୍ରେଲିଆର ବହୁ ପରିଚିତ କବି ଓ ଲେଖକ। ଅଷ୍ଟ୍ରେଲିଆର ସର୍ବପ୍ରଧାନ କଥାକାର ଭାବେ ତାଙ୍କୁ ଗଣାଯାଏ। ତାଙ୍କର ପ୍ରସିଦ୍ଧ ଗଳ୍ପ ମଧ୍ୟରେ 'ଦ ଡ୍ରୋଭର୍ସ ୱାଇଫ୍', 'ଦ ଲୋଡେଡ୍ ଡଗ୍' ଓ 'ଦ ବୁଶ୍ ଅଣ୍ଡରଟେକର' ଆଦି ପ୍ରଧାନ ଓ ବିଶିଷ୍ଟ କବିତାଗୁଡ଼ିକ ମଧ୍ୟରେ 'ଏ ଫାଣ୍ଟାସି ଅଫ୍ ୱାର୍', 'ଏ ଲିଟଲ୍ ମିଷ୍ଟେକ୍', 'ଏ ମେ ନାଇଟ୍ ଇନ୍ ଦ ମାଉଣ୍ଟେନ୍‌ସ' ଓ 'ଏ ମିକ୍ସଡ୍ ବ୍ୟାଟଲ୍ ସଙ୍ଗ୍' ଆଦି ପ୍ରମୁଖ। ପାଠାଗାର ସମ୍ପର୍କରେ ତାଙ୍କର ଧାରଣା ହେଲା— ''ଏହା ଏପରି ଏକ ଜାଗା, ଯେଉଁଠି ଜଣେ ତା'ର କୌମାର୍ଯ୍ୟକୁ ନ ହରାଇ ହରାଇପାରେ ତା'ର ସୌକୁମାର୍ଯ୍ୟ।''

## ପୁସ୍ତକ ପରିଚୟ

### ବୋଉ



**ସମ୍ପାଦନା:** କମଳ କୁମାର ମହାନ୍ତି
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୯୫/-

'ବୋଉ'କୁ ନେଇ ପଞ୍ଚସ୍ତରି ଜଣ କବିଙ୍କ ରଚିତ କବିତାର ଏଇ ମନୋଜ୍ଞ ସଂକଳନଟି କବିତା ନିର୍ବାଚନ ଓ ପ୍ରକାଶନଗତ ସୌଷ୍ଠବ ପାଇଁ ବେଶ୍ ରୁଚିନିଷ୍ଠ ହୋଇଛି। ଅକ୍ଷରକ୍ରମରେ କବିମାନଙ୍କୁ ସମ୍ପାଦକ ସଜେଇଛନ୍ତି। ଅନ୍ନପୂର୍ଣ୍ଣା ମହାନ୍ତିଙ୍କଠୁଁ ଆରମ୍ଭ ହୋଇଛି ଓ ସରିଛି ହୃଷୀକେଶ ମଲ୍ଲିକଙ୍କଠାରେ। ମଝିରେ ବହୁ ପ୍ରବୀଣ ଓ ନବୀନ କବି- ଯହିଁରେ ସାମିଲ ଅନ୍ନପୂର୍ଣ୍ଣା ମହାନ୍ତି, ଅବଦୁଲ୍ ଓସିଦ୍ ଖାଁ, ଅମୀୟବାଳା ପଟ୍ଟନାୟକ, ଅଶୋକ ମହାନ୍ତି, ଅଶ୍ୱିନୀ କୁମାର ମିଶ୍ର, ଅକ୍ଷୟ ବେହେରା, ଆଶୁତୋଷ ପରିଡ଼ା, ଇପ୍‌ସିତା ଷଡ଼ଙ୍ଗୀ, ଉମାକାନ୍ତ ରାଉତ (ଅରୂପ), କମଳ କୁମାର ମହାନ୍ତି, ଗାୟତ୍ରୀବାଳା ପଣ୍ଡା, ଗିରିଜା କୁମାର ବଳିୟାରସିଂହ, ତୁହିନାଂଶୁ ରଥ, ପିନାକୀ ସିଂହ, ପୀତାମ୍ବର ତରାଇ, ପ୍ରବାସିନୀ ମହାକୁଡ଼, ପ୍ରହଲ୍ଲାଦ ଶତପଥୀ, ପ୍ରମୋଦ କୁମାର ମହାନ୍ତି, ବନଜ ଦେବୀ, ବାଦଲ ମହାନ୍ତି, ବୀଣାପାଣି ପଣ୍ଡା, ମମତା ଦାଶ, ମନୋରମା ବିଶ୍ୱାଳ ମହାପାତ୍ର, ରତ୍ନାକର ରାଉତ, ଶ୍ରୀନିବାସ ଉଦ୍‌ଗାତା, ସରୋଜ ବଳ, ସୀତାକାନ୍ତ ମହାପାତ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ ଓ ସୌଭାଗ୍ୟବନ୍ତ ମହାରଣା ପ୍ରମୁଖ। ବହି ଖୋଲିଲେ 'ବୋଉ'କୁ ନେଇ ରୁଡ୍‌ୟାର୍ଡ କିପ୍‌ଲିଙ୍ଗ୍‌ଙ୍କ କାଳଜୟୀ ଉଲ୍ଲେଖ ଆଖିରେ ପଡ଼େ: ''God could not be everywhere and therefore he made mothers.'' ସମ୍ପାଦକଙ୍କ 'ବୋଉ କଥା' ଶୀର୍ଷକ ଆଦ୍ୟଲେଖ ବୋଉର ବର୍ତ୍ତମାନ ଓ ଅବର୍ତ୍ତମାନକୁ ଝୁରିହୁଏ। ଶେଷ ପୃଷ୍ଠାରେ ମେକ୍‌ସିମ୍ ଗର୍କିଙ୍କ ମନ୍ତବ୍ୟ 'ନିଜ ସନ୍ତାନସନ୍ତତିଙ୍କ ମାଧ୍ୟମରେ ବୋଉ ହିଁ ଭବିଷ୍ୟତକୁ ଜନ୍ମଦିଏ'ର ଭୁଲିହେବାର ନୁହେଁ। କବି କମଳଙ୍କର ବୋଉ-ଉଦ୍ୟମ ମହାକାଳର ସଂପୁଟରେ ମୁକ୍ତା ହୋଇ ରହିବ- ଏ ବିଶ୍ୱାସ ରଖିହୁଏ।

### ବଦଳୁଥିବା ଠିକଣା



**ଲେଖକ:** ମିହିର କୁମାର ସାହୁ
**ପ୍ରକାଶକ:** ଲେଖାଲେଖି, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୨୦୦/-

'ଠିକଣା ବଦଳୁଥାଏ' ଶୀର୍ଷକରେ ପ୍ରତିଭା ରାୟ ଲେଖିଛନ୍ତି: ''ବଦଳୁଥିବା ଠିକଣା ନାମକରଣଟି ଅତ୍ୟନ୍ତ ସୁନ୍ଦର। ସୂକ୍ଷ୍ମ ଭାବରେ ଚିନ୍ତା କଲେ ବୁଝିହେବ ଯେ ପ୍ରତିଦିନ ମଣିଷର ଠିକଣା ବଦଳୁଥାଏ। ବାସ୍ତବରେ ଜୀବନଟା ହେଉଛି ବଦଳୁଥିବା ଠିକଣା।'' ବହିଟିସାରା ମିହିର ଜୀବନର ଲୁହ ଓ ଲହୁ, ଦୁଃଖ ଓ ବିଷାଦ, ସ୍ମୃତି ଓ ସ୍ୱପ୍ନକୁ ସମ୍ପାଦିଛନ୍ତି ମନଘେନା ଭାଷାରେ। ଜନ୍ମରୁ ଆରମ୍ଭ ହୋଇ କ୍ରମେ ଗତିଶୀଳ ହୋଇଛି ମିହିରଙ୍କ ଜୀବନ-ଯାତ୍ରା। ମୋଟ ୨୪ଟି ଅଧ୍ୟାୟ- ପ୍ରଥମ ଅଧ୍ୟାୟର ଶୀର୍ଷକ 'ମହାଜନ ଘର' ଓ ଶେଷ ଅଧ୍ୟାୟର ଶୀର୍ଷକ 'ଅନ୍ନଦାଶଙ୍କର, ପୁଅ ଅମିତ୍ ଓ ବହି-ପାହାଡ଼ର ଉପହାର'। ଏଥିରେ ଥିବା 'ଜେଜେମା'ର ମୃତ୍ୟୁ', 'ଶ୍ରୀବଳଦେବଜୀଉ ମନ୍ଦିର ଆମ ଗାଁ ଇଚ୍ଛାପୁର', 'ବାପାମା'ଙ୍କ ସାହିତ୍ୟ ରୁଚି', 'ଶାନ୍ତିନିକେତନ ଯାତ୍ରା ଓ ମୋ' ପାଠପଢ଼ା', 'ପ୍ରଥମ ଗପ ବହି, ପ୍ରଥମ ପ୍ରେମିକା-ପତ୍ନୀ ଓ ବିଶ୍ୱଭାରତୀ ପ୍ରାକ୍ତନୀ' ଆଦି ପରିଚ୍ଛେଦଗୁଡ଼ିକ ପଢ଼ି ବସିଲେ ମନ ଛାଡ଼େନି। ଲେଖକ ଲେଖିଛନ୍ତି ବହିଟି ସହ ଅକାଳରେ ପରଲୋକଗତା ପତ୍ନୀ ମିଲିଙ୍କ ସଂଯୋଗର କଥା- 'ଉତ୍ସର୍ଗ' ତେଣୁ ପାଠିକାପାଠକଙ୍କ ମନରେ ଆରମ୍ଭରୁ ଏକ ହାହାକାର ଗଢ଼ିତୋଳେ, ଯେଉଁ ହାହାକାର ସକଳ ସୁଆଦ ସତ୍ତ୍ୱେ ଜୀବନର ନିରର୍ଥକତାର ସ୍ଥାୟୀ ହାହାକାର। ବହିଟିରେ ମିହିର ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କ ସହ ନିଜର ସମ୍ବନ୍ଧକୁ ଚାକ୍ଷୁଷ କରିବା ପାଇଁ କେତେକ ଫଟୋଚିତ୍ର ଦେଇଛନ୍ତି, ଯଦିଓ ସେଗୁଡ଼ିକ ଯୁଗରୁଚିକୁ ପ୍ରତିଫଳିତ କରନ୍ତି ନାହିଁ। 'ବଦଳୁଥିବା ଠିକଣା'ର ପ୍ରଥମ ଖଣ୍ଡ ଭିତରେ ମିହିର ଦ୍ୱିତୀୟ ଖଣ୍ଡଟି ପାଇଁ ଅନେକ ଶୋଷ ସାଇତି ଯାଇଛନ୍ତି।

## ବର୍ଷାରେ ସ୍ମୃତି

**ରାଧାରାଣୀ ତ୍ରିପାଠୀ**

ଅପରାହ୍ଣ ସମୟ। ସ୍ୱାମୀଙ୍କ ଅଫିସ୍‌ରୁ ଫେରିବା ସମୟ ଆହୁରି ବାକି। ଭଡ଼ାଘର ଝରକାର ରେଲିଂକୁ ଧରି ବଉଦଘେରା ଆକାଶକୁ ଚାହିଁଛନ୍ତି ନିବେଦିତା। ସନ୍ଧ୍ୟା ଚାରିଟାରେ ବି ଏଇନେ ସକାଳ ହେଲା ପରି ଦିଶୁଛି ପରିବେଶ। ଥମ୍‌ଥମ୍ ହେଉଛି ମେଘ। ଏଇନେ କାଟିଦେବ ପରା।

ହଠାତ୍ ଘଡ଼ଘଡ଼ି ସାଙ୍ଗକୁ ବିଜୁଳି ଚମକିଲା ପଶ୍ଚିମ ଆକାଶରେ। ଚାହୁଁ ଚାହୁଁ ଅଜାଡ଼ି ଦେଇଗଲା କିଛି ବରକୋଳିଆ ଟୋପା। ବର୍ଷାର ସ୍ପର୍ଶ ପାଇ ଦାଣ୍ଡଧୂଳିରୁ ବିଛାଡ଼ି ହୋଇ ପଡ଼ିଲା ଏକ ଚିହ୍ନା ଚିହ୍ନା ବାସ୍ନା। ମାଟି ମାଆର ମମତାବୋଳା ସୁଗନ୍ଧ। କି ଅମାୟିକ ସତରେ! ବିଭୋର ହୋଇଗଲେ ନିବେଦିତା। ବୟସର ଅପରାହ୍ଣରେ ବି କିଶୋରୀ କନ୍ୟା ପରି ପୁଲକି ଉଠିଲା ତାଙ୍କ ତନୁମନ।

ଧୀରେ ଧୀରେ ଚାଳିଶ ବର୍ଷ ପଛକୁ ଫେରି ଯାଉଥିଲେ ସେ। ଏଇମିତି ପହିଲି ବର୍ଷା ଆସିବା ଆଗରୁ ତାଙ୍କ ବାଡ଼ିପଟ ତଥା ଖଳାବାଡ଼ିରେ ବାପାଙ୍କ ସହିତ ମିଶି କୁନିକୁନି ଘାସଗଛ ସବୁ ବାଛି ଦେଉଥିଲେ ସେ। ଅସରାଏ ବର୍ଷା ହୋଇ ଛାଡ଼ିଯିବା ପରେ ଏଥର ଗାତ ଖୋଳିବା ପାଳି। ବାପା କୁନି କୋଦାଳଟିଏ ଧରି ଗାତ କରିବେ। ଆଉ ନିବେଦିତା ସେଇ ଗାତମାନଙ୍କରେ ଗୁଆଁର, ଝୁଡ଼ଙ୍ଗ, ବରଗୁଡ଼ି, ଶିମ୍ବ ଆଦି ମଞ୍ଜି ପକାଇ ମାଟି ଘୋଡ଼ାଇ ଚାଲିଥିବେ।

ଦିନେ ଦିନେ ବର୍ଷା ଟପ୍‌ଟପ୍ ବରଷିବା ଆରମ୍ଭ ହେଲେ ବାପା କହନ୍ତି ଗଲୁ ଗଲୁ ମାଆ ଛତା ନେଇଆସିବୁ। ନିଜେ ପଛେ ଗାମୁଛାକୁ ମୁଣ୍ଡରେ ଘୋଡ଼େଇ ହୋଇ ତିନ୍ତୁଥିବେ ଅଥଚ ଝିଅ ଦେହରେ ଟୋପାଏ ପାଣି ପଡ଼ିଲେ ସହି ପାରିବେନି। ନିବେଦିତା ବିଜୁଳି ବେଗରେ ଯାଇ ଘରୁ ଛତା ଆଣି ବାପାଙ୍କ ପଛପଟେ ଛିଡ଼ା ହୋଇଯିବେ। ଯଦି ବାପା କହୁଥିଲେ ''ଆଲୋ ମାଆ! ମଞ୍ଜି ପୋତିବୁନି କି? ଗାତରେ ପାଣି ଭରିଯାଉଛି ଯେ।''

ମନକଥା ମନରେ ଲୁଚାଇ ନିବେଦିତା ଗେହ୍ଲେଇ ହୋଇ କହନ୍ତି- 'ନା ବାପା! ତୁମେ ହିଁ ମଞ୍ଜି ପୋତ। ମୋ' ହାତ କାଦୁଅ ହୋଇଯିବ।' କିନ୍ତୁ କେଜାଣି କେମିତି ଯେ ବୁଝି ପାରନ୍ତି ବାପା। ନିର୍ମଳ ହସଟିଏ ଓଠରେ ଖେଳାଇ କହନ୍ତି, 'ବୁଝୁଛି ଲୋ ମାଆ ବୁଝୁଛି, ଝିଅର ହାତ କାଦୁଅ ହେବାକୁ ଡର ନାହିଁ ଯେ... ବାପା ତିନ୍ତିଯିବ ବୋଲି ଡର। ନୁହଁ?' ବାପାଙ୍କ ମୁହଁକୁ ଚାହିଁ ଫିକ୍‌କିନି ହସି ଦିଅନ୍ତି ନିବେଦିତା।

ହଠାତ୍ ନିଜ କାନ୍ଧ ଉପରେ ସ୍ୱାମୀଙ୍କ ସ୍ପର୍ଶ ପାଇ ପ୍ରକୃତିସ୍ଥ ହୋଇ ଲେଉଟି ଚାହିଁଲେ ସେ। ଏ ଯାବତ୍ ତାଙ୍କ ଓଠ କୋଣରୁ ହସର ଦାଗ ଲିଭି ନ ଥାଏ। ସ୍ୱାମୀ ପଚାରିଲେ, 'ସତ କହିବ ନିବି, ଏଇ ବର୍ଷା ତୁମକୁ କୁଆଡ଼େ ନେଇ ଯାଇଥିଲା?' ହସିଦେଲେ ନିବେଦିତା। ଆଖି ନଚାଇ କହିଲେ, 'ସ୍ମୃତି ରାଇଜକୁ। ବାପାଙ୍କ ପାଖକୁ।'

'ଓହୋ... ସେଇଥିପାଇଁ ନିବିରାଣୀଙ୍କ ଓଠରେ ଏଇ ଶୁଦ୍ଧ ସୁବର୍ଣ୍ଣ ହସ ଚେନାଏ ଝଲସିଉଠୁଛି!' ଚିଡ଼େଇବାକୁ ଯାଇ କହି ପକାଇଲେ ସ୍ୱାମୀ।

ମୋ: ୮୨୪୯୮୦୭୨୬୭



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ଜୁନ୍ ୧୧/୨୦୨୨ Rayagada, Saturday, June 11/ 2022




# ଅଦିତି, ଶିବମ୍, ଆରୁଷୀ, ମନୀଷ ଚାମ୍ପିୟନ

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି):** ଅଲ୍ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟରେ ଅନୁଷ୍ଠିତ ରାଜ୍ୟ ୭ ଓ ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଶେଷ ହୋଇଛି। ଏହାର ୭ ବର୍ଷରୁ କମ୍ ବାଳିକାରେ ଅଦିତି ମହାରଣା ଚାମ୍ପିୟନ ଓ ରତ୍ନପ୍ରଜ୍ଞା ମହାପାତ୍ର ରନର୍ସଅପ୍ ଏବଂ ବାଳକରେ ଶିବମ୍ ଶବତ ଚାମ୍ପିୟନ ଓ ପରଂବ୍ରହ୍ମ ରାଉତ ରନର୍ସଅପ୍ ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳିକାରେ ଆରୁଷୀ ଶ୍ରୀଚନ୍ଦନ ଚାମ୍ପିୟନ ଓ ସୁହାନା ଜେନା ରନର୍ସଅପ୍ ଏବଂ ବାଳକରେ ମନୀଷ କୁମାର ଚାମ୍ପିୟନ ଓ ସତ୍ୟମ ସରବଜିତ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ମୁଖ୍ୟ ଅତିଥି, ରାଜ୍ୟଗୋଷ୍ଠୀ ଚେସ୍ ମେଡାଲିଷ୍ଟ ଶୂନ୍ୟସକ୍ତା ଶତପଥି, ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟର ଡାଇରେକ୍ଟର (ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ) ଗଙ୍ଗାଧର ମିଶ୍ର, ଏଓସିଏ କୋଷାଧ୍ୟକ୍ଷ ଭବେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ସ୍ୱତନ୍ତ୍ର କାରାଗାର ଅନ୍ତେବାସୀଙ୍କୁ ଚେସ୍ ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି):** କଟକ ଚୌଦ୍ୱାରସ୍ଥିତ ମଣ୍ଡଳ କାରାଗାର ଓ ଭୁବନେଶ୍ୱରସ୍ଥିତ ଝାରପଡ଼ା ସ୍ୱତନ୍ତ୍ର କାରାଗାରର ଅନ୍ତେବାସୀଙ୍କୁ ଏକ ଦୁଇ ମାସିଆ ଗୁଣାତ୍ମକ ସ୍ୱତନ୍ତ୍ର ଚେସ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ଭାରତୀୟ ତୈଳନିଗମ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ ଜଣ କାରାଗାର ଅନ୍ତେବାସୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ବ୍ୟକ୍ତି ଆସନ୍ତା ଅକ୍ଟୋବର ୧୩ ଓ ୧୪ ତାରିଖରେ ବିଶ୍ୱ ଚେସ୍ ମହାସଂଘ (ଫିଡେ) ଦ୍ୱାରା ହେବାକୁଥିବା ବିଶ୍ୱ ଅନ୍‌ଲାଇନ୍ ପ୍ରିଜନର୍ସ ଚେସ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ୨୫ ଅନ୍ତେବାସୀଙ୍କ ଉପସ୍ଥିତିରେ ଚୌଦ୍ୱାର ମଣ୍ଡଳ କାରାଗାରରେ ଜେଲ୍ ଅଧିକ୍ଷକ ପ୍ରଦୀପ୍ତ କୁମାର ବେହେରା ଓ କାରାଗାର ଜେଲର ବିଭେନ୍ଦ ଭୂୟାଁ ସକାଳେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଆଉ ୨୫ ଅନ୍ତେବାସୀଙ୍କ ଉପସ୍ଥିତିରେ କାରାଗାର ଅଧିକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ଗେମ୍ ଖେଳି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ଭାରତୀୟ ତୈଳ ନିଗମର ମୁଖ୍ୟ ମହାପ୍ରବନ୍ଧକ ଡି.ପି. ଶତପଥି, ବରିଷ୍ଠ କ୍ରୀଡ଼ା ଅଧିକାରୀ ମହୁଆ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ପ୍ରବନ୍ଧକ (ମାନବ ସମ୍ବଳ) ଏସ.କେ. ପାଣିଗ୍ରାହୀ ଓ ଏଲ୍. ଗୋପିକାଙ୍କ ସହଯୋଗରେ ଅନ୍ତର୍ଜାତୀୟ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ, ଏସ୍‌ଆର୍ ଚେସ୍‌ର ମୁଖ୍ୟ ପ୍ରଶିକ୍ଷକ ସତ୍ୟଜିତ ପଟ୍ଟନାୟକ, ବରିଷ୍ଠ କୋଚ୍ ସୁବାଷ ଚନ୍ଦ୍ର ଶତପଥି ଓ ଅନ୍ତର୍ଜାତୀୟ ରେଟେଡ ଖେଳାଳି ଓ କୋଚ୍ ଅବିନାଶ ଦାସ ପ୍ରଶିକ୍ଷାର୍ଥୀ ମାନଙ୍କୁ ଗୁଣାତ୍ମକ ଚେସ୍ ପ୍ରଶିକ୍ଷଣ ଦେଇଥିଲେ।

# ମନୋଜ ତିୱାରୀଙ୍କ ବିରଳ ରେକର୍ଡ

**ବେଙ୍ଗାଲୁରୁ, ୧୦।୬ (ପି.ଟି.)**

ମନୋଜ ତିୱାରୀ ଶୁକ୍ରବାର ଯେଉଁ ସଫଳତା ହାସଲ କରିଛନ୍ତି ତାହା ରଣଜୀ ଟ୍ରଫି କ୍ରିକେଟର ୮୮ବର୍ଷ ଇତିହାସରେ ପ୍ରଥମ। ଏକ ରାଜ୍ୟ ସରକାରରେ ଜଣେ ମନ୍ତ୍ରୀ ଥାଇ ସେ ଶତକ ହାସଲ କରିପାରିଛନ୍ତି। ଝାଡ଼ଖଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲର ୫ମ ଦିବସ ଖେଳରେ ସେ ୧୩୬ ରନ ସହ ଅପରାଜିତ ରହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମ୍ୟାଚ୍ ଡ୍ର ରହିବାରୁ ବେଙ୍ଗଲ ପ୍ରଥମ ଇନିଂସରେ ବିପୁଳ ଅଗ୍ରଣୀ ଭିତ୍ତିରେ ସେମିଫାଇନାଲରେ ପ୍ରବେଶ କରିଛି। ତିୱାରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାରରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ରହିଛନ୍ତି। ଖେଳ ବେଳେ ସମୟ ସୁବିଧା ଦେଖି ସେ ନିଜ ନିର୍ବାଚନମଣ୍ଡଳୀ ସମ୍ପର୍କିତ ଫାଇଲରେ ସ୍ୱାକ୍ଷର କରନ୍ତି। ସେ ୧୯ ଚୌକା ଓ ୨ ଛକା ଲଗାଇଛନ୍ତି। ବେଙ୍ଗଲର ଏହି ୩୬ ବର୍ଷୀୟ ଖେଳାଳି ମ୍ୟାଚର ପ୍ରଥମ ଇନିଂସରେ ମଧ୍ୟ ୭୩ ରନ କରିଥିଲେ। ବେଙ୍ଗଲ ସେମିଫାଇନାଲରେ ମଧ୍ୟପ୍ରଦେଶକୁ ଭେଟିବ। ଅନ୍ୟ ସେମିଫାଇନାଲ ମ୍ୟାଚ ମୁମ୍ବାଇ ଓ ଉତ୍ତର ପ୍ରଦେଶ ମଧ୍ୟରେ ହେବ। ଉଭୟ ମ୍ୟାଚ ଜୁନ୍ ୧୪ରେ ବେଙ୍ଗାଲୁରୁଠାରେ ଖେଳାଯିବ।







Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. **As per the cumulative global production volume till 21st January 2021. ***Largest two-wheeler selling company in the world for any particular country for the year 2020. *The offer is valid on select models in select cities only and is subject to change without any prior notice. ^Based on offers from empanelled dealers on Wheels of Trust platform. All features may not be part of all products. T&C apply. For further information, contact nearest Hero MotoCorp authorised outlet (s) or call Toll Free No. 1800-266-0018 or visit website www.heromotocorp.com

For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

**Authorized Dealers: Behrampur:** Lakshmi Hero - 9289922184, Lakshmi Motors, **Dharma Nagar** - 9289922184, Lakshmi Automotives, **Gajapati Nagar** - 9289923187; **Jeypore:** Supreme Hero - 9289922183; **Phulbani:** Narayani Hero - 9289922991; **Raygada** Ajit Hero - 9289922819; **Authorized Service Centre: Aska:** Ashok Motors - 8895667200. **Paralakhemundi:** Preetam Enterprises - 9437438068. **Malkangiri:** Kanishka Automobiles - 9437181980. **Nabrangpur:** Arun Sales & Services -9437174795. **Semiliguda:** K. P. Enterprises - 9437070065. **Balugaon:** Mahamayee Motors - 8327793865; **Bhanjanagar:** Rebati Motors - 7737015509.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ